RNI No.ODIODI/2010/33031
୧୭ ବର୍ଷ Volume-17
ISSUE -105 ସଂଖ୍ୟା-୧୦୫
ଭୁବନେଶ୍ୱର, ଶୁକ୍ରବାର ୦୩ ଜୁଲାଇ ୨୦୨୬
Bhubaneswar, Friday 03 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ‘ସମୃଦ୍ଧ ଓଡ଼ିଶା ୨୦୩୬’ ସଂକଳ୍ପ ଦିଗରେ ଐତିହାସିକ ପଦକ୍ଷେପ

ଭୁବନେଶ୍ୱର,୨।୭(ନି.ପ୍ର.): ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଏବଂ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି।

ଆଜି ସ୍ଥାନୀୟ ଲୋକସେବା

- ୟୁଏଇର ଆଇଏଚସି ଗ୍ରୁପ୍ ସହ ମେଗା ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷରିତ
- ୧.୧୦ ଲକ୍ଷ କୋଟି ବ୍ୟୟ, ୫୩,୫୦୦ ନିଯୁକ୍ତି ସୁଯୋଗ
- ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଆମର ମୁଖ୍ୟ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ, ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା ‘ଇପିକଲ୍’ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଛନ୍ତି । ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ସମୁଦାୟ ୫୩,୫୦୦ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ବର୍ତ୍ତମାନ ‘ଗ୍ରୀନ୍ ମେଟାଲ୍ସ’ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏ ଦିଗରେ ଓଡିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମ ସରକାର ‘ସମୃଦ୍ଧ ଓଡ଼ିଶା ୨୦୩୬’ ଏବଂ ‘ବିକଶିତ ଭାରତ ୨୦୪୭’ର ସଂକଳ୍ପ ନେଇ ଆଗକୁ ବଢୁଛି। ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର। ଓଏଚଉ ଗ୍ରୁପ୍ ସହିତ କେବଳ ଆଲୁମିନିୟମ୍ ପ୍ରକଳ୍ପ ନୁହେଁ, ବରଂ ଗବେଷଣା ଓ ବିକାଶ , ମେଟାଲର୍ଜି, ଡିଜିଟାଲ୍ ସିଷ୍ଟମ୍ ଏବଂ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର (ଜିସିସି) ଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ। ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ଏହି ଅବସରରେ ‘ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ’ (ଆଇଏଚସି)ର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର୍ (ସିଏସଓ) ପିଟର ଆବ୍ରାମ କହିଛନ୍ତି ଯେ, ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଓଡ଼ିଶା କେବଳ ଏକ ନିବେଶ ସ୍ଥଳୀ ନୁହେଁ, ବରଂ ଦୀର୍ଘକାଳୀନ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ରଣନୀତିକ ସହଯୋଗୀ ବୋଲି ସେ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ୍ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି। ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ଉତ୍ପାଦନ କେନ୍ଦ୍ର ପାଲଟିଛି। ଏହି ଗଠଣ ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ସମାବେଶରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ୟୁଏଇ ଆଇଏଚସି ଗ୍ରୁପର ନିର୍ଦ୍ଦେଶକ ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଇଣ୍ଟରନ୍ୟାସନାଲ୍ ରିସୋର୍ସେସ୍ ହୋଲ୍ଡିଂର ସିଇଓ ଅଲି ଅଲ୍-ରସ୍‌ଦି, ଓଏଚଉ ଗ୍ରୁପ୍‌ର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦି ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଶିଳ୍ପ ଜଗତର ପ୍ରତିଷ୍ଠିତ ନେତୃବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇପିକଲ୍‌ର ନିର୍ଦ୍ଦେଶିକା ଶ୍ରୀମତୀ ଅବୋଲି ସୁନୀଲ ନରଭଣେ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟଦେବ ବିହାର-ନନ୍ଦନକାନନ ରାସ୍ତା ପାଇଁ ୫୭୯ କୋଟି

ଭୁବନେଶ୍ୱର,୨।୭(ନି.ପ୍ର.): ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାରେ ଭିଡ କମାଇବା ପାଇଁ ରାଜ୍ୟ ସରକାର ମେଗା ଯୋଜନା କରିଛନ୍ତି। ଜୟଦେବ ବିହାର, ନନ୍ଦନକାନନ, ବାରଙ୍ଗ ଓ କଟକ ମଧ୍ୟରେ ନିରବଚ୍ଛିନ୍ନ ଯାତାୟାତକୁ ସୁନିଶ୍ଚିତ କରିବା ସହ ଯାତ୍ରା ସମୟ, ଯାନ ପରିଚାଳନା ବ୍ୟୟ ଓ ଦୁର୍ଘଟଣାଜନିତ ବିପଦକୁ ହ୍ରାସ ଲକ୍ଷ୍ୟରେ ଏହି ରାସ୍ତାରେ ୬ଟି ଫ୍ଲାଏଓଭର ନିର୍ମାଣ କରାଯିବ। ଏଥିପାଇଁ ୫୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ୨ ବର୍ଷ ମଧ୍ୟରେ ପ୍ରକଳ୍ପ ଶେଷ ହେବ। ରାଜ୍ୟ କ୍ୟାବିନେଟ୍ ଦିନେଶ ଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଟେଣ୍ଡରକୁ ଅନୁମୋଦନ କରିଛି।

ପୂର୍ତ୍ତ ବିଭାଗ ପକ୍ଷରୁ ହୋଇଥିବା ଯୋଜନା ଅନୁଯାୟୀ, କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪)ରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ପ୍ରାୟ ୯କିମି ୫୦୦ ମିଟରର ରାସ୍ତାର ରୂପରେଖ ବଦଳିବ। ଏହି ରାସ୍ତା ୬ଲେନ୍ ବିଶିଷ୍ଟ ରହିଛି। ଏହାକୁ ୮ଲେନ୍ କରାଯିବ। ଏହାସହ ସର୍ଭିସ୍ ରୋଡ୍ ରହିବ। ଏଥିରେ ଜୟଦେବ ବିହାର ଛକରେ ଏନ୍‌ଏଚ୍-୧୬ ଉପରେ ୪ଲେନ୍ କେବଲ୍ ଷ୍ଟେଡ୍ ସେତୁ ନିର୍ମାଣ କରାଯିବ। ଜୟଦେବ ବିହାର ଫ୍ଲାଏଓଭର ଉପରେ ଏହାକୁ ନିର୍ମାଣ କରାଯିବ। କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ, କିଟ୍ ଛକ ସମେତ କଳାରାହାଙ୍ଗ ଛକରେ ସ୍ୱତନ୍ତ୍ର ୪-ଲେନ୍ ବିଶିଷ୍ଟ ଫ୍ଲାଏଓଭର, ମାଇନର ବ୍ରିଜ୍, କ୍ରସ୍ ଡ୍ରେନେଜ୍ ସଂରଚନା, ଫ୍ଲାଏଓଭର ସହ ୮ଲେନ୍ ବିଶିଷ୍ଟ ରାସ୍ତା ରହିବ। ଅର୍ଥାତ୍ ଉପରେ ଫ୍ଲାଏଓଭରରେ ୪ଲେନ୍ ତଳେ ୪ଲେନ୍ ରାସ୍ତା। ରାସ୍ତା କଡରେ ଡ୍ରେନେଜ୍ ସୁବିଧା, ୫.୫ମିଟରର ସର୍ଭିସ୍ ରୋଡ୍, ୭.୫ମିଟରର ସ୍ଲିପ୍ ରୋଡ୍, ରାଉଣ୍ଡବାଉଟ୍, ଛକଗୁଡ଼ିକର ଉନ୍ନତି, ରାସ୍ତା ସୌନ୍ଦର୍ଯ୍ୟକରଣ, ରୋଡ୍ ମାର୍କିଂ, ରୋଡ୍ ଫର୍ଣ୍ଣିଚର୍, ସଡକ ସୁରକ୍ଷା, ପାର୍କିଂ ବେ, ବ୍ରିଜ୍ ଆଲୋକୀକରଣ ବ୍ୟବସ୍ଥା ରହିବ। ଏହି ରାସ୍ତାରେ ପର୍ଯ୍ୟାପ୍ତ ବୃକ୍ଷରୋପଣ ସହ ୧୦ବର୍ଷ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର କେଣସି ତ୍ରୁଟି ଥିଲେ ତାକୁ ସଜାଡିବା, ରକ୍ଷଣାବେକ୍ଷଣ ପାଇଁ ନିର୍ମାଣକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି।

ଏହି ରାସ୍ତାରେ ଫ୍ଲାଏଓଭର ସହ ଅଣ୍ଡରପାସ୍, ଭୂତଳ ପାର୍କିଂ, ସବ୍‌ୱେ ସହ ଜଙ୍କସନରେ ବାଣିଜ୍ୟିକ ବିକାଶକୁ ନଜରରେ ରଖି ଏହି ଡିଜାଇନ୍ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଭୁବନେଶ୍ୱରରେ ଦୀର୍ଘମିଆଦୀ ପରିବହନ ଓ ସହରୀ ବିକାଶ ରଣନୀତିକୁ ସହାୟକ ହେବ ବୋଲି କୁହାଯାଇଛି। ଅପରପକ୍ଷେ ଏହି ରାସ୍ତାରେ ପୂର୍ବରୁ ମେଟ୍ରୋ ଗଡିବ ବୋଲି ଯେଉଁ ଏଲିଭେଟେଡ୍ କରିଡର୍ ଡିଜାଇନ୍ ହୋଇଥିଲା ସେହି ସ୍ଥାନରେ ଫ୍ଲାଏଓଭର ନିର୍ମାଣ ହେବାକୁ ଥିବାରୁ ମେଟ୍ରୋ ଗଡିବା ବାଟ ପୂରା ବନ୍ଦ ହୋଇଯାଇଛି। ସେହିପରି ଆଜି ରାଜ୍ୟ କ୍ୟାବିନେଟ୍ ବୈଠକରେ ସୁନ୍ଦରଗଡ ଜିଲ୍ଲାର ଡୁଡୁକା-ଗୋପାଳପୁର-ଟପରିଆ ହୋଇ ଓଡିଶା-ଛତିଶଗଡ ସୀମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ନିଷ୍ପତ୍ତି ହୋଇଛି। ଖଣି ଅଞ୍ଚଳର କାର୍ଯ୍ୟାନୁଷ୍ଠାନଗତ ଆବଶ୍ୟକତା ଏବଂ ଆଞ୍ଚଳିକ ସଂଯୋଗକୁ ନିରବଚ୍ଛିନ୍ନ ରଖିବା ପାଇଁ ବର୍ତ୍ତମାନ ରାସ୍ତାର ୪.୭କିମିରୁ ୧୧.୫ କିମି ପର୍ଯ୍ୟନ୍ତ ମୋଟ୍ ୬.୮ କିମିର ରାସ୍ତାକୁ ୬-ଲେନ୍ ବିଶିଷ୍ଟ କରାଯିବା ସହ ସର୍ଭିସ୍ ରୋଡ୍‌ର ବିକାଶ କରାଯିବ। ଏହି ରାସ୍ତାକୁ ସିମେଣ୍ଟ କଂକ୍ରିଟ୍ ରାସ୍ତା ଦ୍ୱାରା ବିକଶିତ କରାଯିବ। ଏଥିପାଇଁ ୧୬୦ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ରାସ୍ତା କାମ ୧୮ ମାସରେ ସରିବ। ରାସ୍ତା କାମ ଦିଲ୍ଲୀପ ବିଲ୍ଡକନ୍ ଲିମିଟେଡ୍ କରିବ। ଏହି ଟେଣ୍ଡରକୁ ଆଜି କ୍ୟାବିନେଟ୍ ଅନୁମୋଦନ ମିଳିଛି।

**ଜୟଦେବ ବିହାର ଛକରେ କେବଲ୍-ଷ୍ଟେଡ୍ ସେତୁ**

**୨ ବର୍ଷରେ କାମ ସରିବ**

## ଲଘୁଚାପ କ୍ଷେତ୍ର ସୃଷ୍ଟି

ଭୁବନେଶ୍ୱର,୨।୭(ନି.ପ୍ର.); ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡିଶା ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ଆଡକୁ ଢଳି ରହିଛି। ଆଗାମୀ ୨-୩ ଦିନ ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏନେଇ ଗୁରୁବାର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଛି ସୂଚନା। ସୂଚନାଯୋଗ୍ୟ, ରାଜ୍ୟର ୫ଟି ସ୍ଥାନରେ ଗତ ୨୪ ଘଣ୍ଟାରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ବରଗଡ ଅମ୍ବାଭୋନାରେ ସର୍ବାଧିକ ୧୮୦ ମିମି ବର୍ଷା ରେକର୍ଡ କରାଯାଇଛି। ଯୁଯୁମୁରାରେ ୧୩୦.୮ମିମି, ଅତାବିରାରେ ୧୨୦, ଉଟଲିରେ ୧୧୦.୮ ଓ ବୀରମହାରାଜପୁରରେ ୧୦୭ ମିଲିମିଟର ବର୍ଷା ରେକର୍ଡ ହୋଇଛି।

### ପଥର ଖାଦାନରେ ବଡ ଅଘଟଣ

## ଗ୍ରାନାଇଟ ଖଣ୍ଡ ଭୁଶୁଡ଼ି ଚାଲିଗଲା ୯ ଜୀବନ

ବେଙ୍ଗାଲୁରୁ,୨।୭(ନି.ପ୍ର.): ବେଙ୍ଗାଲୁରୁ ଉପକଣ୍ଠ ଗୋଟିଏ ପଥର ଖାଦାନରେ ଘଟିଛି ବଡ ଅଘଟଣ। ଏଠାରେ ଶ୍ରମିକମାନେ କାମ କରୁଥିବା ବେଳେ ହଠାତ୍ ଗୋଟିଏ ବିରାଟକାୟ ଗ୍ରାନାଇଟ ଖଣ୍ଡ ଭୁଶୁଡି ପଡିଛି। ଏଥିଯୋଗୁ ୯ ଜଣ ଶ୍ରମିକ ଶ୍ରମିକ ପ୍ରାଣ ହରାଇଛନ୍ତି। ସେହିପରି ସେଠାରେ କାମ କରୁଥିବା ଆଉ କିଛି ଶ୍ରମିକ ବଡବଡ ପଥର ଖଣ୍ଡ ତଳେ ଚାପି ହୋଇ ରହିଥିବା କୁହାଯାଉଛି।

ମୃତ ଶ୍ରମିକମାନେ ମୁଖ୍ୟତଃ ବିହାର ଓ ଆସାମରୁ ଆସିଥିବା ପ୍ରବାସୀ ଦୈନିକ ମଜୁରିଆ। ସେମାନେ ବେଙ୍ଗାଲୁରୁ ସହର ଓ ବେଙ୍ଗାଲୁରୁ ଦକ୍ଷିଣ ସୀମାରେ ଥିବା ମାଦାପଟ୍ନା ଅଞ୍ଚଳର ଏକ ଷ୍ଟୋନ୍ କ୍ରସର ୟୁନିଟ୍‌ରେ କାମ କରୁଥିଲେ। ଦୁର୍ଘଟଣାରେ ସେମାନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଆହତ ହୋଇଥିବା କିଛି ଶ୍ରମିକଙ୍କୁ ନିକଟସ୍ଥ ଗୋଟିଏ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ କହିଛି ଯେ ଶ୍ରମିକମାନେ ପଥର ଖାଦାନ ଭିତରେ କାମ କରୁଥିବା ବେଳେ ଗୋଟିଏ ଟ୍ରାକ୍ଟର ସାହାଯ୍ୟରେ ଖଣିର ଉପର ଭାଗରୁ ବିଶାଳ ଗ୍ରାନାଇଟ ପଥର ସ୍ଥାନାନ୍ତର କରାଯାଉଥିଲା। ଏହି ସମୟରେ ବିରାଟକାୟ ଗ୍ରାନାଇଟ ପଥରଟି ହଠାତ୍ ଖସିପଡ଼ିଥିଲା।

## ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ ଓ ମନମୋହନ

ଭୁବନେଶ୍ୱର୨।୭(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର ସୂଚନା ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମିଲ ମଧ୍ୟ ଦିଲ୍ଲୀ ଯିବେ । ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ସହିତ ସାକ୍ଷାତ ହେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ମୁଖ୍ୟମନ୍ତ୍ରୀ ଦଳୀୟ ନେତୃବୃନ୍ଦ ସହିତ ମଧ୍ୟ ସାକ୍ଷାତ କରିପାରନ୍ତି । ଅନ୍ୟପକ୍ଷରେ ଏକା ସାଙ୍ଗରେ ରାଜ୍ୟ ମୁଖ୍ୟ ଏବଂ ଦଳୀୟ ମୁଖିଆଙ୍କ ଗସ୍ତକୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉପରେ ଏକ ମହତ୍ୱପୂର୍ଣ୍ଣ ଆଲୋଚନା ଏବଂ ନିଷ୍ପତ୍ତି ହେବାର ଅନୁମାନ କରାଯାଉଛି । ନିକଟରେ ମୋହନ ସରକାରଙ୍କୁ ଦୁଇ ବର୍ଷ ପୂରଣ ହୋଇଛି । ଦୁଇ ବର୍ଷ ମଧ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇ ନାହିଁ ।

## ୨୦ ସୁଦ୍ଧା ନିଟ ୟୁଜି ପୁନଃ ପରୀକ୍ଷା ରେଜଲ୍ଟ

ଭୁବନେଶ୍ୱର,୨।୭(ନି.ପ୍ର.); ଆସନ୍ତା ଜୁଲାଇ ୨୦ ସୁଦ୍ଧା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏ ପକ୍ଷରୁ ନିଟ୍ ୟୁଜି ରେଜଲ୍ଟକୁ ଘୋଷଣା କରାଯିବ। ପ୍ରଶ୍ନପତ୍ର ଲିକ ଯୋଗୁ ନିଟ୍ ୟୁଜି ୨୦୨୬ର ପୁନଃ ପରୀକ୍ଷା ଜୁନ ୨୧ରେ ହୋଇଥିଲା। ଭାରତର ୫୪୪୦ ଓ ବିଦେଶର ୧୪ଟି କେନ୍ଦ୍ରରେ ୨୦ଲକ୍ଷରୁ ଅଧିକ ପିଲା ନିଟ ୟୁନି ପୁନଃ ପରୀକ୍ଷାରେ ଭାଗ ନେଇଥିଲେ।

ନିଟ ୟୁଜି ୨୦୨୬ର ମୂଳ ପରୀକ୍ଷା ମେ’ ୩ରେ ହୋଇଥିଲା। କିନ୍ତୁ ପ୍ରଶ୍ନପତ୍ର ଲିକ ଯୋଗୁ କେନ୍ଦ୍ର ସରକାର ପରୀକ୍ଷାକୁ ବାତିଲ କରି ଦେଇଥିଲେ। ଏହାକୁ ନେଇ ସମଗ୍ର ଦେଶରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା।

ଅନେକ ନିଟ ଆଶାୟୀ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏ ସବୁ ଭିତରେ ଏନଟିଏ ପୁଣି ଜୁନ ୨୧ରେ ସମଗ୍ର ଦେଶରେ ନିଟ ପରୀକ୍ଷା ଆୟୋଜନ କରିଥିଲା। ଏବେ ଏହାର ରେଜଲ୍ଟ ଜୁଲାଇ ୨୧ ସୁଦ୍ଧା ପ୍ରକାଶ ପାଇବ ବୋଲି ଜଣାପଡିଛି। ଏନଟିଏର ଜଣେ ଅଧିକାରୀ କହିଛନ୍ତି, “ଆମେ ଶିକ୍ଷାବର୍ଷରେ କୌଣସି ବିଭ୍ରାଟ ଚାହୁଁନାହୁଁ। ତେଣୁ ରେଜଲ୍ଟକୁ ଯଥାଶୀଘ୍ର ପ୍ରକାଶ କରିବାକୁ ଚେଷ୍ଟା କରୁଛୁ। ଆମେ ଜୁଲାଇ ୨୦ ସୁଦ୍ଧା ରେଜଲ୍ଟ ଘୋଷଣା କରିବାକୁ ଲକ୍ଷ୍ୟ ରଖିଛୁ। ସାଧାରଣତଃ ପରୀକ୍ଷାର ୪୫ ଦିନ ମଧ୍ୟରେ ଫାଳଫଳ ପ୍ରକାଶ ପାଇଥାଏ।ଏହାର ଅର୍ଥ ଅଗଷ୍ଟ ୫ ହେଉଛି ଫଳାଫଳ ପ୍ରକାଶର ସ୍ୱାଭିବକ ସମୟ। କିନ୍ତୁ ଆମେ ପାଷ୍ଟ ଟ୍ରାକ ଭିତରେ ନିଟ୍ ୟୁଜି ପରୀକ୍ଷାର ରେଜଲ୍ଟ ପ୍ରକାଶ କରିବାକୁ ଚାହୁଁଛୁ। ଏଥିପାଇଁ ଜୁଲାଇ ୨୦ ସୁଦ୍ଧା ରେଜଲ୍ଟ ବାହାରିବ ବୋଲି ଆଶା କରିଛୁ।” ସୂତ୍ର ଅନୁସାରେ, ରେଜଲ୍ଟ ପ୍ରକାଶ କରିବା ପାଇଁ ଏନଟିଏ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ସବୁ ନେଉଛି। ଏମବିବିଏସ ଶିକ୍ଷାର୍ଥୀଙ୍କ ଶିକ୍ଷାବର୍ଷ ଯେମିତି ବିଳମ୍ବିତ ନ ହେବ, ତା’କୁ ଗୁରୁତ୍ୱ ଦେଉଛି ଏନଟିଏ। ଏନଟିଏ ପକ୍ଷରୁ ଜୁନ ୨୫ରେ ନିଟ୍ ପ୍ରୋଭିଜନାଲ ଉତ୍ତର ସୂଚୀ ପ୍ରକାଶ କରାଯାଇଥିଲା। ଆଶାୟୀମାନଙ୍କୁ ଜୁନ୍ ୨୮ ଯାଏ ଏହା ଉପରେ ଆପତ୍ତି ଓ ଅଭିଯୋଗ ଦାଖଲ କରିବାର ସୁଯୋଗ ଦିଆଯାଇଥିଲା। ଅସ୍ଥାୟୀ ଉତ୍ତର ସୂଚୀ ଉପରେ ପ୍ରାୟ ୧୦ ହଜାର ଅଭିଯୋଗ ଦାଖଲ ହୋଇଛି। ଜୁନ୍ ୨୫ରେ ଜାରି କରାଯାଇଥିବା ସାର୍ବଜନୀନ ବିଜ୍ଞପ୍ତିରେ ଏନଟିଏ କହିଥିଲା ଯେ ଯଥାଶୀଘ୍ର ନିଟ୍ ୟୁଜି ୨୦୨୬ର ଚୂଡ଼ାନ୍ତ ଉତ୍ତର ସୂଚୀ ପ୍ରକାଶ କରିବା ସହ ପରୀକ୍ଷା ଫଳ ଘୋଷଣା କରାଯିବ।

### ଡାହୁକ



ଶିଳ୍ପ ପ୍ରେମେ ପଡ଼ି ସଲା ସୁତୁରାରେ
ସରକାର କରେ ନାଟ
ହଜାର ହଜାର କୋଟି ହରିଲୁଟ୍
ରାଜସ୍ୱରୁ ହୁଏ କାଟ
ତା’ ପାଇଁ ଆଦାୟ ବାଟ
ନ କରି ସର୍କାର ଆମରି ପିଠିରେ
ଲଗାଏ ଶୁଳ୍କର ଛାଟ।

-ବିଥି

## ଗଛରେ ପିଟିହୋଇ ଦୁଇ ବାଇକ୍ ଆରୋହୀ ମୃତ

ଭୁବନେଶ୍ୱର,୨।୭(ନି.ପ୍ର.): ଗତକାଲି ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡା ବୁଲାଣି ନିକଟରେ ଗଛରେ ପିଟି ହୋଇ ଦୁଇଜଣ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ପୁରୀଜିଲ୍ଲା ନିମାପଡା ଚାରିଛକ ଅଞ୍ଚଳର ଦେବାଂଶୁ ପ୍ରଧାନ(୨୨) ଓ ଅନୁଗୁଳ ଜିଲ୍ଲାର ସିପୁନ ସାହୁ(୨୧)। ସିପୁନ ଭୁବନେଶ୍ୱରରେ ରହି ରାଜଧାନୀ କଲେଜରେ ବିସିଏ ପଢୁଥିବା ବେଳେ ଦେବାଂଶୁ ୧୦୮ ଆମ୍ବୁଲାନ୍ସ କଣ୍ଟ୍ରୋଲରୁମ୍‌ରେ କାମ କରୁଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌ସ ପଠାଇଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ରାତି ପ୍ରାୟ ୨ଟା ସମୟରେ ଏକ କେଟିଏମ୍ ବାଇକ୍‌ରେ ଦେବାଂଶୁ ଓ ସିପୁନ ପୋଖରୀପୁଟରୁ ଖଣ୍ଡଗିରି ଅଭିମୁଖେ ଆସୁଥିଲେ। ଗଣ୍ଡମୁଣ୍ଡା ବୁଲାଣି ହମ୍ପ୍‌ସ୍‌ରେ ଗାଡି ଉପରୁ ଭାରସାମ୍ୟ ହରାଇ ସେମାନେ ଏକ ଗଛରେ ପିଟି ହୋଇଯାଇଥିଲେ। ବାଇକ୍‌ଟି ଦ୍ରୁତଗତିରେ ଥିବାରୁ ଗଛରେ ଧକ୍କା ହେବା ପରେ ସେମାନେ ପ୍ରାୟ ୨୦ମିଟର ଦୂରକୁ ଫୋପାଡି ହୋଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଘରେ ମାଡ ହୋଇଥିଲେ। ଉଭୟଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ପ୍ରଚଣ୍ଡ ଶବ୍ଦ ହେବାରୁ ଆଖପାଖରେ ରହୁଥିବା ଲୋକେ ଘର ବାହାରକୁ ଆସି ଦେଖିବା ବେଳକୁ ସିପୁନଙ୍କର ମୃତ୍ୟୁ ହୋଇସାରିଥିଲା। ଦେବାଂଶୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପିସିଆର୍ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ଦେବାଂଶୁଙ୍କୁ ଏମ୍‌ସ ନେବା ବେଳକୁ ଅଧା ବାଟରେ ତାଙ୍କର ଜୀବନ ଚାଲିଯାଇଥିଲା। ଆଜି ଏମ୍‌ସରେ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା।

# ଶୁଖୁଛି ମହାନଦୀ,କମିଲା ବିଜୁଳି ଉତ୍ପାଦନ

ସମ୍ବଲପୁର,୨।୭(ନି.ପ୍ର.):: ଶୁଖିଲା ପଡ଼ିଛି ମହାନଦୀ, ଉପର ମୁଣ୍ଡରେ ବର୍ଷା ହେଉନି। ଏଥିଯୋଗୁଁ ନାମମାତ୍ର ହେଉଛି ବିଜୁଳି ଉତ୍ପାଦନ। କାରଖାନା ଜଳଯୋଗାଣକୁ ଅକ୍ଷୁଣ୍ଣ ରଖି ହୀରାକୁଦ ଜଳଭଣ୍ଡାରର ଜଳସ୍ତରକୁ ସୁରକ୍ଷିତ ସ୍ତରରେ ରଖିବାକୁ ବିଜୁଳି ଉତ୍ପାଦନ ପାଇଁ ଜଳଯୋଗାଣ କମ୍ କରିଦିଆଯାଇଛି। ଫଳସ୍ୱରୂପ ଆଜି ଚିପିଲିମା ଜଳବିଦ୍ୟୁତ୍ କେନ୍ଦ୍ରରେ ସକାଳେ ବିଜୁଳି ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ଏବଂ ବୁର୍ଲାରେ ୧୧.୬ ମେଗାୱାଟ୍ ହୋଇଛି। ସନ୍ଧ୍ୟାରେ ଚିପିଲିମାର ଗୋଟିଏ ୟୁନିଟ୍ ଜରିଆରେ ୧୨ ମେଗାୱାଟ୍ ଏବଂ ବୁର୍ଲାରେ ୧୧ ମେଗାୱାଟ୍ ଉତ୍ପାଦନ ହେଉଥିବା ନେଇ ହୀରାକୁଦ ଜଳଭଣ୍ଡାର ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୦.୬୫ ଫୁଟରେ ରହିଛି, ଯାହାକି ଗତବର୍ଷ ଆଜିର ତାରିଖ ତୁଳନାରେ ୦.୨୦ ଫୁଟ କମ୍। କେବଳ ଆଜି ନୁହେଁ, ଲଗାତାର ଭାବରେ ଏହିଭଳି ସ୍ତର ରହିଆସିଛି। ହୀରାକୁଦ ନଦୀବନ୍ଧର ପୂର୍ବତନ ମୁଖ୍ୟଯନ୍ତ୍ରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି, ହୀରାକୁଦର ୩୦ ହଜାର କ୍ୟୁସେକ୍ ପାଣି ପାୱାର୍ ଚାନେଲ୍‌ରେ ଛଡାଗଲେ ସର୍ବାଧିକ ବିଜୁଳି ଉତ୍ପାଦନ ହୋଇଥାଏ। ଏହା କରାଗଲେ, ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଇ ୫୯୦ ଫୁଟ ସ୍ତରକୁ ଖସି ଆସିବ। ଜଳସେଚନ ପ୍ରଭାବିତ ହେବ। ତେଣୁ ବିଦ୍ୟୁତ ଉତ୍ପାଦନ ପାଇଁ କମ୍ ପାଣି ଛଡାଯାଉଛି। ଓଏଚ୍‌ପିସି ୟୁନିଟ୍ ମୁଖ୍ୟ ଜ୍ୟୋତିର୍ମୟ ଦାସ କହିଛନ୍ତି, ମହାନଦୀ ଜଳସ୍ତର ଖରାପ ସ୍ଥିତିରେ ରହିଛି। ଜଳଭଣ୍ଡାରର ବୁର୍ଲା ଓ ଚିପିଲିମା ପାୱାରହାଉସ୍ ମଧ୍ୟରୁ ଚିପିଲିମାରେ ବିଜୁଳି ଉତ୍ପାଦନ ବନ୍ଦ ରହିଛି। ସର୍ବାଧିକ ଗୋଟିଏ ୟୁନିଟ୍ ହିଁ କାର୍ଯ୍ୟ କରିପାରୁଛି। ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଜୁଳି ଉତ୍ପାଦନ ସ୍ୱାଭାବିକ ଥିଲା। କିନ୍ତୁ ଏପ୍ରିଲ ୨୦ ତାରିଖରୁ ମହାନଦୀର ଜଳସ୍ତର କମ୍ ହେବାରୁ ବିଜୁଳି ଉତ୍ପାଦନ କମିବାରେ ଲାଗିଛି ଓ ବିଭିନ୍ନ ସମୟରେ ବନ୍ଦ ହୋଇଯାଉଛି। ବୁର୍ଲା ପାୱାରହାଉସ୍‌ର ରଞ୍ଜନ ମହାନ୍ତି କହିଛନ୍ତି, ସକାଳେ ବିଜୁଳି ଉତ୍ପାଦନ ବନ୍ଦ ରହୁଛି। କିନ୍ତୁ ସନ୍ଧ୍ୟାରେ ଗୋଟିଏରୁ ୩ଟି ୟୁନିଟ୍ ଜରିଆରେ ଯାହା କିଛି ଉତ୍ପାଦନ ହେଉଛି। ଜଳସ୍ତର କମ୍ ଥିବା ହେତୁ ଏଭଳି ସ୍ଥିତି ଉପୁଜିଛି।

## ବିଜେପି ନେତ୍ରୀ  ଅଲକା ଜେନାଙ୍କ ଦ୍ୱାରା ୩୦୦ ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମାଗଣା ସାନିଟାରୀ ପେଡ଼ ବଣ୍ଟନ

ଜଳେଶ୍ୱର,୨ ।୭:(ମନ୍ଥନ)ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତ ଅଧୀନ  ବଙ୍ଗା ଗ୍ରାମରେ ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚ କାର୍ଯ୍ୟକାରିଣୀ ସଦସ୍ୟା ଅଲକା ଜେନାଙ୍କ ଦ୍ୱାରା ଓଡିଶା ସରକାରଙ୍କ ଦୁଇ ବର୍ଷ ଏବଂ କେନ୍ଦ୍ର ସରକାରଙ୍କର ୧୨ ବର୍ଷ ପୂର୍ତ୍ତି ଅବସରରେ

ନାରୀ ମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହିତ ନିଜେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେଥି ପ୍ରତି ଧ୍ୟାନ ଦେବା ପାଇଁ  ପରାମର୍ଶ ଦିଆ ଯାଇଥିଲା । ଶେଷରେ ତିନି ଶହରୁ ଉର୍ଦ୍ଧ୍ୱ ସାନିଟାରୀ ପେଡ଼ ଉପସ୍ଥିତ ମାଆ, ଭଉଣୀ ମାନଙ୍କୁ ପ୍ରଦାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାକର ନାଥ, ବିଶ୍ୱନାଥ ମହାନ୍ତି, ବଳରାମ ହେମ୍ବ୍ରମ, ବାବଲା ହେମ୍ବ୍ରମ, ଜିତାଂଶୁ ନାଥ, ଧରଣୀ ଜେନା, ତିବରୁ ଟୁଡୁ, ଶଙ୍କର ଟୁଡୁ, କାର୍ତ୍ତିକ ମାରାଣ୍ଡି, ସତ୍ୟସାଧନ ନାଥ, ଶିଶିର ଜେନା, ନରୋତ୍ତମ ନାଥ , ବିବେକ ଜେନା,ସନ୍ତୋଷ ଜେନା, ସାଗର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟ ସେବାର ଅଚଳାବସ୍ଥା ଦୂର ପାଇଁ ସରକାର ସହାନୁଭୂତିଶୀଳ ହୁଅନ୍ତୁ -ସିପିଏମ୍

ଜଳେଶ୍ୱର,୨ ।୭:(ମନ୍ଥନ)ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ଓ ସରକାରଙ୍କ ଯିଦ୍ ଯୋଗୁଁ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଡାକ୍ତରମାନେ ଚିକିତ୍ସା ବର୍ଜନ ଡାକରା ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତିଯଫଳରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁଠି ରୋଗୀ ଚିକିତ୍ସା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ରୋଗୀମାନେ ଚିକିତ୍ସିତ ହୋଇ ନପାରି ହନ୍ତସନ୍ତ ହେଉଛନ୍ତି । ଗୁରୁତର ରୋଗରେ ପୀଡିତ ଲୋକଙ୍କର ଜୀବନ ବିପନ୍ନ ହେବାକୁ ବସିଛି । ମାତ୍ର ସରକାର ଆଲୋଚନା ମାଧ୍ୟମରେ ଡାକ୍ତରମାନଙ୍କର ଦାବୀ ଗୁଡ଼ିକୁ ପୂରଣ କରିବା ପରିବର୍ତ୍ତେ ଏସମା ଲଗାଇବାକୁ ଧମକ ଦେଉଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସରକାରୀ ସ୍ୱାସ୍ଥ୍ୟ ସେବା ଉପରେ ନିର୍ଭର କରୁଥିବା ଲୋକମାନେ ରହୁଁଛନ୍ତି ଏଭଳି ଅଚଳାବସ୍ଥା ତୁରନ୍ତ ଦୂର ହେଉ । ସରକାର ସହାନୁଭୂତିଶୀଳ ହୁଅନ୍ତୁ । ହେଲେ ସରକାର ବାସ୍ତବ ଚିତ୍ର ବୁଝିବାରେ ଅସମର୍ଥ ବୋଲି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ତରଫରୁ ଅଭିଯୋଗ କରାଯାଇଛି । ସାମାନ୍ୟ ଥଣ୍ଡା ଜ୍ୱର ହେଲେ ଯେଉଁମାନେ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଆନ୍ତି ସେମାନେ ମୁହଁରେ ସିନା ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟନ୍ତି କିନ୍ତୁ ଅନ୍ତର ଭିତରେ ଘରୋଇ ଡାକ୍ତରଖାନାର ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରନ୍ତି । ଏଭଳି ଜନବିରୋଧୀ ନୀତିରୁ ସରକାର ନିବୃତ୍ତ ରହି ତୁରନ୍ତ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ନିମିତ୍ତ ସରକାରୀ ଡ଼ାକ୍ତରଖାନାରେ କିପରି ସୁରୁଖୁରୁରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ସିପିଏମର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ ଓ ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡ଼ା ଏକ ମିଳିତ ପ୍ରେସ ବିବୃତିରେ ଦାବି କରିଛନ୍ତି ସରକାର ନିଜ ଯିଦରୁ ଓହରି ଆସି ଡାକ୍ତରମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରନ୍ତୁ ଓ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର କରନ୍ତୁ । ନଚେତ୍ ଲୋକମାନେ ମଧ୍ୟ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ।

## ବଲଙ୍ଗା ଥାନାରେ ନିଶା ମୁକ୍ତ ଭାରତ ଅଭିଯାନ

ବଲଙ୍ଗା,୨ ।୭:(ମନ୍ଥନ)ସମାଜକୁ ନିଶାମୁକ୍ତ କରିବା ସହ ସମାଜରେ  ସୁସ୍ଥ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ବୁଧବାର ଦିନ ବଲଙ୍ଗା ଥାନା ପରିସରରେ 'ନିଶା ମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ ଆମ ପୁଲିସ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନାର ସମସ୍ତ ପୁଲିସ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ରାଜନେତା, ସ୍ୱେଚ୍ଛାସେବୀ ମାନେ ଏକତ୍ରିତ ହୋଇ ନିଶା ବିରୋଧରେ ଲଢ଼େଇ କରିବା

ପାଇଁ ସାମୂହିକ ଶପଥ ନେଇଥିଲେ । ସମାଜରୁ ନିଶା କାରବାରର ସମ୍ପୂର୍ଣ୍ଣ ଦୂର କରିବା ଓ ଯୁବଗୋଷ୍ଠିଙ୍କୁ ଏହି ସାମାଜିକ ବ୍ୟାଧିରୁ ରକ୍ଷା କରିବା ପାଇଁ ପୁଲିସ ପ୍ରଶାସନ ସର୍ବଦା ଚେଷ୍ଟିତ ଓ ନିଶାମୁକ୍ତ ସମାଜ ଗଠନ କରିବା ଦିଗରେ ସମସ୍ତେ ଆଗେଇ ଆସିଲେ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ଆଇ ଆଇ ସି ସସ୍ମିତା ସାହୁ କହିଥିଲେ । କାର୍ଯ୍ୟକ୍ରମରେ ଥାନା ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ଅତସି ଜେନା,ଏ ଏସ ଆଇ ପ୍ରଶାନ୍ତ ବେହେରା, ଅକ୍ଷୟ ମହାନ୍ତି, ହାବିଲ ଦାର ବ୧୦। ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଏଏମ୍/ଏନ୍ଏସ୍ ପୋର୍ଟସ୍‌ର ପୋଲିଓ ମୁକ୍ତ ଅଭିଯାନ : ୬,୫୫୧ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ

ପାରାଦୀପ,୨ ।୭:(ମନ୍ଥନ)ଏଏମ୍/ଏନ୍ଏସ୍/ପୋର୍ଟସ୍ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ପାରାଦ୍ୱୀପର ପ୍ରତ୍ୟେକ ଲୋକଙ୍କ ପାଖରେ ଜୀବନରକ୍ଷାକାରୀ ପୋଲିଓ ଟିକା ପହଞ୍ଚିବା ସୁନିଶ୍ଚିତ କରିବା ସହ ଜନସ୍ୱାସ୍ଥ୍ୟ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି ।୨୮ ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲ୍ ସହଯୋଗରେ ପରିଚାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ  ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା । ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬,୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ଏହି ଅଭିଯାନ ଅନ୍ତର୍ଗତ ହସ୍ପିଟାଲ, ଶିକ୍ଷାଞ୍ଚଳ, ମତ୍ସ୍ୟଜୀବୀ ବସ୍ତି, ସ୍ଲମ୍ ଅଞ୍ଚଳ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବସ୍ ଟର୍ମିନାଲ୍ ଓ ରେଳ ଷ୍ଟେସନ୍ ଭଳି ଜନଗହଳିପୂର୍ଣ୍ଣ ଗମନାଗମନ ସ୍ଥଳଗୁଡ଼ିକୁ ସାମିଲ କରାଯାଇଥିଲା । ଏହି ଟୀକାକରଣ କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ତିନି ଦିନିଆ । ଯୋଜନା ଅନୁଯାୟୀ ପରିଚାଳିତ ହୋଇଥିଲା, ଯେଉଁଥିରେ ପ୍ରଥମ ଦିନ ବୁଥ୍ ଜରିଆରେ, ଦ୍ୱିତୀୟ ଦିନ ଘରକୁ ଘର ବୁଲି ଏବଂ ଶେଷ ଦିନରେ ପ୍ରତ୍ୟେକ ପରିବାର

ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଚୂଡ଼ାନ୍ତ ତଦାରଖ କରାଯାଇଥିଲା । ପାରାଦୀପର ବିଜୟଚନ୍ଦ୍ରପୁର, ଶଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦ୍ୱୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ସହାୟକ ନର୍ସ ମିଡୱାଇଫ୍ (ଏଏନ୍ଏମ୍), ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍ଏସ୍ ପୋର୍ଟସର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେଯ ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାନ୍ସିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । କନଭେୟର ବେଲ୍ଟ ଲାଇନ୍ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପଲ୍ସ ପୋଲିଓ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ଯାହା ଅଭିଯାନର ପରିସର ଓ ପ୍ରଭାବକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିଥିଲା । ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଏଡିଏମ୍ଓ) ଡା. ବସନ୍ତ କୁମାର ବାରିକ ଏବଂ ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି)ର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ । ସେମାନଙ୍କର ସମନ୍ୱିତ ପ୍ରୟାସ ଫଳରେ  ପାରାଦ୍ୱୀପର ପ୍ରତ୍ୟେକ ଶିଶୁ ପୋଲିଓ ଟିକାକରଣର ସୁରକ୍ଷା କବଚ ପ୍ରଦାନ କରିବା ସୁନିଶ୍ଚିତ କରିଥିଲା । ଏହି ପଦକ୍ଷେପ ସମୁଦାୟର ସ୍ୱାସ୍ଥ୍ୟ ରକ୍ଷା କରିବା ଏବଂ ଏକ ପୋଲିଓ ମୁକ୍ତ ଭବିଷ୍ୟତ ପାଇଁ ସରକାରୀ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ସହ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି ।

## ଚାରା ବିତରଣ କେନ୍ଦ୍ର ଉଦଘାଟିତ

ବୁଗୁଡ଼ା, ୧ ।୭:(ମନ୍ଥନ)ଚଳିତ ବର୍ଷ ୭୭ତମ ବନମହୋତ୍ସବ ସପ୍ତାହର ପ୍ରଥମ ଦିବସରେ ବୁଗୁଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଚାରା ବିତରଣ କେନ୍ଦ୍ରର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ସାଙ୍ଗକୁ ଚାରା ବିତରଣର ଶୁଭାରମ୍ଭ ହୋଇଯାଇଛି । ଦକ୍ଷିଣ ଘୁମୁସର ବନଖଣ୍ଡ, ଭଞ୍ଜନଗର ଏସିଏଫ୍ ପ୍ରଦୀପ ବେହେରା ଉକ୍ତ ଚାରା ବିତରଣ କେନ୍ଦ୍ରକୁ ଉଦଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ବନପାଳ ସୁଧିର କୁମାର ପଟ୍ଟନାୟକ, ଅଭିରାମ ଖିଲ, ସୁକାନ୍ତ କୁମାର ପଟ୍ଟନାୟକ, ଅର୍ଜୁନ ଜାନି, ଅରବିନ୍ଦ ନାୟକ ଓ ସୁନିତା ପାତ୍ରଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏ ବର୍ଷ ବୁଗୁଡ଼ା ବନ ବିଭାଗ ପକ୍ଷରୁ ୩ ଲକ୍ଷ ୫୦ ହଜାର ଚାରା ବିତରଣର ଲକ୍ଷ୍ୟ ରହିଥିବା ବେଳେ ବନାଞ୍ଚଳ ଅନ୍ତର୍ଗତ ବାଘୁଆ , କଦମ୍ବମଠ , କଣ୍ଟାବଣି , ମାଣିତରାରେ , ପଞ୍ଚଭୂତି , ବୁଗୁଡ଼ା , ଶାଙ୍କୁଳାଇ , ଶୁଳିଆପଲ୍ଲୀ , ଠଣାପଲ୍ଲୀ ଓ କୁମୁଣ୍ଡା ଆଦି ୧୦ଟି ସ୍ଥାନରେ ଥିବା ନର୍ସରୀରେ ଚାରା ପ୍ରସ୍ତୁତ କରାଯାଇ ବିତରଣ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

## 'ସ୍ୱଚ୍ଛତା ପଖୱାଡ଼ା– ୨୦୨୬' ର ଶୁଭାରମ୍ଭ

ପାରାଦୀପ,୨ ।୭:(ମନ୍ଥନ)ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନେରୀରେ ଜୁଲାଇ ୧ ତାରିଖ ବୁଧବାର ଦିନ ସ୍ୱଚ୍ଛତା ପଖୱାଡ଼ା ୨୦୨୬ ଉତ୍ସାହର ସହ ଶୁଭାରମ୍ଭ ହୋଇଯାଇଛି ।ପାରାଦୀପ ରିଫାଇନେରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନେରୀ ମୁଖ୍ୟ କୌଶିକ ବସୁ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ ବସୁ, ସ୍ୱଚ୍ଛ ଭାରତ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ସ୍ୱଚ୍ଛତା ପ୍ରତି ସକ୍ରିୟ ଭାବେ ଭୂମିକା ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସେ ସମସ୍ତଙ୍କୁ କାର୍ଯ୍ୟସ୍ଥଳ, ଗୃହ, ନିକଟବର୍ତ୍ତୀ ଅଞ୍ଚଳ ଏବଂ ରିଫାଇନେରୀ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ପାରାଦୀପ ରିଫାଇନେରୀର



ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ କୌଶିକ ବସୁ ଏକ 'ସ୍ୱଚ୍ଛତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଜୁଲାଇ ଜୁ ୧ ରୁ ୧୫, ୨୦୨୬ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସ୍ୱଚ୍ଛତା ପଖୱାଡ଼ା ଅବସରରେ, ସ୍ୱଚ୍ଛତା ସମ୍ପର୍କରେ ସଚେତନତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ ଓ ଏହି ସ୍ୱଚ୍ଛତା ପଖୱାଡ଼ା ଅବସରରେ, ପାରାଦୀପ ରିଫାଇନେରୀ ଏବଂ ପାରିପାର୍ଶ୍ୱ ଗ୍ରାମଗୁଡ଼ିକରେ, ବୃକ୍ଷରୋପଣ ଅଭିଯାନ, ପ୍ଲଗିଙ୍ଗ, ନୁକ୍କଡ଼ ନାଟକ, ସ୍ୱଚ୍ଛତା ଅଭିଯାନ, ସଚେତନତାମୂଳକ ଆଲୋଚନା, ଡଷ୍ଟବିନ୍ ଏବଂ ସ୍ୱଚ୍ଛତା କିଟ୍ ବଣ୍ଟନ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବା ନେଇ ରିଫାଇନେରୀ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

## କୁଚିଣ୍ଡା ମହାବିଦ୍ୟାଳୟରେ ୬୩ ତମ ପ୍ରତିଷ୍ଠା ଦିବସ ପାଳିତ

କୁଚିଣ୍ଡା,୨ ।୭:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟର ୬୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଥମେ ପ୍ରତିଷ୍ଠା କରିଥିବା ଦିବଙ୍ଗତ ଆତ୍ମା ମାନଙ୍କୁ ଶ୍ରଦ୍ଧାଞ୍ଜଳିସୁମନ ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କୁଚିଣ୍ଡା ମହାବିଦ୍ୟାଳୟ ୧୯୬୪ ଜୁଲାଇ ୨ ପ୍ରତିଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ସମାରୋହ ରେ ଶ୍ରୀ ସ୍ୱାଇଁ ମହାବିଦ୍ୟାଳୟ ର ଗାରିମା ବିଷୟରେ ଉଲ୍ଲେଖ କରିଥିବା ସହ କଲେଜ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଉଲ୍ଲେଖ କରି ସମସ୍ତେ ସହଯୋଗ କଲେ ହିଁ କଲେଜ ଆଗକୁ ବଢିବ ବୋଲି ପ୍ରକାଶ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅନ୍ୟତମ ଅତିଥି ଆଲୁମିନା ଆସୋସିଏସନ ସଭାପତି ପ୍ରଫୁଲ୍ଲ କୁମାର ସାହୁ ମହାବିଦ୍ୟାଳୟ ର ସମସ୍ତ କାର୍ଯ୍ୟକ୍ରମ ରେ ସହଯୋଗ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ତତ ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ବ୍ୟବସ୍ଥା ସହ ନିଜକୁ ସାମିଲ କରି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ତମ ଅତିଥି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଡ ସୁମନ୍ତ କୁମାର ପଟେଲ ମହାବିଦ୍ୟାଳୟ ପ୍ରତିଷ୍ଠା ରେ ପୂର୍ବତନ ଉଦ୍ୟୋକ୍ତା ମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଇଂରାଜୀ ବିଭାଗ ମୁଖ୍ୟ ଡ ପ୍ରକାଶ ପଟେଲ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିବା ସମସ୍ତ ଙ୍କୁ ମନେ ପକାଇ ତାଙ୍କ ଉଦ୍ୟମ ଯୋଗୁ ଆଜି ଆମ ମାନଙ୍କ ପାଖରେ ଏତେ ବଡ଼ ମହାବିଦ୍ୟାଳୟ ହୋଇ ପାରିଥିବା ଉଲ୍ଲେଖ କରି ଧନ୍ୟବାଦ ପର୍ବ ସମାପନ କରିଥିଲେ ।

## ବିଭିନ୍ନ ଦାବିରେ ଡାକ୍ତରଙ୍କ ଆନ୍ଦୋଳନ

କେନ୍ଦ୍ରାପଡ଼ା,୨ ।୭:(ମନ୍ଥନ)ବିଭିନ୍ନ ଦାବି ନେଇ ଜାତୀୟ ଡାକ୍ତର ଦିବସରେ କେନ୍ଦ୍ରାପଡ଼ା ଜିଲାର ଡାକ୍ତରମାନେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ଏହାଦ୍ୱାରା ଓପିଡି(ବହିର୍ବିଭାଗ) ଅଚଳ ହୋଇ ଯାଇଛି । ରୋଗୀମାନେ ଡାକ୍ତରଖାନା ଆସି ଚିକିତ୍ସା ନ ପାଇ ଫେରିଯାଇଛନ୍ତି । କେବଳ ଆୟୁସ ଡାକ୍ତରମାନଙ୍କ ହାତରେ ଡାକ୍ତରଖାନାକୁ ଛାଡି ଦିଆଯାଇଥିଲା । ଆୟୁସ ଡାକ୍ତରମାନେ ଯେତିକି ରୋଗୀଙ୍କୁ ଦେଖିବା କଥା ଦେଖିଥିଲେ । ବାଧହୋଇ ରୋଗୀମାନେ ଘରୋଇ ନର୍ସିଂହୋମ ଉପରେ ନିର୍ଭରଶୀଳ ହୋଇଥିଲେ । ମୋଟାମୋଟି ଭାବେ ଡାକ୍ତରଙ୍କ ଆନ୍ଦୋଳନ ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଚଳ କରି ଦେଇଥିଲା । ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଡାକରାରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ ବୁଧବାର ଦିନ ଓପିଡିକୁ ଆସିନଥିଲେ ଏବଂ ରୋଗିଙ୍କୁ ଚିକିତ୍ସା କରିନଥିଲେ । ଫଳରେ ଚିକିତ୍ସା ପାଇବା ପାଇଁ ଶହଶହ ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହୋଇ ହଟହଟା ହୋଇଥିଲେ । ଏହି ଅବସରରେ ଆନ୍ଦୋଳନ ସଂକ୍ରାନ୍ତରେ ଡାକ୍ତରମାନେ କହିଛନ୍ତି ଯେ ପ୍ରଥମ ଶ୍ରେଣୀରେ ଯୋଗଦେଇଥିବା ସମସ୍ତ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ଯେଉଁ ପଦୋନ୍ନତି ଦିଆଯାଉଛି ଏଥିରୁ ଡାକ୍ତରମାନଙ୍କୁ ବାଦ ଦିଆଯାଉଛି । ପଦୋନ୍ନତି ଦେବାପାଇଁ ଓମସା ସରକାରଙ୍କୁ ବହୁତ ସମୟ ଦେଇଥିଲା । ତେବେ ସରକାର ଡାକ୍ତରମାନଙ୍କ ଦାବି ପୂରଣ କରୁ ନଥିବାରୁ ଡାକ୍ତରମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି । ଡାକ୍ତରମାନେ ଚାକିରି ଅବଧିର ୪ ବର୍ଷରେ ଲେବୁଲ ୧୩, ୯ ବର୍ଷରେ ଲେବୁଲ ୧୪, ୧୩ ବର୍ଷରେ ଲେବୁଲ ୧୬ ଓ ୨୦ ବର୍ଷରେ ଲେବୁଲ ୧୭କୁ ପଦନ୍ନୋତି ପାଇବାର ପାଇଁ ହକଦାର । ହେଲେ ଡିଏସିପି (ଡାଇନାମିକ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଲାଗୁ ହେଉ ନଥିବାରୁ ଡାକ୍ତରମାନଙ୍କର ପଦନ୍ନୋତିରେ ବାଧା ସୃଷ୍ଟି ହେଉଛି । ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏହି ଡିଏସିପି ଲାଗୁ ହେଉନାହିଁ । ଏହାଦ୍ୱାରା ସେମାନେ ପଦନ୍ନୋତି ପାଇବାରେ ସମସ୍ୟାରେ ପଡୁଛନ୍ତି । ତେଣୁ ସେମାନଙ୍କୁ ମଧ୍ୟ ଡିଏସିପିରେ ଅନ୍ତର୍ଭୁକ୍ତ କରାଯାଉ । ଡାକ୍ତରଙ୍କ ବଦଳି ନୀତିରେ ସ୍ୱଚ୍ଛତା ରହୁ । ଆଦିବାସୀ ଅଧ୍ୟୁଷିତ ଜିଲା(କେବିକେ)ରେ ୩ ବର୍ଷ ସେବା ଯୋଗାଇବା ପରେ ଡାକ୍ତରଙ୍କୁ ସେଠାରୁ ବଦଳି କରାଯିବ ବୋଲି ନିୟମ ରହିଥିବା ବେଳେ ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ । ଫଳରେ ଡାକ୍ତରମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନେ ବାରମ୍ବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଦାବି କଲେ ମଧ୍ୟ ସେମାନଙ୍କ ଦାବି କେହି ଶୁଣୁ ନାହାଁନ୍ତି । ନିୟମିତ ଭାବେ ଡିପିସି (ବିଭାଗୀୟ ପଦନ୍ନୋତି କମିଟି) ବସୁ ନଥିବାରୁ ଡାକ୍ତରମାନେ ପଦନ୍ନୋତିରୁ ବଞ୍ଚିତ ହେଉଛନ୍ତି । ସେହିପରି ପଦନ୍ନୋତିରେ ସ୍ୱଚ୍ଛତା ରହୁନାହିଁ । ମେଡିକାଲ ଅଫିସର ନିଯୁକ୍ତିରେ ରାଜନୈତିକ ହସ୍ତକ୍ଷେପ କରାଯାଉଛି ଯାହା ଡାକ୍ତରମାନଙ୍କ ମାନସିକତାକୁ ଆଘାତ ଦେଉଛି । ସରକାର ଡାକ୍ତରମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କରୁନାହାଁନ୍ତି । ଯେଉଁମାନେ ଅନ୍ୟର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖୁଛନ୍ତି ତାଙ୍କ ସ୍ୱାସ୍ଥ୍ୟପ୍ରତି ସରକାର ଧ୍ୟାନ ଦେବା ଦରକାର । ଡାକ୍ତରଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ । ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରାଯାଉ । ଆଡହକ ଡାକ୍ତରମାନଙ୍କ ଚାକିରିକୁ ନିୟମିତ କରାଯାଉ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଆର୍ଥିକ କ୍ଷମତା ୧୦ରୁ ୫୦ ଲକ୍ଷକୁ ବୃଦ୍ଧି କରାଯାଉ । ଡାକ୍ତରୀ ସେବା ନୀତି ନିର୍ଦ୍ଧାରଣ ସମୟରେ ସରକାର ଓମସା ସଭାପତି ଓ ସଂପାଦକ ମତାମତ ନିଅନ୍ତୁ । ଜାତୀୟ ସ୍ୱାସ୍ଥ୍ୟ ମିଶନରେ ନିଯୁକ୍ତି ଓ କିରାଣୀ ନିଯୁକ୍ତି ଓ ବଦଳି ସମୟରେ ସ୍ୱଚ୍ଛତା ରକ୍ଷା କରାଯାଉ ବୋଲି ଓମସା ପକ୍ଷରୁ କୁହାଯାଇଛି । କେନ୍ଦ୍ରାପଡ଼ା ଜିଲା ଓମସା ଶାଖା ସଭାପତି ଡା.ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଜିଲା ଶାଖା ସଂପାଦକ ଡା.ନିରଞ୍ଜନ କର, ଓମସାର ରାଜ୍ୟ ଯୁଗ୍ମ ସଂପାଦକ ଡା.ସଞ୍ଜୀବ କୁମାର ସେଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ସଚିଦାନନ୍ଦ ମିଶ୍ର, ଡା, ପରଭେଜ ଅକ୍ତର, ନମିତା ପଟ୍ଟନାୟକ, ବିରେନ୍ଦ୍ର କୁମାର ଦାସ, ଅଶ୍ୱିନୀ କୁମାର ପରିଡ଼ା, ସୋନାଲିକା ରାଉତ, ଦେବୀ ପ୍ରସାଦ ସାହୁଙ୍କ ସମେତ ଜିଲାର ଶତାଧିକ ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଜେଲ ଗଲା

ଡେଲାଙ୍ଗ,୨ ।୭:(ମନ୍ଥନ)ଡେଲାଙ୍ଗ ଥାନା ଅଧିନସ୍ଥ ବୋଳକଣା ଗ୍ରାମରେ ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ପ୍ରଦୀପ ଜେନା ଜେଲ ଯାଇଥିବା ସୂଚନା ମିଳିଛି । ତେବେ ମିଳିଥିବା ସୂଚନା ମୁତାବକ ସ୍ତ୍ରୀ ସଙ୍ଗିତା ମଲ୍ଲିକ ଘରେ ରହିଥିବା ବେଳେ କୌଣସି କାରଣ ପାଇଁ ରାତି ୯ଟା ରେ ସ୍ୱାମୀ ପ୍ରଦୀପ ହାତରେ କଟୁରୀ ଧରି ସ୍ତ୍ରୀକୁ ଆକ୍ରମଣ କରିଥିଲେ । ସେହି ଆକ୍ରମଣ ରେ ସଙ୍ଗିତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି । ସ୍ତ୍ରୀକୁ ମାଡମାରି ପ୍ରଦୀପ ବାପା ଓ ମା କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛିଯବାରମ୍ବାର ଘରେ ଝଗଡା କରି ଆସୁଥିବା ବେଳେ ଜୀବନରେ ମାରିଦେବା ଧମକ ଦେଇଥିବା ନେଇ ସଙ୍ଗୀତା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତିକରି ଏସଂକ୍ରାନ୍ତରେ ୧୯୧୨୬ରେ ମାମଲା ରୁଜୁ କରିଥିଲା ।ସ୍ୱାମୀ ପ୍ରଦୀପ ଜେନାକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ର ଜାମିନି ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ନେଇ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨ ।୭:(ମନ୍ଥନ)ବ୍ରହ୍ମପୁର ମହାନଗର ନିଗମର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୨୦୨୭ ଜନ ଗଣନା ଉପଲକ୍ଷେ ଜିଲ୍ଲା ଜନ ଗଣନା ପୁସ୍ତିକା ପାଇଁ ଗଞ୍ଜାମ ଜିଲ୍ଲାପାଳ ତଥା ମୁଖ୍ୟ ଜନ ଗଣନା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର କମିଶନର ଶସ୍ୟା ରେଡ୍ଡି ଅଧ୍ୟକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏ.ଡି.ଏମ୍ ସୁନୀଲ୍ କୁମାର କେର୍କେଟା, ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଉପ ଜିଲ୍ଲାପାଳ ରୀନା କୁମାରୀ ନାଏକ, ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା, ଡେପୁଟି କଲେକ୍ଟର (ସେନ୍ସସ୍) ସିକିତା ଗୌଡ଼, କନ୍ସଲଟାଣ୍ଟ ଏମ୍. ଶ୍ରୀନିବାସ, ଡି.ସି.ଓ, ଓଡିଶା ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ । ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରଣୟନରେ ଜିଲ୍ଲାର ତହସିଲଦାର, ଆର୍.ଆଇ, ଏ.ଆର୍.ଆଇ, ରେଭେନ୍ୟୁ ସୁପରଭାଇଜର ଏବଂ ଅମୀନଙ୍କ ସମେତ ସଂପୃକ୍ତ ସମସ୍ତ ଅଧିକାରୀଙ୍କ କାର୍ଯ୍ୟ ଖସଡ଼ା ଏବଂ ପରବର୍ତ୍ତୀ କ୍ଷେତ୍ରସ୍ତରୀୟ ଅନୁସନ୍ଧାନରେ ଅଧିକାରୀଙ୍କ ଭୂମିକା ସଂପର୍କରେ ବୈଠକରେ ସବିଶେଷ

ଆଲୋଚନା ହୋଇଥିଲା । ପୁସ୍ତିକାର ଡିଜିଟାଲ ପ୍ରକରଣ ନିମନ୍ତେ ମୋବାଇଲ୍ ଆପ୍ ଇନ୍ଷ୍ଟଲ୍ ଏବଂ ଏହାର ପରିଚାଳନାର ଗୁରୁତ୍ୱ ସଂପର୍କରେ ପଦାଧିକାରୀ ତାଲିମ୍ ପ୍ରଦାନ କରିଥିଲେ । ଜିଲ୍ଲାର ଆର୍.ଆଇ. ଏବଂ ସଂପୃକ୍ତ ଅଧିକାରୀ ମାନଙ୍କ ସୁବିଧା ପାଇଁ ଜିଲ୍ଲାସ୍ତରୀୟ ହେଲ୍ପ ଡେସ୍କର ଶୁଭାରମ୍ଭ ସଂପର୍କରେ ମଧ୍ୟ ସୂଚନା ଦେଇଥିଲେ । ଗ୍ରାମ୍ୟ ଓ ସହରୀ ଜନ ଗଣନା ବେଳେ ଏହାର ଭୌଗଳିକ ସୀମା, ଅବସ୍ଥିତି ସହିତ ସାମାଜିକ ଓ ଅର୍ଥନୈତିକ ବିଷୟ ବସ୍ତୁ ସମ୍ବନ୍ଧିତ ସୂଚନା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଭିତିଭୂମି ପରି ଉପଲବ୍ଧ ସୁବିଧା ସୁଯୋଗ ଗୁଡ଼ିକ ସଂପର୍କରେ ସୂଚନା ସଂଗ୍ରହରେ ସଠିକତା ବଜାୟ ରଖିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହାୟତା ନେବାକୁ ଆର୍.ଆଇ. ମାନଙ୍କୁ ପରାମର୍ଶ ଦିଆଯାଇଥିଲା । କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତାରେ ମଧ୍ୟ ସହାୟକ ହେଉଥିବା ଜିଲ୍ଲାର ଏହି ଜନ ଗଣନା, ଗୃହ ଗଣନା, ଗ୍ରାମ ଓ ସହରର ତଥ୍ୟଗତ ବିବରଣୀ ସଂଗ୍ରହ, ଏହାର ସଠିକ୍ ମେଳ ଏବଂ ଉପସ୍ଥାପନା ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନକୁ ଆହୁରି ବ୍ୟାପକ କରିବା ନିମନ୍ତେ ଏକ ସେନ୍ସସ୍ ଗ୍ରୁପ୍ ଗଠନ କରାଯାଇଥିବାର ସୂଚନା ପ୍ରଦାନ କରାଯାଇଥିଲା । ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର୍ସଙ୍କ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସରଳୀକରଣ କରାଯାଇ ପାରିବ ଏବଂ କାର୍ଯ୍ୟ କ୍ଷେତ୍ରରେ ସଂପୃକ୍ତ ଅଧିକାରୀଙ୍କ ପାଇଁ ଏହା ସହାୟ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା ।

## ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ପୋଲିସର ବଡ଼ ପଦକ୍ଷେପ
## ନିମଖଣ୍ଡି ଥାନା ପକ୍ଷରୁ  ନିଶାମୁକ୍ତ ଓଡ଼ିଶା  ଅଭିଯାନ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି, ୨ ।୭:(ମନ୍ଥନ)ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟକୁ ଆଗରେ ରଖି ଆଜି ରାଜ୍ୟବ୍ୟାପୀ ପୋଲିସ ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ଅଭିଯାନର ଶୁଭାରମ୍ଭ କରାଯାଇଛି । ରାଜ୍ୟର ସମସ୍ତ ପୋଲିସ ଥାନାରେ ଏକକାଳୀନ ଭାବେ ଜବତ କରାଯାଇଥିବା ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ନଷ୍ଟ କରାଯିବା ସହ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ବର୍ତ୍ତମାନ ସମୟରେ ଯୁବପିଢ଼ି ମଧ୍ୟରେ ନିଶାସକ୍ତି ବୃଦ୍ଧି ପାଉଥିବା ବେଳେ ଏହା ଅନେକ ଅପରାଧିକ କାର୍ଯ୍ୟକଳାପର ଅନ୍ୟତମ କାରଣ ପାଲଟିଛି । ନିଶା ସେବନ ଫଳରେ ଅନେକ ଯୁବକ ନିଜର ଭବିଷ୍ୟତ ଓ ଜୀବନକୁ ବିପଦମୁଖୀ କରୁଥିବାରୁ ଏହାକୁ ରୋକିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏହି ଅଭିଯାନ ଅଧୀନରେ ବିଭିନ୍ନ ମାମଲାରେ ଜବତ ହୋଇଥିବା ଗଞ୍ଜେଇ, ଦେଶୀ ଓ ବିଦେଶୀ ମଦ, ବ୍ରାଉନ ସୁଗାର, ତମ୍ବାଖୁ ଯୁକ୍ତ ପଦାର୍ଥ ସମେତ ଅନ୍ୟାନ୍ୟ ନିଶାଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟା ଅନୁସାରେ ନଷ୍ଟ କରାଯାଇଥିଲା । ଏହା ସହିତ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତି ଓ ସଂଗଠନଙ୍କ ବିରୋଧରେ ଆଗାମୀ ଦିନରେ ଅଧିକ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚିତ କରାଯାଇଛି । ରାଜ୍ୟସ୍ତରୀୟ



ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ଓଡ଼ିଶାର ସମସ୍ତ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀଙ୍କ ସହ ସମସ୍ତ ଜିଲ୍ଲାର ପୋଲିସ ଅଧିକାରୀ ଓ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଜବତ ନିଶାଦ୍ରବ୍ୟ ନଷ୍ଟକରଣ ପ୍ରକ୍ରିୟାକୁ ସିଧାସଳଖ ଅବଲୋକନ କରିବା ସହ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ ।ପୋଲିସ ପ୍ରଶାସନର କହିବା ଅନୁସାରେ, କେବଳ ଆଇନ ପ୍ରୟୋଗ ନୁହେଁ ବରଂ ସାମାଜିକ ସଚେତନତା, ଜନସହଯୋଗ ଏବଂ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ଅବଗତ କରାଇବା ମାଧ୍ୟମରେ ହିଁ ନିଶାମୁକ୍ତ ଓଡ଼ିଶା ଗଠନ ସମ୍ଭବ ହେବ । ଏହି ଅଭିଯାନ ଆଗାମୀ ଦିନରେ ଆହୁରି ବ୍ୟାପକ ରୂପରେ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ଯକାର୍ଯ୍ୟକ୍ରମରେ ଅତିରିକ୍ତ ଥାନା ଅଧିକାରୀ ବିପ୍ଳବ କୁମାର ପ୍ରଧାନ, ଏଏସ୍ଆଇ ଦେବରଞ୍ଜନ ସାହୁ,ଏ ଏସ୍ଆଇ ମାଳେସୁ ମିଶ୍ର, ସନ୍ତୋଷ କୁମାର ପଟନାୟକ,ନିମଖଣ୍ଡି ସରପଞ୍ଚ  ଶଶି ବେହେରା, ପ୍ରଦୀପ ବେହେରା, ସୁନୀଲ ପାତ୍ର, ଲବ ପାତ୍ର,ଶକ୍ତିମୟୀ ବେହେରା, ଏଏସଆଇ ସଦାନନ୍ଦ ପ୍ରଧାନ, କୌଶିକ ମାଝି,ଅଭିମନ୍ୟୁ ପାଣିଗ୍ରାହୀଙ୍କ ସମେତ ସମସ୍ତ ଥାନା କର୍ମଚାରୀ ସହ ଅଞ୍ଚଳର ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

## ସମୁଦ୍ରର ଉଚ୍ଚ ଜୁଆରରେ କୂଳ ଲଙ୍ଘିବା ଓ ବେଳାଭୂମି ଅବକ୍ଷୟ ପ୍ରସଙ୍ଗ

# ଆନ୍ଦୋଳନ ପାଇଁ ସଜବାଜ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳବାସୀ

ଗଞ୍ଜାମ,୨।୭:(ମନ୍ଥନ)ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ରଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ମାସ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି । ବିଶେଷ କରି ଗୋଖରକୁଦା ଠାରୁ ବଟେଶ୍ୱର ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି । ଯାହାଫଳରେ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତାବି ଉଚ୍ଚ ଜୁଆର ମାଡ଼ ରେ ଭାଙ୍ଗି ଗଲାଣି। ଏଥିପାଇଁ ସମୁଦ୍ର ଉପକୂଳ ତଟବର୍ତ୍ତୀ ଅଂଚଳରେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବତା ବରଣ ସୃଷ୍ଟି ହୋଇଛି । ଏଥିପାଇଁ ଆନ୍ଦୋଳନ ପାଇଁ ସଜବାଜ ହେଲେଣି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ବାସୀ । ଏନେଇ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ତଥା ତିନି ଗ୍ରାମବାସୀ କଣ୍ଟିଆଗଡ଼, ନୀଳାଦ୍ରି ପୁର ଓ ଖଟୁଆକୁଦା ଗ୍ରାମବାସୀ ବଟେଶ୍ୱର ପୀଠ ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରଶାସନ

ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ଆସନ୍ତା ୮ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ପ୍ରତିବାଦ ଓ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇ ଥିବା ଜଣା ପଡିଛି । ଆନ୍ଦୋଳନ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି । କଣ୍ଟିଆଗଡ଼ର ଶିବରାମ ପଲାଇ, ପିତାମ୍ବର ସ୍ୱାଇଁ, ରଞ୍ଜିତ ପଲାଇ, ନାରାୟଣ ପ୍ରଧାନ,ସମୟ ସ୍ୱାଇଁ, ରଞ୍ଜନ ପ୍ରଧାନ ଓ କିଶୋର ପ୍ରଧାନ, ଖଟୁଆ। କୁଦା ପୁର ଗ୍ରାମର ବୃନ୍ଦାବନ ପ୍ରଧାନ, ଶବର କୁମାର ତରାଇ,ଅଜୟ ପ୍ରଧାନ, ପ୍ରଦୀପ ସାହୁ, ପିଣ୍ଟୁ ସାହୁ,ଅଭିରାମ ଗୌଡ଼ ଏବଂ ନୀଳାଦ୍ରି ପୁର ଗ୍ରାମର ଦିଲ୍ଲୀପ ଛୋଟରାଏ, ଧର୍ମରାଜ ସ୍ୱାଇଁ,ତ୍ରିଲୋଚନ ପ୍ରଧାନ, ସତୀଶ ସ୍ୱାଇଁ,ବିଦ୍ୟାଧର ପ୍ରଧାନ,ଶ୍ରୀଧର ସ୍ୱାଇଁ ଓ ପିତାମ୍ବର ପ୍ରଧାନ ପ୍ରମୁଖଙ୍କୁ ନେଇ ୧୭ ଜଣିଆ। କମିଟି ଗଠନ କରାଯାଇଛି । ଏଥିସହ ପ୍ରତ୍ୟେକ ଗ୍ରାମର ଜଣେ ପୁରୁଷ ଓ ଜଣେ ମହିଳା ଆନ୍ଦୋଳନରେ ସାମିଲ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି । ପାଳିବନ୍ଧ ପଞ୍ଚାୟତ ସମସ୍ତ ଗ୍ରାମରେ ଡାକବାଜି ଯନ୍ତ୍ର ତଥା ମାଇକରେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନତା କରାଯିବ ବୋଲି ଶିବରାମ ପଲାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ପୋଡମ ପେଟା ଗ୍ରାମର ଚାରି ଭାଗରୁ ତିନି ଭାଗ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଲାଣି ଆଉ କିଛି ମାସ ପରେ ସମ୍ପୂର୍ଣ୍ଣ ଅନ୍ୟ ଗ୍ରାମ ଗୁଡିକରେ ସମୁଦ୍ର ଲହଡି ମକ୍ଷରିବ ବୋଲି ସେ କହିଛନ୍ତି ।

# ପ୍ରଶାସନ ପକ୍ଷରୁ ଅଚଳ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ

ଗଞ୍ଜାମ ,୨।୭:(ମନ୍ଥନ)୨୦୧୦ ମସିହାରେ ନିର୍ମିତ ଓ ତତ୍ କାଳୀନ ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଶୀତଳ ଭଣ୍ଡାରଟି ଯାହା ସଂପ୍ରତି ଆର୍ ଏମ୍ ସି ଅଧୀନରେ ରହି ଆସିଛି,ଏଥିରେ କିଛି ବୈଷୟିକ ତ୍ରୁଟି ଓ ପରିଚାଳନାଗତ ଅବହେଳା ଯୋଗୁଁ ଅବ୍ୟବହୃତ ହୋଇ ପଡ଼ି ରହିଛି । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଙ୍କ ନିର୍ଦ୍ଦେଶ କ୍ରମେ ଏ ଡି ଏମ୍ ସଚ୍ଚିଦାନନ୍ଦ ନାୟକ ,ଛତ୍ରପୁର ଉପ ଜିଲ୍ଲାପାଳ ଦେବାଶିଷ ବରାଳ,ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଆର୍ ଏମ୍ ସି ହିଞ୍ଜିଳିକାଟୁ ସମ୍ପାଦକ ପ୍ରମୁଖ ଏଠାକୁ ଆସି ଚାଷୀ ମାନଙ୍କ ନେତୃତ୍ୱ ନେଉଥିବା ରଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ,ଚାଷୀ ନିରଞ୍ଜନ ନାହାକ,ପ୍ରଭାକର ନାହାକ,ବଂଶୀଧର ନାହାକ,ଯୋଗୀ ନାହାକ,ରଞ୍ଜନ ନାହାକ,ମନୋଜ ନାହାକ,ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ ଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏହି ସମସ୍ୟାର ଆଶୁ ସମାଧାନ ଓ ଅଚଳ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଅଗ୍ରଣୀ ଚାଷୀ ମାନଙ୍କୁ

ନେଇ ଏକ ୨୧ ଜଣିଆ। କମିଟି ଗଠନ କରାଯାଇଛି । ଆଗାମୀ ଭବିଷ୍ୟତରେ ଏହି କ୍ଷୁଦ୍ର ଶୀତଳ ଭଣ୍ଡାରର ପ୍ରଶସ୍ତି କରଣ ସହ ଉନ୍ନତ ମାନର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଅଂଚଳରୁ ଉତ୍ପାଦିତ ବିଭିନ୍ନ ସବୁଜ ପନିପରିବା ଯଥା ଟମାଟ, ବାଇଗଣ,ଲଙ୍କା ମରିଚ, ପତ୍ର କୋବି, ଫୁଲ କୋବି, ଇତ୍ୟାଦି ସଂରକ୍ଷଣ ସମେତ ଓରମାସ୍ ସଂସ୍ଥା ସହିତ ଯୋଗାଯୋଗ କରି ଏସବୁର ବିକ୍ରିବଟା ଉପରେ ଧ୍ୟାନ ଦିଆଯିବ ବୋଲି ସ୍ଥିର କରାଗଲା । ଗଞ୍ଜାମ ଜିଲା ପ୍ରଶାସନର ଏହି ସମୟୋଚିତ ପଦକ୍ଷେପକୁ ଏ ଅଞ୍ଚଳର ସମସ୍ତ ଚାଷୀ ମାନଙ୍କ ତରଫରୁ ସ୍ୱାଗତ କରାଯାଇଛି ।

# ଚାରାରୋପଣ କରି ଯତ୍ନ ନେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ଅନୁଗୋଳ,୨।୭:(ମନ୍ଥନ) ଅନୁଗୋଳ ବ୍ଲକ ଅନ୍ତର୍ଗତ ଧୋକୁଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇ ଯାଇଅଛି । ଉକ୍ତ ବିଦ୍ୟାଳୟ ପକ୍ଷରୁ ଏହି ଅବସରରେ ଏକ ସଚେତନତା ସଭା, ଚାରାରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟମ୍ୱଦା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଅନୁଗୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଯୋଗଦେବା ସହିତ ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ସାହୁ, ସ୍କୁଲ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ଦେହୁରୀ, ଇକୋ କ୍ଲବ ଶିକ୍ଷୟିତ୍ରୀ ସ୍ୱାଗତିକା ରାଉତ ଏବଂ ସହକାରୀ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର



ପରିଡ଼ା ପ୍ରମୁଖ ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀ ମାନେ ଘରେ ଚାରାରୋପଣ କରି ତାହାର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା । ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ମା ପାଇଁ ଗଛଟିଏ ଯୋଜନାକୁ ସଫଳ ପାଇଁ ପରାମର୍ଶ ଦିଆଯାଇଥିଲା । ସ୍କୁଲ ପରିସର ଭିତରେ ଓଉ, ପେସ୍ତା ବାଦାମ, ଅଁଳା ଚାରାରୋପଣ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥିଙ୍କ କର କମଳରେ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ପିଜୁଳି, ଅଁଳା, ଡାଳିମ୍ବ, ଆତ ପ୍ରଭୃତି ଚାରା ବଣ୍ଟନ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ଚାରା ରୋପଣ କରି ତାହାର ଯତ୍ନ ନେବାକୁ ଶପଥ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜନରେ ସହଯୋଗ କରାଯାଇଥିଲା । ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା ଆୟୋଜନର ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ଆସନ୍ତା ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଜଗତସିଂହପୁର,୨।୭:(ମନ୍ଥନ)ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ କରାଯାଇ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଯାଇଛି । ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଥ୍ ସଂସ୍କାର କାର୍ଯ୍ୟ କରାଯାଇଛି । ବର୍ତ୍ତମାନର ୧୦୫୧ ଟି ବୁଥ୍ ସଂଖ୍ୟାରେ ୧୭୫ ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୨୨୬ କୁ ବୃଦ୍ଧି କରାଯାଇଛି । ଜିଲ୍ଲାର ସମସ୍ତ ୪ ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂଆ ବୁଥ୍ ଯୋଗ କରାଯାଇଛି, ସେଗୁଡିକ ହେଉଛି ପାରାଦ୍ୱୀପ: ପୂର୍ବରୁ ୨୩୩ ଥିଲା, ଏବେ ୩୮ଟି ନୂଆ। ବୁଥ୍ ମିଶି ମୋଟ ୨୭୧ ହୋଇଛି। ତିର୍ତ୍ତୋଲ: ପୂର୍ବରୁ ୨୬୬ ଥିଲା, ଏବେ ୨୩ଟି ନୂଆ। ବୁଥ୍ ମିଶି ମୋଟ ୨୮୯ ହୋଇଛି। ବାଲିକୁଦା ଏରସମା: ପୂର୍ବରୁ ୩୧୨ ଥିଲା, ଏବେ ୫୯ଟି ନୂଆ। ବୁଥ୍ ମିଶି ମୋଟ ୩୭୧ ହୋଇଛି । ଜଗତସିଂହପୁର: ପୂର୍ବରୁ ୨୪୦ ଥିଲା, ଏବେ ୫୫ଟି ନୂଆ। ବୁଥ୍ ମିଶି ମୋଟ ୨୯୫ ହୋଇଛି। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ ପ୍ରକ୍ରିୟା ଅଧୀନରେ ଆସନ୍ତା ଜୁଲାଇ ୫, ୨୦୨୬ (ରବିବାର) ଦିନ ଚିଠା ଭୋଟର ତାଲିକା (Draft Electoral Roll) ପ୍ରକାଶ ପାଇବାକୁ ଯାଉଅଛି । ଭୋଟର ତାଲିକାକୁ ସଠିକ୍ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ଚିଠା ତାଲିକା ପ୍ରକାଶ ପାଇବା ପରେ ସାଧାରଣ ନାଗରିକଙ୍କ ଯାଞ୍ଚ ନିମନ୍ତେ ଏହା ଉପଲବ୍ଧ ହେବ । ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି । ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ଯଦି କୌଣସି ପ୍ରକାରର ଆପତ୍ତି, ଅଭିଯୋଗ କିମ୍ବା ସଂଶୋଧନ ଥାଏ, ତେବେ ଆସନ୍ତା ୦୫ ଜୁଲାଇ ରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ୦୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ନାଗରିକମାନେ ଫର୍ମ-୬ (Form ୬) ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ (Form 7) ଦେଇ ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଆପତ୍ତି କରିପାରିବେ ଏବଂ ଫର୍ମ-୮ (Form 8) ମାଧ୍ୟମରେ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ । ଏହି ସମଗ୍ର ପ୍ରକ୍ରିୟାରେ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ଏବଂ ବିଚାର ଆସନ୍ତା ୦୨ ସେପ୍ଟେମ୍ବର, ୨୦୨୬ ସୁଦ୍ଧା ଶେଷ କରାଯିବ । ଜଗତସିଂହପୁର ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚିତ କରାଯାଇଛି ।

# ସଦର ଥାନାର 'ଆମ ପୋଲିସ ସମିତି' ବୈଠକରେ ସଚେତନତା

ଫୁଲନଖରା,୨।୭:(ମନ୍ଥନ)ସମାଜରେ ଶାନ୍ତି, ସୁରକ୍ଷା ଓ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କଟକ ସଦର ଥାନା ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଆଇନଜୀବୀ, ଜନପ୍ରତିନିଧି, ସାମ୍ବାଦିକ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଜୋନ୍-୪ ଏସିପି ଅମିତାଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ଶାସନ ପ୍ରତିଷ୍ଠା, ଜନସାଧାରଣଙ୍କ ସହଯୋଗ ଓ ଅପରାଧମୁକ୍ତ ସମାଜ ଗଠନରେ ପୋଲିସ-ଜନତାଙ୍କ ସମନ୍ୱୟ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ ଏବଂ କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ତଥା କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ ଉପସ୍ଥିତ ରହି ସାମାଜିକ ସଚେତନତା, ନୈତିକ ମୂଲ୍ୟବୋଧ ଓ ଆଇନ ପ୍ରତି ସମ୍ମାନ ବୃଦ୍ଧିର ଆବଶ୍ୟକତା ଉପରେ ମତ ରଖିଥିଲେ । ବୈଠକର ମୁଖ୍ୟ ଆକର୍ଷଣ ଥିଲା 'ନିଶାମୁକ୍ତ ଓଡ଼ିଶା ଅଭିଯାନ' । ଆଲୋଚନାରେ କୁହାଯାଇଥିଲା ଯେ, ନିଶା ସେବନ କେବଳ ଜଣେ ବ୍ୟକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରେ ନାହିଁ, ବରଂ ପରିବାର, ସମାଜ ଓ ଯୁବପିଢ଼ିର ଭବିଷ୍ୟତକୁ ମଧ୍ୟ ବିପଦ ଆଡ଼କୁ ଠେଲିଦିଏ । ମାଦକଦ୍ରବ୍ୟର କବଳରେ ପଡ଼ି ଅନେକ ଯୁବକ ଅପରାଧ ଦିଗକୁ ମୁହାଁଉଥିବା ବେଳେ ପରିବାରରେ ଅଶାନ୍ତି, ଆର୍ଥିକ ଅନଟନ ଓ ସାମାଜିକ ଅବକ୍ଷୟ ବୃଦ୍ଧି ପାଉଛି । ତେଣୁ ନିଶା ବିରୋଧୀ ସଚେତନତାକୁ ଘରେ ଘରେ ପହଞ୍ଚାଇବା ସହିତ ଯୁବସମାଜଙ୍କୁ କ୍ରୀଡ଼ା, ଶିକ୍ଷା, ସଂସ୍କୃତି ଓ ସୃଜନଶୀଳ କାର୍ଯ୍ୟକଳାପ ଆଡ଼କୁ ଆକର୍ଷିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବକ୍ତାମାନେ ମତ ରଖିଥିଲେ ଯେ, କେବଳ ପୋଲିସ ପ୍ରଶାସନର ପ୍ରୟାସ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ସମ୍ଭବ ନୁହେଁ ।

# ଫାଟିଲାଣି କଂକ୍ରିଟ, ଖସୁଛି ଢଳେଇ-ତଥାପି ନିଦରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ

ଫୁଲନଖରା ,୨।୭:(ମନ୍ଥନ)କଟକ ଜିଲ୍ଲାର ବୟାଳିଶମୌଜା ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଘାଟକୁଲ-ଝିଙ୍କିରିଆ ସେତୁ ଏବେ ନିଜର ସ୍ଥାୟିତ୍ୱକୁ ନେଇ ଗୁରୁତର ପ୍ରଶ୍ନର ସମ୍ମୁଖୀନ ।ପ୍ରତିଦିନ ହଜାର ହଜାର ଯାନବାହନ ଓ ସାଧାରଣ ଲୋକଙ୍କ ଯାତାୟାତର ପ୍ରମୁଖ ପଥ ପାଲଟିଥିବା ଏହି ସେତୁ ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବା ସତ୍ତ୍ୱେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଉଦାସୀନତାକୁ ନେଇ ସାଧାରଣରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି । ସେତୁର ବିଭିନ୍ନ ସ୍ଥାନରେ କଂକ୍ରିଟ ଢଳେଇ ଫାଟି ଆଁ କରିଥିବା ବେଳେ ଅନେକ ସ୍ଥାନରୁ ଢଳେଇ ଖସି ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି ।ଫଳରେ ପ୍ରତିଦିନ ଏହି ସେତୁ ଉପରେ ଯାତାୟାତ କରୁଥିବା ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକଙ୍କ ପାଇଁ ଏହା ମୃତ୍ୟୁଫାନ୍ଦରେ ପରିଣତ ହୋଇଛି । ବିଶେଷକରି ବର୍ଷା ଦିନରେ ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ତାହାର ଗଭୀରତା ଜଣାପଡୁନାହିଁ, ଯାହା ଯେକୌଣସି ସମୟରେ ଭୟଙ୍କର ଦୁର୍ଘଟଣାର କାରଣ ପାଲଟିପାରେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ଗାତ ଯୋଗୁଁ ଅନେକ ଛୋଟବଡ଼ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ବହୁ ଲୋକ ଆହତ ମଧ୍ୟ ହୋଇଛନ୍ତି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ୧୯୮୪ ମସିହାରେ ଏହି ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୮୯ ମସିହାରେ ଶେଷ ହୋଇଥିଲା । ପ୍ରାୟ ୩୭ ବର୍ଷଧରି ଲୋକଙ୍କ ସେବାରେ ରହିଥିବା ଏହିସେତୁର ନିୟମିତ ରକ୍ଷଣାବେକ୍ଷଣ କରିବା ପରିବର୍ତ୍ତେ ବିଭାଗ କେବଳ ଉପରଠାଉରିଆ । ମରାମତି କରି ନିଜ ଦାୟିତ୍ୱ ସାରିଦେଉଥିବା ଅଭିଯୋଗ ହେଉଛି । ପ୍ରତିଥର କଂକ୍ରିଟ ଫାଟିଲେ କେବଳ ପ୍ୟାଚ୍ ପକାଇ ଛାଡ଼ିଦିଆଯାଉଛି, କିନ୍ତୁ ସ୍ଥାୟୀ ମରାମତି କିମ୍ବା ବୈଷୟିକ ଯାଞ୍ଚ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଫଳସ୍ୱରୂପ ସେତୁର ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ସେତୁର ସଠିକ୍ ରକ୍ଷଣାବେକ୍ଷଣ ହୋଇଥାନ୍ତା ତେବେ ଆଜି ଏଭଳି ପରିସ୍ଥିତି ଉପୁଜି ନଥାନ୍ତା । ବାରମ୍ବାର ସମସ୍ୟା ଦେଖାଦେଉଥିବା ସତ୍ତ୍ୱେ ବିଭାଗ ନିଦ୍ରାବସ୍ଥାରେ ରହିଥିବାରୁ ସାଧାରଣ ଜନତାଙ୍କ ଜୀବନ ସହ ଖେଳ ଚାଲିଥିବା ଅଭିଯୋଗ ହେଉଛି । କୌଣସି ବଡ଼ ଦୁର୍ଘଟଣା ଘଟିବା ପରେ ପ୍ରଶାସନ ଚେତିବ କି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆକ୍ରମଣ ମାମଲା, ଘରେ ପଶି ଦୁର୍ବ୍ୟବହାର କରି ସ୍ୱାମୀଙ୍କୁ ଆକ୍ରମଣ

ବଲାଙ୍ଗୀ, ୨।୭:(ମନ୍ଥନ) ବଲାଙ୍ଗୀ ଥାନା ଅନ୍ତର୍ଗତ ଅଲଣ୍ଡା ପଡ଼ା ଗ୍ରାମରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆକ୍ରମଣ ମାମଲା ଭିନ୍ନ ମୋଡ ନେଇଛି । ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଜଣେ ବ୍ୟକ୍ତିଙ୍କ ଘରେ ଜୋର୍ ଜବରଦସ୍ତି ପଶି ମହିଳାଙ୍କୁ ଦୁର୍ବ୍ୟବହାର କରି ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଅଲଣ୍ଡା ପଡ଼ା ଗ୍ରାମର ରାଜେଶ ଶତପଥିଙ୍କ ପତ୍ନୀ ସୋନାଲି ପଣ୍ଡା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ସୋମବାର ସକାଳେ ରାଜେଶଙ୍କ ଦାଣ୍ଡ କବାଟକୁ କେହି ଜଣେ ଜୋରରେ ବାଡ଼େଇ ଥିଲେ । ଶବ୍ଦ ଶୁଣି ସୋନାଲି ଆସି କବାଟ ଖୋଲିବାରୁ ୨ଜଣ ବ୍ୟକ୍ତି ନିଜକୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ କଣ ପାଇଁ କବାଟ ଖୋଲିବା ଡେରି କଲ । କଣ ଶୋଇ ପଡ଼ିଥିଲ ବୋଲି ତାଚ୍ଛଲ୍ୟ କରିବାରୁ ସୋନାଲି ସେମାନଙ୍କୁ ଏଭଳି କଣ କହୁଛ ବୋଲି କହିଥିଲେ । ସେହି ସମୟରେ ୨ଜଣ ବ୍ୟକ୍ତି ଘରେ ଜୋର୍ ଜବର ଦସ୍ତି ପଶିବାକୁ ଚେଷ୍ଟା କରିଥିଲେ । ସୋନାଲି ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଠେଲାପେଲା କରି ଦୁର୍ବ୍ୟବହାର କରିଥିଲେ । ସୋନାଲି ରାଜେଶଙ୍କୁ ପାଟି କରି ଡାକିଥିଲେ । ରାଜେଶ ଆସି ପ୍ରତିବାଦ କରିବାରୁ ୨ଜଣ ବ୍ୟକ୍ତି ରାଜେଶଙ୍କୁ ମାଡ ମାରିଥିଲେ । ପାଟି ଶୁଣି ଗ୍ରାମବାସୀ ମାନେ ଆସି ଘଟଣାର ସମାଧାନ କରିଥିଲେ । ତେବେ ରାଜେଶ ବାହାରକୁ ଯିବା ସମୟରେ ୨ଜଣ ତାଙ୍କୁ ରାସ୍ତାରେ ଏକୁଟିଆ ଦେଖି ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଆବାସ ହିତାଧିକାରୀଙ୍କ ଶ୍ରମିକ ଟଙ୍କା ହରିଲୁଟ୍

# ଖବର ପ୍ରସାରଣର ଏକମାସ ପୂରିଲା କାର୍ଯ୍ୟାନୁଷ୍ଠାନ ଶୂନ

ମୋରଡ଼ା,୨।୭:(ମନ୍ଥନ)ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତର୍ଦୟ ଗୃହ ଯୋଜନାର ହିତାଧିକାରୀଙ୍କ ଶ୍ରମିକ ଟଙ୍କା ଜାଲ୍ ଆକାଉଣ୍ଟରେ ଉଠାଇ ହରିଲୁଟ୍ କରାଯାଇଥିବା ଭଳି ଗୁରୁତର ଅଭିଯୋଗ ଖବର ଏକମାସ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ଏହି ଦୁର୍ନୀତି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଚୁହାଟ ଗ୍ରାମପଞ୍ଚାୟତରେ ଘଟିଛି । ତଥ୍ୟ ଅନୁସାରେ ମନରେଗା ୱେବସାଇଟ୍ରେ ଉଠାଣ ତଥ୍ୟ ଦେଖି ହିତାଧିକାରୀମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ସରକାରୀ ନିୟମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତର୍ଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୯୫ ଶ୍ରମଦିବସର ମଜୁରୀ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ବ୍ୟାଙ୍କ ଖାତାକୁ ଦିଆଯାଏ । ହେଲେ ଚୁହାଟ ପଞ୍ଚାୟତରେ ବହୁ ହିତାଧିକାରୀଙ୍କ ଏହି ଟଙ୍କା ଅନ୍ୟ ଲୋକଙ୍କ ଆକାଉଣ୍ଟକୁ ଉଠାଇ ନିଆଯାଇଛି।୧୦୦ ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଥିବାର ଅଭିଯୋଗ ହୋଇଛି । ଭୋଲଘାଟି ଗ୍ରାମର ରତନ ମାରାଣ୍ଡି ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ପାଇଥିଲେ। ସେ ୨୦୨୧ରେ ମୃତ୍ୟୁବରଣ କରିଥିଲେ। ହେଲେ ତାଙ୍କ ଘର ୮୪ ଶ୍ରମଦିବସର ୨୨,୯୩୨ ଟଙ୍କା ୧୫ ନଭେମ୍ବର ୨୦୨୫ରେ ଅନ୍ୟ ଗ୍ରାମର ଲୋକଙ୍କ ଆକାଉଣ୍ଟକୁ ଉଠାଣ ହୋଇଥିବା ଜଣାପଡ଼ିଛି। ମୃତ୍ୟୁର ତିନି ବର୍ଷ ପରେ ଏପରି ଟଙ୍କା ଉଠାଣ ହେବା ନେଇ ପରିବାର ଲୋକେ ଅନ୍ଧାରେ ଅଛନ୍ତି । ଶାଲୁଆଡହର ଗ୍ରାମର ସୁଶାନ୍ତ କୁମାର ପାତ୍ର ଓ ଭୋଳା ଗ୍ରାମର ସୋମବାରି ମାରାଣ୍ଡି ଶାରୀରିକ ଅସୁସ୍ଥତା ଯୋଗୁଁ ଗୃହ କାର୍ଯ୍ୟ ଆରମ୍ଭ ନ କରି ଆବାସ ଗୃହର ପ୍ରଥମ କିସ୍ତି ଟଙ୍କା ସରକାରକୁ ଫେରାଇ ଦେଇଥିଲେ । ତାଙ୍କର ଗୃହର ଶ୍ରମିକ ବାବଦରେ ୨୫୯୩୫ ଓ ୨୫୬୬୨ ଟଙ୍କା ଅନ୍ୟ ବ୍ୟାଙ୍କ ଖାତାରେ ଉଠାଣ ହୋଇଛି। ସେହିଭଳ ସାନନାଚଣା ଗ୍ରାମର ସନାତନ ହେମ୍ବ୍ରମଙ୍କ ଆବାସ୍ ଗୃହର ଶ୍ରମିକ ଟଙ୍କା ୨୪୧୩୦,ଶାଲୁଆଡହର ଗ୍ରାମର ଦୂର୍ଗାମଣି ନାଏକଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬, ଭୋଲଘାଟି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, ଭୋଳା ଗ୍ରାମର ସଲମା ମାରାଣ୍ଡିଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, କାଠ ଶିରିଶି ଗ୍ରାମର ଲାଲମୋହନ କିସ୍କୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୩୮୭୬,ଧଖମଣ ଗ୍ରାମର ଧୃବେନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬,କାଠ ଶିରିଶି ଗ୍ରାମର ଡୁମୁଣି ଟୁଡୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬ ଅନ୍ୟ ଗ୍ରାମର ଲୋକଙ୍କ ବ୍ୟାଙ୍କ ଖାତାରେ ଉଠାଣ ହେଇଛି । ଏହିଭଳି ୧୦୦ ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଆବାସ ଶ୍ରମିକ ଟଙ୍କା ଚଞ୍ଚକତା କରି ହରିଲୁଟ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୋଟିଏ ଆବାସ ଗୃହରେ ଦୁଇ ଦୁଇଥର କୋଡ ନମ୍ବର ଜେନେରେଟ କରି ଶ୍ରମିକ ଟଙ୍କା ଉଠାଣ କରି ହିତାଧିକାରୀଙ୍କ ସମେତ ସରକାରଙ୍କୁ ଠକିଛନ୍ତି । ବହୁ ହିତାଧୀକାରୀ ଗୃହ କାର୍ଯ୍ୟ ଆରମ୍ଭ କରି ନାହାନ୍ତି କିନ୍ତୁ ତାଙ୍କ ଗୃହର ୯୫ ଶ୍ରମ ଦିବସର ସମ୍ପୂର୍ଣ୍ଣ ଶ୍ରମିକ ଟଙ୍କା ଅନ୍ୟ ଲୋକଙ୍କ ବ୍ୟାଙ୍କ ଖାତାରେ ଉଠାଣ ହେଇଛି । ଏଠି ପ୍ରଶ୍ନ ଉଠୁଛି ହିତାଧିକାରୀଙ୍କ ଅଜାଣତରେ କିପରି ଟଙ୍କା ଅନ୍ୟ ଖାତାକୁ ଗଲା? କିଏ ଏହାକୁ ଅନୁମୋଦନ କଲା? ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବିକାଶ ସିଂ, ସହାୟକ ବିକାଶ ସମ୍ପ୍ରସାରଣ ଅଧିକାରୀ ଉମ୍ବୁରୁଧର ଦାସ ଓ ସରପଞ୍ଚ ହିତଉସି ଟୁଡୁଙ୍କ ମିଳିଭଗତରେ ଏହି ହରିଲୁଟ୍ ହୋଇଛି । କାରଣ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଡିଏସି ପେମେଣ୍ଟରେ ଦରକାର ହୁଏ ତେଣୁ ପଞ୍ଚାୟତର ଅଧିକାରୀଙ୍କ ସମେତ ସରପଞ୍ଚ ମଧ୍ୟ ଦାୟୀ ।ଏକମାସ ପୂର୍ବରୁ ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ ସଠିକ୍ ତଦନ୍ତ କରି ଦୋଷି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ କିନ୍ତୁ ଏକମାସ ପୁରିବାକୁ ଯାଉଛି କାର୍ଯ୍ୟାନୁଷ୍ଠାନ ଶୁନ। କାହା ଉପରେ ତଦନ୍ତ ଶିଥିଳ ପଡୁଛି, ନା ଜାଣିଶୁଣି ତାଦନ୍ତକୁ ଦିଗହରା କରାଯାଉଛି । ପୁଣି ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀଙ୍କୁ ତଦନ୍ତ ସମ୍ବନ୍ଧରେ ପଚାରିବାରୁ କହିଥିଲେ ତଦନ୍ତ ଚାଲିଛି ଏହି ସପ୍ତାହରେ ତଦନ୍ତ ରିପୋର୍ଟ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ହସ୍ତାନ୍ତର କରିବୁ ।

# ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ତଥା ଭି.ବି-ଜୀ ରାମ ଜୀ ର ଶୁଭାରମ୍ଭ

ଜଗତସିଂହପୁର,୨।୭:(ମନ୍ଥନ) ଆଜି ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ ତଥା ଭି. ବି-ଜୀ ରାମ ଜୀ (ବିକଶିତ ଭାରତ-ଜୀ ରାମ ଜୀ )ର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ କହିଲେ ସମଗ୍ର ଭାରତ ବର୍ଷରେ ଆଜି ଏହି ଯୋଜନାର ଶୁଭାରମ୍ଭ କରାଯାଇଛି । ୧ ଜୁଲାଇ ୨୦୨୬ ଠାରୁ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ଲାଗୁ ହେଉଥିବା ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ଆଇନଗତ ମଜୁରୀ ଭିତ୍ତିକ ନିଯୁକ୍ତିର ଗ୍ୟାରେଣ୍ଟି ପ୍ରଦାନ କରାଯିବା ସହ ଦୈନିକ ମଜୁରୀ ବାବଦକୁ ୩୦୦ଟଙ୍କା ପ୍ରଦାନ କରାଯିବ । ବିକଶିତ ଭାରତ ଗଠନ ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି । ପଞ୍ଚାୟତ ସ୍ତରରେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ ଗୁଡିକୁ ଗ୍ରହଣ କଲେ ଗ୍ରାମାଞ୍ଚଳର ଉନ୍ନତି ହେବା ସହ ପଞ୍ଚାୟତର ଆର୍ଥିକ ବିକାଶ ହୋଇ ପାରିବ । ଜଳ ସୁରକ୍ଷା , ମୂଳ ଗ୍ରାମୀଣ ଭିତ୍ତିଭୂମିର ବିକାଶ, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ସୃଷ୍ଟି ଏବଂ ଚରମ ପାଣିପାଗ ବିପର୍ଯ୍ୟୟ ପ୍ରଶମନ ମାଧ୍ୟମରେ ସଶକ୍ତ ଓ ସମୃଦ୍ଧ ଗ୍ରାମ ଗଠନ କରିବା ଏହି ଯୋଜନାର ଲକ୍ଷ୍ୟ । ସମସ୍ତଙ୍କର ସହଭାଗିତା ରହିଲେ ଏହି ଯୋଜନା ନିଶ୍ଚିତ ଫଳପ୍ରଦ ହୋଇ ପାରିବ । ସୁଦୃଢ଼ ପଞ୍ଚାୟତ ଗଠନ ପାଇଁ ସୁଦୃଢ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ତରାଇ ପ୍ରକାଶ



କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ଶ୍ରୀ ମନୋଜ କୁମାର ଭୋଇ କହିଲେ ଭି .ବି -ଜୀ ରାମ ଜୀ ଯୋଜନାରେ ୧୦୦ ଦିନର କାମ ପରିବର୍ତ୍ତେ ୧୨୫ ଦିନ କାମ ଯୋଗାଇ ଦିଆଯିବ । ଏହି ଯୋଜନାରେ ୩୧୮ଗୋଟି କାମକୁ ସାମିଲ କରାଯାଇଛି । ବିକଶିତ ଗ୍ରାମପଞ୍ଚାୟତ ଯୋଜନାରେ ସମସ୍ତ ଯୋଜନାର ସମନ୍ୱୟ ରଖି କାର୍ଯ୍ୟ କଲେ ପଞ୍ଚାୟତର ଅର୍ଥନୈତିକ ବିକାଶ ହୋଇ ପାରିବ । ନୂତନ ଭାବେ ପ୍ରଣୟନ ହୋଇଥିବା ଭି.ବି -ଜୀ ରାମ ଜୀର ଗାଇଡ ଲାଇନ୍ ଅନୁଯାଇ କାମ କରିବାକୁ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲ୍ଲେ ଯୋଗଦେଇ କହିଲେ ଆଜି ହେଉଛି ଏକ ଐତିହାସିକ ଦିନ। ଆଜିଠାରୁ ପଞ୍ଚାୟତ ସ୍ତରରେ ଏହି ଯୋଜନାକୁ ଲାଗୁ କରାଯାଇ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ପାରିବ । ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମାଞ୍ଚଳର ଲୋକ ମାନଙ୍କର ଆର୍ଥିକ ବ୍ୟବସ୍ଥାକୁ ସଶକ୍ତ ଓ ସୁଦୃଢ କରାଯାଇପାରିବ । ଏହି ଯୋଜନାରେ ଠିକ୍ ସମୟରେ ଶ୍ରମିକ ମାନଙ୍କୁ ମଜୁରୀ ପ୍ରଦାନ କରାଯିବା ସହ ବିଳମ୍ବ ପାଇଁ କ୍ଷତି ପୂରଣ ବ୍ୟବସ୍ଥା ରହିଛି । ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ପ୍ରସ୍ତୁତି ଓ ଏହାର ସଫଳ ରୂପାୟନ କରାଯାଇ ପାରିବ। ଏହି ଉତ୍ସବରେ ଅତିରିକ୍ତ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ ଯୋଗ ଦେଇ କହିଲେ ଜୁଲାଇ ୧ ତାରିଖଠାରୁ ଏହି ଯୋଜନା ସାରା ଦେଶରେ ଆରମ୍ଭ ହୋଇ ଆଜି ତାହାର ଶୁଭାରମ୍ଭ କରାଯାଇଛି । ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଥିବା ଅସୁବିଧା ଗୁଡିକ ଏହି ଭି. ବି -ଜୀ ରାମ ଜୀ ଯୋଜନାରେ ସଂଶୋଧନ କରାଯାଇଛି । ରାଜ୍ୟ ସରକାରଙ୍କ ୪୦% ଏବଂ କେନ୍ଦ୍ର ସରକାରଙ୍କର ୬୦% ଅଂଶଧନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ଯୋଜନାରେ ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇପାରିବ । ଗ୍ରାମାଞ୍ଚଳରେ ନିଶ୍ଚିତ ମଜୁରୀ ଭିତ୍ତିକ ରୋଜଗାର ସୃଷ୍ଟି କରାଯାଇ ପାରିବ । ଏହି ଉତ୍ସବକୁ ଭି.ବି -ଜୀ ରାମ ଜୀ ର ଜିଲ୍ଲା ସଂଯୋଜକ ମଧୁସ୍ମିତା ବିଶ୍ୱାଳ ପରିଚାଳନା କରିଥିଲେ ।ଉତ୍ସବରେ ଭି.ବି -ଜୀ ରାମ ଜୀ ର ଲୋକପାଳ ଶ୍ରୀ ଶିବପ୍ରସାଦ ପତି ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ବରୁ ୧୦୦ ଦିନର କାମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଥିବା ଶ୍ରମିକମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଶେଷରେ ଏରସମା ବି.ଡ଼ି.ଓ ଶ୍ରୀ ଦାଶରଥି ଜେନା ଏହି ଯୋଜନାରେ ନିଜର ଅଭିଜ୍ଞତା ତଥା ଅନୁଭୂତି ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀବୃନ୍ଦ,ଡେପୁଟି ସି.ଇ.ଓ ଜଜଗଇଝ ମଧୁସ୍ମିତା ସାହୁ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ,ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସମ୍ବାଦ
ଶୁକ୍ରବାର ୦୩, ଜୁଲାଇ ୨୦୨୬, ଭୁବନେଶ୍ୱର
Friday, 03 July 2026 Bhubaneswar

‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଆର୍ଥିକ ସ୍ୱାବଲମ୍ବନ

ଆଜିର ସମୟରେ ଭାରତୀୟ ସମାଜରେ ସୁନା ପ୍ରତି ଥିବା ଦୁର୍ବାର ଆକର୍ଷଣ କାହାକୁ ଅଛପା ନାହିଁ । ପରମ୍ପରା ସଂସ୍କୃତି ଏବଂ ସମ୍ମାନର ପ୍ରତୀକ ଭାବେ ଆମେ ସୁନାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଛୁ । ମାତ୍ର ବର୍ତ୍ତମାନର ବିଶ୍ୱସ୍ତରୀୟ ଅର୍ଥନୈତିକ ପରିସ୍ଥିତିକୁ ବିଚାର କଲେ, ଆମର ଏହି ପାରିମ୍ପରିକ ଅଭ୍ୟାସ ଦେଶ ପାଇଁ ଏକ ବଡ ଆହ୍ୱାନ ସୃଷ୍ଟି କରୁଛି । ନିକଟରେ ସୁନା ଦରରେ କିଛିଟା ହ୍ରାସ ଘଟିଥିଲେ ମଧ୍ୟ ବଜାରରେ କ୍ରେତାଙ୍କ ସଂଖ୍ୟା ଆଶାତୀତ ଭାବେ କମିଛି । ଏହା କେବଳ ଏକ ବ୍ୟବସାୟିକ ମାନ୍ଦାବସ୍ଥା ନୁହେଁ, ବରଂ ଜନସାଧାରଣଙ୍କ ମନରେ ଆସିଥିବା ଏକ ବଡ ପରିବର୍ତ୍ତନର ସୂଚକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସମୟୋପଯୋଗୀ ଆହ୍ୱାନ, ଅନାବଶ୍ୟକ ଭାବେ ସୁନା ନ କିଣିବାକୁ ନେଇ ଯେଉଁ ଚର୍ଚ୍ଚା ସୃଷ୍ଟି ହୋଇଛି, ତାହା ଆଜିର ସମୟର ସବୁଠାରୁ ବଡ ଜାତୀୟ ଆବଶ୍ୟକତା ପାଲଟିଛି । ଭାରତ ଏକ ବିଶାଳ ଦେଶ ଏବଂ ସୁନା ଆମଦାନୀ କ୍ଷେତ୍ରରେ ଆମେ ବିଶ୍ୱର ଅଗ୍ରଣୀ ଦେଶ ମଧ୍ୟରୁ ଅନ୍ୟତମ । ପ୍ରତ୍ୟେକ ବର୍ଷ ଆମେ ବିଦେଶରୁ ବିପୁଳ ପରିମାଣର ସୁନା ଆମଦାନୀ କରୁଛୁ, ଯାହାପାଇଁ ଆମକୁ ବହୁମୂଲ୍ୟ ବୈଦେଶିକ ମୁଦ୍ରା ବା ଡଲାର ଖର୍ଚ୍ଚ କରିବାକୁ ପଡୁଛି । ବର୍ତ୍ତମାନର ଭୌଗଳିକ ରାଜନୈତିକ ସ୍ଥିତି ଯେପରି ଅସ୍ଥିର ହୋଇପଡିଛି, ତେଲ ଦରଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଆମକୁ ସିଧାସଳଖ ଡଲାର ଉପରେ ନିର୍ଭର କରିବାକୁ ପଡୁଛି । ଯଦି ଆମେ ସୁନା ଆମଦାନୀ ପାଇଁ ଅହେତୁକ ଭାବେ ଡଲାର ଖର୍ଚ୍ଚ କରିଚାଲିବା, ତେବେ ଦେଶର ବିନିମୟ ମୂଲ୍ୟ ଉପରେ ଚାପ ପଡିବ, ଯାହାର ସିଧା ପ୍ରଭାବ ସାଧାରଣ ଲୋକଙ୍କ ଜୀବନଧାରଣ ଉପରେ ଏହି କଥାକୁ ହିଁ ମାନ୍ୟବର ପ୍ରଧାନମନ୍ତ୍ରୀ ବାରମ୍ବାର ଦେଶବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ସୁନା କିଣିବା କୌଣସି ପାପ ନୁହେଁ, କିନ୍ତୁ ଅନାବଶ୍ୟକ ଭାବେ ଏହାକୁ ଗଚ୍ଛିତ କରି ରଖିବା ଦେଶର ବିକାଶ ପାଇଁ ବାଧକ ସାଜୁଛି । ଅଧିକାଂଶ ପରିବାରରେ ଆଜି ମଧ୍ୟ ବିବାହ ଉତ୍ସବରେ ସୁନାର ଅପବ୍ୟବହାର ଦେଖିବାକୁ ମିଳୁଛି । ସୁନାକୁ କେବଳ ସମ୍ପତି ବା ପୁଞ୍ଜି ଭାବେ ନ ଦେଖି ଏହାକୁ ଏକ ପ୍ରଦର୍ଶନର ବସ୍ତୁ ଭାବେ ବ୍ୟବହାର କରିବା ଆମର ଅର୍ଥନୈତିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗ୍ରହଣ କରି ଆଜି ଅନେକ ସଚେତନ ବ୍ୟକ୍ତି ସୁନା କିଣିବା ବନ୍ଦ କରି ଅର୍ଥକୁ ସ୍ମଲ ସେଭିଂ ସ୍କିମ୍, ଶେୟାର ବଜାର, କିମ୍ବା ବ୍ୟାଙ୍କ ଡିପୋଜିଟରେ ବିନିଯୋଗ କରୁଛନ୍ତି । ଏହାଦ୍ୱାରା ଅର୍ଥନୀତିରେ ପୁଞ୍ଜି ସଂଚାରଣ ହେଉଛି । ସୁନା ଯାହାକି ଲକରରେ ପଡି ରହିଲେ କୌଣସି ଉତ୍ପାଦନକ୍ଷମ କାମରେ ଲାଗେ ନାହିଁ, ତାହାକୁ ଆର୍ଥିକ ସମ୍ପଦରେ ପରିଣତ କରିବା ହିଁ ପ୍ରକୃତ ଦେଶପ୍ରେମ । ସୁନା ବଜାରରେ ସମ୍ପ୍ରତି ସ୍ଥିତିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଗ୍ରାହକମାନେ ଏବେ ସୁନା କିଣିବା ପରିବର୍ତ୍ତେ ନିଜ ପାଖରେ ଥିବା ପୁରୁଣା ସୁନାକୁ ବିକ୍ରି କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଏହା ଦୁଇଟି କଥା ସୂଚାଉଛି । ପ୍ରଥମତଃ, ଲୋକେ ଆର୍ଥିକ ଭାବେ ସଚେତନ ହେଉଛନ୍ତି ଏବଂ ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ଆବଶ୍ୟକତା ପ୍ରତି ସେମାନେ ଗୁରୁତ୍ୱ ଦେଉଛନ୍ତି । ଏହା ପରିବର୍ତ୍ତନ ଅତ୍ୟନ୍ତ ସକାରାତ୍ମକ । ଆମେ ଯଦି ସୁନା ପ୍ରତି ଥିବା ଆମର ମୋହକୁ କିଛିଟା କମ୍ କରି ଦେଶର ସ୍ୱାର୍ଥରେ ସଂଚୟ କରିବା ଶିଖିବା, ତେବେ ଭବିଷ୍ୟତରେ ଆମର ଅର୍ଥନୀତି ଅଧିକ ସୁଦୃଢ ହେବ । ସର୍ବଶେଷରେ ସୁନା କିଣିବା ଏକ ବ୍ୟକ୍ତିଗତ ପସନ୍ଦ ହୋଇପାରେ, କିନ୍ତୁ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଆମେ କ'ଣ କରୁଛେ ତାହା ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରେ । ଆମର ସଂଚୟ ଯଦି ଦେଶର ବିକାଶରେ ଲାଗିବ, ତେବେ ତାହା ପ୍ରକୃତ ଅର୍ଥରେ ସୁନା ଠାରୁ ବି ମୂଲ୍ୟବାନ ହେବ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ଆସନ୍ତୁ ଆମେ ସୁନା କିଣିବା ଅଭ୍ୟାସରେ ସଂଯମତା ଅବଲମ୍ବନ କରିବା ଏବଂ ଦେଶର ଆର୍ଥିକ ଅଭିବୃଦ୍ଧିରେ ନିଜର ଅବଦାନ ରଖିବା । ସୁନା ମୋହ ତ୍ୟାଗ କରି ଆର୍ଥିକ ସ୍ୱାଧୀନତାର ପଥରେ ଅଗ୍ରସର ହେବା ହିଁ ଆଜିର ସମୟରେ ସର୍ବଶ୍ରେଷ୍ଠ ଆବଶ୍ୟକତା । ସୁନା ଦର ହ୍ରାସ ପାଇବା ସତ୍ତ୍ୱେ ବଜାରରେ କ୍ରେତାଙ୍କ ସଂଖ୍ୟା କମିବାରେ ଲାଗିଛି । ସାଧାରଣତଃ ଦର କମିଲେ ଗ୍ରାହକମାନେ ଅଧିକ ସୁନା କିଣିବାକୁ ପସନ୍ଦ କରନ୍ତି, ମାତ୍ର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଦେଶର ଅର୍ଥନୈତିକ ସ୍ଥିରତା ଓ ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନେକ ସମୟରେ ଅନାବଶ୍ୟକ ସୁନା କ୍ରୟ ନକରିବାକୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ବିଶ୍ୱସ୍ତରୀୟ ଅସ୍ଥିରତା ଓ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁଁ ଭାରତର ବୈଦେଶିକ ମୁଦ୍ରା ଉପରେ ଚାପ ପଡୁଛି । ଅଧିକ ସୁନା ଆମଦାନୀ କଲେ ଦେଶର ଡଲାର ସଂଚୟ ହ୍ରାସ ପାଏ, ଯାହା ଅର୍ଥନୀତି ପାଇଁ ଚିନ୍ତାର ବିଷୟ । ସେଥିପାଇଁ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକଙ୍କୁ ଅନାବଶ୍ୟକ ଭାବେ ସୁନା କିଣିବାକୁ ବାରଣ କରିଥିଲେ । ଅନେକ ପରିବାର ଏହି ଅହ୍ୱାନକୁ ଗ୍ରହଣ କରି ବିବାହ ବ୍ରତ ବା ସାମାଜିକ କାର୍ଯ୍ୟରେ ପୁରୁଣା ସୁନାକୁ ବ୍ୟବହାର କରିବା କିମ୍ବା ନୂତନ ସୁନା ଦର ସ୍ଥିର ନଥିବାରୁ ଏବଂ ଅର୍ଥନୈତିକ ଅନିଶ୍ଚିତତା କାରଣରୁ ଲୋକେ ସୁନା କିଣିବା ପରିବର୍ତ୍ତେ ନିଜର ସଂଚିତ ସୁନା ବିକ୍ରି କରିବାକୁ ଅଧିକ ଆଗ୍ରହୀ ହେଉଛନ୍ତି । ଏହାଦ୍ୱାରା ଦେଶରେ ପୁରୁଣା ସୁନା ବିକ୍ରି ପ୍ରାୟ ୪୩ପ୍ରତିଶତ ବୃଦ୍ଧି ପାଇଛି । ଜଣେ ସଚେତକ ନାଗରିକ ଭାବେ ଦେଶର ଅର୍ଥନୈତିକ ସ୍ୱାର୍ଥକୁ ଆଗରେ ରଖିବା ଏବଂ ବଜାରର ସ୍ଥିତିକୁ ବୁଝି ନିଷ୍ପତି ନେବା ଏବେ ସମୟର ଆବଶ୍ୟକତା । ସୁନା କେବଳ ଏକ ଅଳଙ୍କାର ନୁହେଁ ବରଂ ଏକ ଆର୍ଥିକ ସମ୍ପତି । ତେଣୁ ବଜାରରେ ହେଉଥିବା ଉତ୍‌ଥାନ-ପତନ ଓ ଦେଶର ସାମଗ୍ରିକ ଅର୍ଥନୀତିକୁ ଦୃଷ୍ଟିରେ ରଖି ନିବେଶ କରିବା ହିଁ ବୁଦ୍ଧିମାନର କାମ । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ କେବଳ ସରକାରୀ ନିଷ୍ପତି ନୁହେଁ, ବରଂ ଜାତୀୟ ଅର୍ଥନୀତିକୁ ମଜବୁତ କରିବାରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ଯାହାଫଳରେ ଗ୍ରାହକମାନେ ଏବେ ସୁନା କ୍ରୟ କ୍ଷେତ୍ରରେ ଅଧିକ ସତର୍କ ଓ ସଂଯମତା ଅବଲମ୍ବନ କରୁଛନ୍ତି ।

## ଦୂରେଇବା ପ୍ଲାଷ୍ଟିକ....

**ଡ଼ଃ.ଅରୁନ୍ଧତୀ ଦେବୀ**

ପ୍ରତିବର୍ଷ ଜୁଲାଇ ୩ ତାରିଖରେ ସାରା ବିଶ୍ୱରେ ପାଳିତ ହୁଏ ପ୍ଲାଷ୍ଟିକ ବ୍ୟାଗମୁକ୍ତ ଦିବସ । ଏହି ଦିବସ ଅବସରରେ ପ୍ଲାଷ୍ଟିକ ବ୍ୟାଗକୁ ବ୍ୟବହାର ନକରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥାଏ । ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହୋଇସାରିବା ପରେ ଏଣେତେଣେ ଫିଙ୍ଗା ଯାଇଥାଏ । ଯାହା ମାଟିରେ ମିଶିପାରିନଥାଏ । ଫଳରେ ଏହା ପର୍ଯ୍ୟାବରଣ ନଷ୍ଟ କରିବା ସହ ବର୍ଷା ଜଳକୁ ମଧ୍ୟ ଭୂଗର୍ଭ ମଧ୍ୟକୁ ଭେଦିବାକୁ ଦେଇନଥାଏ । ବାହାରେ ପଡ଼ିଥିବା ଖାଦ୍ୟଦ୍ରବ୍ୟକୁ ଖାଇବା ବେଳେ ଗୋରୁଗାଇ ମଧ୍ୟ ବେଳେ ବେଳେ ଜରି ଖାଇଥାନ୍ତି, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥାଏ । ଏକ ଗବେଷଣାରୁ ଜଣାଯାଇଛି ଯେ, ମାତ୍ର କିଛି ସମୟ ପାଇଁ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବ୍ୟାଗକୁ ମାଟିରେ ମିଶିବା ପାଇଁ ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ । ତେଣୁ ପ୍ଲାଷ୍ଟିକ ବ୍ୟାଗ ବଦଳରେ କାଗଜ ବ୍ୟାଗ ବ୍ୟବହାର କରିବାକୁ ବୈଜ୍ଞାନିକମାନେ ମତ ଦେଇଥାନ୍ତି । ଏଭଳି କରିବା ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷିତ ରହିବା ସହ ଭୂତଳ ଜଳର ମାତ୍ରା ମଧ୍ୟ ବୃଦ୍ଧି ପାଇପାରିବ । ପ୍ଲାଷ୍ଟିକ ଯେ ଏକ ଭୟାନକ ରାସାୟନିକ ପଦାର୍ଥ ଏହାକୁ ଅନେକ ଜ୍ଞାନୀଗୁଣି ଲୋକ ବୁଝି ନପାରିବା ବଡ଼ ବିସ୍ମୟର କଥା । ପ୍ଲାଷ୍ଟିକ ବ୍ୟାଗମୁକ୍ତ ପାଳନ ଅବସରରେ ଗୋଟିଏ ଦିନ ପାଇଁ ହେଉପଛେ, କାଗଜ ଥଳି ବ୍ୟବହାର କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଯାଇଥାଏ । ଆଜିକାଲି ଏହି ପ୍ଲାଷ୍ଟିକ ଆମ ପାଇଁ ସହଜ ଓ ସୁବିଧା ଉପଲବ୍ଧ ହେଉଥିବାବେଳେ ଏହା କିନ୍ତୁ ଆମ୍ଭ ମାନଙ୍କର ଦୈନନ୍ଦିନ ଜୀବନ ପ୍ରଣାଳୀ ଓ ପରିବେଶ କ୍ଷେତ୍ର ପାଇଁ ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହେଉଛି । ପ୍ଲାଷ୍ଟିକ ବିଷ ଆମ ସମାଜ, ପରିବେଶ ଓ ବ୍ୟକ୍ତିଗତ ଜୀବନକୁ ମଧ୍ୟ ଯେଉଁପରି ଭାବେ ପ୍ରଦୂଷଣ ଭିତରୁ ଠେଲି ଦେଉଛି ତାହା ଅବର୍ଣ୍ଣନୀୟ । ସରକାର ନୀତିଗତ ଭାବେ ପ୍ଲାଷ୍ଟିକର ବ୍ୟବହାର ଓ ପ୍ଲାଷ୍ଟିକ ଜରି ବିକ୍ରିଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ଆମ ମାନଙ୍କ ଭିତରେ ଯେଉଁଦିନ ପର୍ଯ୍ୟନ୍ତ ‘ଦୂରେଇବା ପ୍ଲାଷ୍ଟିକ’ ଏହି ମାନସିକତା ଗ୍ରହଣ କରାନଯାଇଛି ସେ ପର୍ଯ୍ୟନ୍ତ ପ୍ଲାଷ୍ଟିକର ବ୍ୟବହାର ବଢୁଥିବ ବରଂ ଏହା ଉପରେ ଅଙ୍କୁଶ ଲାଗିପାରିବ ନାହିଁ । ତେଣୁ ଆମ୍ଭେମାନେ ଯଥାସମ୍ଭବ ପ୍ଲାଷ୍ଟିକ ଠାରୁ ଦୂରେଇ ଏହାର ବିକଳ୍ପ ଭାବରେ ରହିଥିବା କାଗଜ ସାମଗ୍ରୀ ହେଉ ବା ଅନ୍ୟ ପରିବେଶଯୁକ୍ତ ସାମଗ୍ରୀ ବ୍ୟବହାର କରିବାର ଶପଥ ଆଜିର ଦିନରୁ ଆରମ୍ଭ ହେଉ । ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଆମ୍ଭେମାନେ ଏ କ୍ଷେତ୍ରରେ ଶପଥ ନେଇ ପ୍ଲାଷ୍ଟିକକୁ ଦୂରେଇ ଦେବା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଏକାଦଶୀରେ ମହାଦୀପ ଓ ହରିନାମ ସଂକୀର୍ତ୍ତନ

**କବୀର କୁମାର ଜେନା**

‘ହରିବୋଲ ହରିବୋଲ ହରିବୋଲ ଭାଇ, ହରି ନାମେ ତରି ଗଲେ ଜଗାଇ ମାଧାଇ’ । ଭକ୍ତ ଶ୍ରୀଚୈତନ୍ୟଙ୍କ ନାମ ମହିମାର ଅପୂର୍ବ ଗାଥା ଯୁଗ ଯୁଗ ପାଇଁ କେବଳ କାଳଜୟୀ ହୋଇନାହିଁ ବରଂ ପ୍ରତିଟି ଭକ୍ତର ହୃଦୟରେ ହରି ନାମ ସଂକୀର୍ତ୍ତନର ରସପୂର୍ଣ୍ଣ ଭାବ ଏଥିରେ ଜଡ଼ିତ । ମହାପ୍ରଭୁଙ୍କ ଶ୍ରୀମନ୍ଦିରର ନୀତିରୀତି ଯେତିକ ଐତିହ୍ୟପୂର୍ଣ୍ଣ ସେତିକି ପ୍ରଥା ଓ ପରମ୍ପରାକୁ ନେଇ ଜଡ଼ିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ହରି ନାମ ସଂକୀର୍ତ୍ତନ ଉପରେ ହୁଏତ ଅନେକ ବିସ୍ମୟ ପ୍ରକଟ କରିପାରନ୍ତି କିନ୍ତୁ ଭାବର ଠାକୁର ସେହି ଲୀଳାମୟଙ୍କ ଲୀଳା ଅନନ୍ତ, ଅପୂର୍ବ, ଦିବ୍ୟ ଓ ରସପୂର୍ଣ୍ଣ । ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀଜଗନ୍ନାଥଙ୍କ ଧାମ ପ୍ରାଚୀନ କାଳରୁ ବୈଷ୍ଣବଙ୍କ ଉପାସନାର କ୍ଷେତ୍ର ଭାବେ ପୁରାଣ ବିଦିତ । ଏ ସମ୍ପର୍କରେ ‘ସ୍କନ୍ଦ ପୁରାଣ’ ଓ ‘ନୀଳାଦ୍ରୀ ମହୋଦୟ’ରେ ଗୁରୁତ୍ୱପୂର୍ଣ୍ଣ ଅବତାରଣ ରହିଛି । ମହାପ୍ରଭୁଙ୍କ ନୀତିକାନ୍ତୀ ସବୁ ଭିତରେ ପରିପୂର୍ଣ୍ଣ ହେଉଛି ମହାନ ଉତ୍କଳୀୟ ଚେତନା ।

ଅନେକ ହୁଏତ ଜାଣିନଥିବେ ପ୍ରତ୍ୟେକ ଏକାଦଶୀରେ ରାତିରେ ଶ୍ରୀମନ୍ଦିର ଚୂଡ଼ାକୁ ମହାଦୀପ ଉଠେ । ମହାଦୀପ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ହୁଏ । ଅନେକ ଏକାଦଶୀ ବ୍ରତ କରି ଦର୍ଶନ ପାଇଁ ଆସନ୍ତି । ଧ୍ୱଜାବନ୍ଧା ସେବକମାନେ ଅନ୍ୟ ଦିନରେ ଶ୍ରୀନୀଳଚକ୍ରରେ ଧ୍ୱଜା ବାନ୍ଧନ୍ତି । ପ୍ରତ୍ୟେକ ଏକାଦଶୀ ଦିନ ବଡ଼ ମହାଦୀପ ଧରି ଶ୍ରୀମନ୍ଦିର ଶୀର୍ଷକୁ ଯାଇ ଶ୍ରୀନୀଳଚକ୍ର ଚାରିପଟେ ଅର୍ଥାତ୍ ଅଁଳାବେଢ଼ା ପରିକ୍ରମା କରିଥାନ୍ତି । ତିନିଟି ରୂପା କଳସୀରେ ଘିଅ ନିଆଯାଏ । କଦଳୀ ବାସୁଙ୍ଗାରେ ନୂଆ କନା ଗୁଡ଼ାଇ ବଳିତା କରାଯାଇଥାଏ । ମହାପ୍ରଭୁଙ୍କ ନିକଟରେ ମହାଦୀପ ସଂସ୍କାର କରି ଆଳତି କରାଯିବା ପରେ ଶ୍ରୀମନ୍ଦିର ଉପରକୁ ମହାଦୀପ ଉଠିବାର ବିଧି ରହିଛି । ବେଢ଼ା ବୁଲିବା ବେଳେ ସେବକଙ୍କ ମୁହଁରୁ ସଂସାର ସୁଖୀ ହେବାର ମଙ୍ଗଳ କାମନା ଶବ୍ଦ ଉଚ୍ଚାରିତ ହେବାର ବିଧି ରହିଛି । ଭକ୍ତ ବାଦ୍ୟମାନ ଏହିପରି ‘ହରି ବୋଲ ବୋଲ ହେ - ହରି ବୋଲି ବୋଲ ହେ - ହରି ବୋଲି ବୋଲ’ । ହେ ମହାପ୍ରଭୁ ଶ୍ରୀ ଶ୍ରୀ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବୀରାଧିବୀରବର ଭୂତ ଭୈରବ ସାଧୁ ଶାସନୋର୍ତ୍ତୀର୍ଣ୍ଣ ରାଉତରାଜ ଅତୁଳବଳ ପରାକ୍ରମ ସଂଗ୍ରାମ ସହସ୍ର ବାହୁ କ୍ଷତ୍ରିୟ କୁଳ ଧୂମକେତୁ ମହାରାଜାଧିରାଜ ଦିବ୍ୟସିଂହ ଦେବ ମହାରାଜାଙ୍କ ଶଙ୍ଖେ ପୂରାଇ ଚକ୍ର ଆତୁଆଳ କରିବା ପାଇଁ ଆଜ୍ଞା ହେଉ । ହରି ବୋଲି ବୋଲ ହେ - ହରିବୋଲ ବୋଲ ହେ ମହାପ୍ରଭୁ । ସଂସାର ସୁଖୀ ରହୁ । ସେବକ ଅଁଳାବେଢ଼ା ଉପରେ ପରିକ୍ରମା କରିବା ବେଳେ ଏହି ବାକ୍ୟ ଉଚ୍ଚାରଣର ପରମ୍ପରା ରହି ଆସିଛି । ଡ.ଭାସ୍କର ମିଶ୍ରଙ୍କ ଶ୍ରୀଜଗନ୍ନାଥ ଜ୍ଞାନକୋଷର ତଥ୍ୟ ମୁତାବକ ଯେବେ ଯେଉଁ ରାଜା ଗାଦିଆସୀନ ହୋଇଥାନ୍ତି, ତାଙ୍କ ନାମ ହିଁ ସେଇ ସମୟରେ ଉଚ୍ଚାରଣ ହୋଇଥାଏ । ପୂର୍ବରୁ ଆଠଗଡ଼ ରାଜାଙ୍କ ନାମ ମଧ୍ୟ ଉଚ୍ଚାରଣ ହେଉଥିବା କଥା ସନନ୍ଦମାନଙ୍କରୁ ସୂଚନା ମିଳୁଛି । ସଂପ୍ରତି କେବଳ ପୁରୀ ରାଜାଙ୍କ ନାମ ଉଚ୍ଚାରଣ କରାଯାଏ ବୋଲି ଉଲ୍ଲେଖ ରହିଛି ।

ଲୀଳାମୟଙ୍କ ଲୀଳା ଯେତିକି ଐତିହ୍ୟ, ସଂସ୍କୃତି ଓ ପରମ୍ପରାପୂର୍ଣ୍ଣ ସେତିକି ଭକ୍ତିଭାବନାରେ ଜଡ଼ିତ । ଏହି ଲୀଳାମୟଙ୍କ ଦିବ୍ୟ ଲୀଳା । ଜ୍ଞାନକୋଷର ତଥ୍ୟ ମୁତାବକ, ପ୍ରତ୍ୟେକ ଏକାଦଶୀ ପାଇଁ ସ୍ୱତନ୍ତ୍ର ଶୈଳୀରେ ମହାଦୀପ ନିର୍ମିତ ହୋଇଥାଏ । ଏଥିରେ ୧୮ ଗୋଟି ଛଟାଙ୍କି ରହିଥାଏ । ପ୍ରାୟ ୧୩୫୦ ଗ୍ରାମର ଗୁଆଘିଅ ଓ ବଳିତା ରଖାଯାଇ ଦୀପରେ ଅଗ୍ନି ସଂଯୋଗ କରାଯିବାର ବିଧି ରହିଛି । ଗ୍ରୀଷ୍ମ, ବର୍ଷା, ଶୀତ ସବୁ ଏକାଦଶୀରେ ଚୂନରା ସେବକ ଶ୍ରୀମନ୍ଦିର ଅଁଳା ବେଢ଼ାକୁ ଯାଇ ମହାଦୀପ ଉଠାଇଥାଆନ୍ତି । ଲୀଳାମୟଙ୍କ ଦିବ୍ୟ ଲୀଳା ଭିତରେ ପ୍ରତ୍ୟେକ ଏକାଦଶୀରେ ମହାଦୀପ ଦର୍ଶନ ଦିବ୍ୟଫଳ ଦେଇଥାଏ ଓ ଆବହମାନ ସମୟରୁ ବିଶ୍ୱାସ ରହିଛି ଏହି ସମୟରେ ଯିଏ ଯାହା ପ୍ରାର୍ଥନା ବା ସଂକଳ୍ପ ରଖିଥାନ୍ତି ତାହା ପ୍ରାପ୍ତ ହୋଇଥାନ୍ତି । ବହୁ ଦୂର ଦୂରାନ୍ତରୁ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଓ ଭକ୍ତମାନେ ଏହି ମହାଦୀପ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଆଗମନ କରିଥାନ୍ତି ।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭
E-mail : kabirkjena@gmail.com

# ରୋଷର ଅଗ୍ନି ରକ୍ଷକ ଅଗ୍ନିଶ୍ୱର ମହାଦେବ

**ଅଲେଖ ଚନ୍ଦ୍ର ସାମଲ**

ଚରମ ଶୂନ୍ୟ, ନିରାକାର, ଐଶ୍ୱୀଶକ୍ତି ଈଶ୍ୱରଙ୍କୁ ଆମେ ଚତୁର୍ଦ୍ଧାମୂର୍ତ୍ତିରେ ପୂଜା କରୁ ସେଥିରୁ ତିନୋଟି ସାକାର ଓ ଗୋଟିଏ ନିରାକାର । ସୁଭଦ୍ରା, ଜଗନ୍ନାଥ, ବଳଭଦ୍ର ସାକାର, ସୁଦର୍ଶନ ନିରାକାର । ନିରାକାର ଐଶ୍ୱୀଶକ୍ତି ଈଶ୍ୱରଙ୍କର ଧାରଣା କରିହେବନି । ତାଙ୍କର ଧାରଣା କରିବାପାଇଁ ପ୍ରକୃତି ପୁରୁଷ ସୃଷ୍ଟି, ମାତୃଶକ୍ତି, ପିତୃଶକ୍ତି, ସନ୍ତାନଶକ୍ତି ରୂପେ ସୁଭଦ୍ରା ଓ ଜଗନ୍ନାଥ, ବଳଭଦ୍ରଙ୍କ କଳ୍ପନା କରାଯାଇଛି । ସଂକ୍ଷେପରେ କହିଲେ ଏ ବିଶ୍ୱ ବ୍ରହ୍ମାଣ୍ଡ ତଥା ସୃଷ୍ଟି ହେଉଛି ଏକ ବିରାଟ ନାଟକ । ଆମେ ଦେହରୂପୀ ରଥରେ ଜୀବାତ୍ମା ବାମନକୁ ଦର୍ଶନ କଲେ ଏହି ଅନୁଭୂତି ହୁଏ । ତେଣୁ କୁହାଯାଇଛି ‘ରଥେଶୁ ବାମନଃ ଦୃଷ୍ଟ୍ୱା, ପୁନର୍ଜନ୍ମ ନ ବିଦ୍ୟତେ ।’ ବିଶ୍ୱ ବିସ୍ତୃତ ଜଗନ୍ନାଥଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତ୍ତି ତତ୍ତ୍ୱ, ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ । ଓଡ଼ିଶାର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ । ଶ୍ରୀପୁରୁଷୋତ୍ତମ ଚେତନାର ଶ୍ରେଷ୍ଠ କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ । ଜଗନ୍ନାଥ ଚେତନା ଏହି ଉଦଘୋଷଣ କରେ ପୂର୍ଣ୍ଣରୁ ପୂର୍ଣ୍ଣଗଲେ ପୂର୍ଣ୍ଣ ହିଁ ରହେ । ଏହା ହିଁ ସତେ ଯେମିତି ଜଗତବାସୀଙ୍କୁ ଶୁଣାଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଭାରତୀୟ ଆଧ୍ୟାତ୍ମିକ ତତ୍ତ୍ୱକୁ ପରିପୁଷ୍ଟ କରିବାରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଗୋଟାଏ ଜାତିର ସର୍ବଶ୍ରେଷ୍ଠ ଅବଦାନ । ସିଏ ମୁକ୍ତ - ଚିର ମୁକ୍ତ, ତେଣୁ ସେ ପତିତର ବନ୍ଧୁ, ଦଳିତର ବନ୍ଧୁ, ଦରିଦ୍ରର ବନ୍ଧୁ ଯଥାର୍ଥରେ ସେ ଗଣବନ୍ଧୁ । ଜଗନ୍ନାଥ ଭକ୍ତିରେ ଠାକୁର ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର, ସେ ନିର୍ଗୁଣ ହୋଇ ବି ସଗୁଣ, ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ । ତେଣୁ ସେ କରୁଣା ସାଗର, କୃପାସିନ୍ଧୁ ।

ଭୁବନବିଭୁ ମହାପ୍ରଭୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ଅଧିଷ୍ଠାନ ସ୍ୱପ୍ରକାଶ ପରଂବ୍ରହ୍ମ ପରମାତ୍ମା ଭଗବାନ । ସେ ମଧ୍ୟ ଓଡ଼ିଆ ସମାଜ, ସଂସ୍କୃତି ତଥା ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର ଅଟନ୍ତି । ସର୍ବତୋ ଭାବେ ଆତ୍ମ ନିବେଦନ ହିଁ ଜଗନ୍ନାଥ ତତ୍ତ୍ୱ । ପ୍ରବହମାନ କାଳସ୍ରୋତରେ ଭିନ୍ନ ଭିନ୍ନ ତରଙ୍ଗ ସୃଷ୍ଟି ହୋଇଛି ଓ ସେହି ତରଙ୍ଗରେ ଭାସି ଭାସି ଆସିଛନ୍ତି କେତେ କେତେ ମହାମନୀଷି । ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଲୀଳାଖେଳା ଜାନିଯାତ୍ରା ଅପାର ଓ ବୈଚିତ୍ର୍ୟ ମଧ୍ୟରେ ଭକ୍ତଙ୍କୁ ସାଙ୍ଗରେ ନେଇ ସମଭାବରେ ପାଳିତ ହୋଇ ଆସୁଛି । ସବୁ ଧର୍ମ, ଜାତି, ବର୍ଣ୍ଣ ସମସ୍ତ ସ୍ତରରେ ସାମାଜିକ ମାନବ ଏହି ଦାରୁଦେବତା ପରମବ୍ରହ୍ମ ଠାକୁର ଜଗନ୍ନାଥଙ୍କ ଲୀଳାରେ ସମାନ ରୂପରେ ଲାଳିତ ପାଳିତ ହୋଇଥାନ୍ତି । ପ୍ରଭୁଙ୍କ ଅପାର କରୁଣାରେ ସମସ୍ତେ ଚକାଡ଼ୋଳା ଆଖିକୁ କଳା ବଦନରେ ଝଲସୁ ଥିବାର ଦେଖିପାରନ୍ତି ଓ ଚକାନୟନରେ ଥରେ ନୟନ ମିଶିଗଲେ ସମସ୍ତ ଭକ୍ତସମାଜ ଆତ୍ମବିଭୋର ହୋଇପଡ଼ିଥାନ୍ତି । ସତେ ବିଶ୍ୱ ବ୍ରହ୍ମାଣ୍ଡରେ ଏହିଭଳି ଏକ ଆଧ୍ୟାତ୍ମିକବାଦର ସାମାଜିକ ଚଳନ୍ତି ଠାକୁର ସମଭାବ ସୃଷ୍ଟିକାରୀ ଜଗନ୍ନାଥ ପରଂବ୍ରହ୍ମଙ୍କର ବାରମାସରେ ତେର ପର୍ବ ରଚନା ନିଶ୍ଚିନ୍ତ ରୂପେ ଭକ୍ତ ସାଗରରେ ନର-ନାରୀ- ଦେବ-ଦେବୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥାଏ ଓ ଏଥିରେ ନୂତନ ଆହ୍ଲାଦ ଭକ୍ତି ସାଗରର ଉନ୍ମାଦନା ସୃଷ୍ଟି କରିଥାଏ । ଶ୍ରୀକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର ଯେଉଁଠାରେ ବିଜେ ଚତୁର୍ଦ୍ଧାମୂର୍ତ୍ତି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ସେହି କ୍ଷେତ୍ର ପୁଣି ଶଙ୍ଖକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଦ୍ରି କ୍ଷେତ୍ର, ଶ୍ରୀଜଗନ୍ନାଥ ଧାମ ଯାହା ଧାମ ମଧ୍ୟରେ ସର୍ବଶ୍ରେଷ୍ଠ ଧାମ । ମହାପ୍ରଭୁଙ୍କ ଷାଠିଏ ପଉଟି ଭୋଗ ପ୍ରସ୍ତୁତିରେ ମହାପ୍ରସାଦ ସ୍ୱତନ୍ତ୍ର ଓ ଅନନ୍ୟ । ଏହାକୁ ପାଇବା ପାଇଁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଜନ ପୁରୀକୁ ଆଗମନ କରିଥାନ୍ତି । ତେବେ ଅନେକ ହୁଏତ ଜାଣି ନାହାଁନ୍ତି ମହାପ୍ରଭୁଙ୍କ ରୋଷର ଅଗ୍ନି ରକ୍ଷା ଦାୟିତ୍ୱରେ ଅଛନ୍ତି ସ୍ୱୟଂ ଅଗ୍ନିଶ୍ୱର ମହାଦେବ ।

ଆଗ୍ନେୟ କୋଣର ରକ୍ଷକ ଭାବେ ପୂଜା ପାଉଛନ୍ତି ଅଗ୍ନିଶ୍ୱର ମହାଦେବ । ଆଗ୍ନେୟ କୋଣରେ ଥିବାରୁ ସମ୍ଭବତଃ ନାମ ଅଗ୍ନିଶ୍ୱର ହୋଇଥିବା ଅନୁମାନ । ଅନେକଙ୍କ ମତରେ ଆଗ୍ନେୟେଶ୍ୱର ମହାଦେବ ଭାବେ ମଧ୍ୟ ସମ୍ବୋଧନ ହୋଇଥାନ୍ତି । ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହେଉଥିବା ରୋଷର ଅଗ୍ନି ରକ୍ଷକ । କୂର୍ମବେଢ଼ାର ପ୍ରତିପାଳକ ବୋଲି ମଧ୍ୟ କୁହାଯାଏ । ଅଗ୍ନିଶ୍ୱର ମହାଦେବ ବିଷ୍ଣୁଙ୍କର ପାକ ବିଶୋଷକ ଭାବରେ ବିଦିତ । ତେଣୁ ଏହି ମହାଦେବଙ୍କୁ ଶ୍ରୀମନ୍ଦିର ରୋଷଘରର ଅଗ୍ନି ରକ୍ଷକ ବୋଲି କୁହାଯାଏ । ଶ୍ରୀମନ୍ଦିରର ବାଇଶି ପାହାଚ ଅତିକ୍ରମ କରି କୂର୍ମ ବେଢ଼ା ବା ଭିତର ବେଢ଼ାରେ ପହଞ୍ଚିବା ପରେ ଭୋଗ ମଣ୍ଡପ ମନ୍ଦିର ସମ୍ମୁଖରେ ମହାଦେବଙ୍କ ମନ୍ଦିର ଅବସ୍ଥିତ ।

ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁସାରେ ପ୍ଲଟ ନମ୍ବର ୧୧୬ରେ ରହିଛି ମହାଦେବଙ୍କ ମନ୍ଦିର । ମନ୍ଦିରଟି ଉଚ୍ଚତାରେ କ୍ଷୁଦ୍ର ଏବଂ ଅପେକ୍ଷାକୃତ ଭାବେ ବେଢ଼ା ପତନ ଠାରୁ ନିମ୍ନରେ ରହିଛି । ମନ୍ଦିର ଭୂମି ପତ୍ନ ଠାରୁ ନିମ୍ନରେ ମହାଦେବଙ୍କ ଲିଙ୍ଗ ବିରାଜମାନ । କୌଣସି ନିର୍ଦ୍ଦିଷ୍ଟ ସେବକ କିମ୍ବା ଖଞ୍ଜା ନାହିଁ । ଶିବରାତ୍ରି ଦିନ କୋଠରୁ ଚଣା ଓ ଖଜା ଆଦି ପୂଜା ପଣ୍ଡା ଭୋଗ କରିଥାନ୍ତି । ଶିବ ସାକ୍ଷାତ ଅଗ୍ନିସ୍ୱରୂପ ବୋଲି ବିଶ୍ୱାସ ରହିଛି । ତାଙ୍କ ପାର୍ଶ୍ୱ ଦେଇ ଭୋଗ ବୁହାଯାଇଥାଏ । ଅନ୍ନ ବ୍ୟଞ୍ଜନାଦି ସିଦ୍ଧ ହୋଇନଥିଲେ ଅଗ୍ନିଶ୍ୱର ମହାଦେବଙ୍କ ଦୃଷ୍ଟି ପଡ଼ିବା କ୍ଷଣି ସିଦ୍ଧହୋଇଯାଏ ବୋଲି କଥିତ ରହିଛି । ମୁକ୍ତି ଚିନ୍ତାମଣି ଗ୍ରନ୍ଥ ଅନୁସାରେ ଅଗ୍ନିଶ୍ୱର ମହାଦେବଙ୍କୁ ପ୍ରଣିପାତ ପୂର୍ବକ ସ୍ତୁତି ପାଠ କଲେ ଅଶେଷ କଲ୍ୟାଣ ହୋଇଥାଏ ।

ଶିବରାତ୍ରି ଦିନ ଅଗ୍ନିଶ୍ୱର ମହାଦେବଙ୍କ ଦର୍ଶନ କରି ଶୈବଭକ୍ତମାନେ ଭକ୍ତିନୈବେଦ୍ୟ ଅର୍ପଣ କରିଥାନ୍ତି । ବିଶ୍ୱାସ ଅଛି ଶିବରାତ୍ରି ଦିନ ସଂକଳ୍ପ ବ୍ରତ କରି ଯିଏ ଯାହା ମାଗିଥାଏ, ଭଗବାନ ଅଗ୍ନିଶ୍ୱର ତାହା ପୂରଣ କରିଥାନ୍ତି । ଅନେକ ଭକ୍ତ ଏହି ଦିନ ଶିବାକ୍ଷରୀ ପଞ୍ଚସ୍ତୋତ୍ରମ ପଠନକରି ଶିବରାତ୍ରି ଓ ପ୍ରତି ସୋମବାର ଦିନ ମହାଦେବଙ୍କୁ ନିଜ ଗୁହାରି ଜଣାଇଥାନ୍ତି ।

ପୂର୍ବତନ ଡିଏଫଓ ଓ ସମାଜସେବୀ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ବାମପନ୍ଥୀ ଆନ୍ଦୋଳନର ବାଧା ଜାତିବ୍ୟବସ୍ଥା

**ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ(ଅବସରପ୍ରାପ୍ତ)**

ଅନ୍ୟପକ୍ଷରେ ଦକ୍ଷିଣପନ୍ଥୀମାନେ ରକ୍ଷଣଶୀଳ । ପ୍ରଚଳିତ ଧର୍ମ, ସଂସ୍କୃତି ଓ ପରମ୍ପରାର ସମର୍ଥକ । ଏମାନେ ପ୍ରାୟତଃ ପୁଞ୍ଜିବାଦୀ ଅର୍ଥନୀତିରେ ବିଶ୍ୱାସ କରନ୍ତି । ସମାଜିକ ଓ ଆର୍ଥିକ ଅସମାନତା ଈଶ୍ୱର ପ୍ରଦତ୍ତ । ଆର୍ଥିକ ସମାନତା ଏକ ଅସମ୍ଭବ ବ୍ୟାପାର । ସମାଜରେ ଉଚ୍‌ଚନୀଚ ସୋପାନ ରହିବ । ଈଶ୍ୱର ସତ୍ତାକୁ ସ୍ୱୀକାର କରିବାକୁ ପଡିବ । ଏମାନେ ପାଶ୍ଚାତ୍ୟ ଦେଶରେ ଚର୍ଚ୍ଚର ଆଧିପତ୍ୟକୁ ସ୍ୱୀକାର କରୁଥିଲେ । ଭାରତରେ ମନ୍ଦିର ଓ ମସଜିଦର ଆଧିପତ୍ୟକୁ ସ୍ୱୀକାର କରୁଛନ୍ତି । ପ୍ରାୟତଃ ଦକ୍ଷିଣପନ୍ଥୀମାନେ ଭଗବାନ ବିଶ୍ୱାସୀ । ତାଙ୍କ ଇଚ୍ଛାମତେ ସବୁକିଛି ପରିଚାଳିତ । ଧର୍ମଶାସ୍ତ୍ରମାନଙ୍କରେ ଯାହା ସବୁ ବର୍ଣ୍ଣନା ହୋଇଛି ସେସବୁ ସତ୍ୟ । ଏମାନେ ବିଜ୍ଞାନ ଓ ବୈଜ୍ଞାନିକ ସିଦ୍ଧାନ୍ତକୁ ମାନିବାକୁ ଅନେକ ସମୟରେ କୁଣ୍ଠାବୋଧ କରନ୍ତି । ହେତୁବାଦ ଅନେକ ଧାର୍ମିକ କଥନକୁ ମିଥ୍ୟାବୋଲି ପ୍ରମାଣ କରୁଥିବା ଯୋଗୁଁ ଏହାକୁ ସେମାନେ ଘୋର ବିରୋଧ କରନ୍ତି । ଲୋକମାନଙ୍କ ଭିତରେ ଧର୍ମ ଓ ଈଶ୍ୱର ଭାବନା ପ୍ରସାର କରିବା ଏହିପ୍ରକାର ସରକାରର ଏକ ମୁଖ୍ୟ ଯୋଜନା । ଭାରତବର୍ଷରେ ରାମମନ୍ଦିର ଆନ୍‌ଦୋଳନ ଏହାର ଏକ ଉଦାହରଣ । ଭାରତରେ ଦକ୍ଷିଣପନ୍ଥୀ ସରକାର ଆସିଲାପରେ ଚାରିଆଡ଼ ? ମନ୍ଦିର ନିର୍ମାଣ କାର୍ଯ୍ୟ ବ୍ୟାପକଭାବେ ହେଉଛି । ଗାଁ ଗାଁରେ ମନ୍ଦିର ନିର୍ମାଣ ହେଉଛି । ଭଜନକୀର୍ତ୍ତନ, ଯଜ୍ଞପ୍ରବଚନ ଆଦି ବଢିବାରେ ଲାଗିଛି । ଯୁକ୍ତି ଓ ତଥ୍ୟଗତ ପ୍ରମାଣ ଅପ୍ରାସଙ୍ଗିକ ହୋଇଯାଉଛି । ଆସ୍ଥା ଓ ବିଶ୍ୱାସ ଏଗୁଡ଼ିକର ସ୍ଥାନ ନେଉଛି । ବିଶ୍ୱରେ ଦକ୍ଷିଣପନ୍ଥୀ ସଂଖ୍ୟାବହୁଳ ଧାର୍ମିକ ସରକାର ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରିବାର ଦେଖାଯାଏ । ଧାର୍ମିକ ବିବାଦ ଏହାର ବଡ ଦୁର୍ବଳତା । ନିଜ ଧର୍ମ ଶ୍ରେଷ୍ଠ ଓ ଅନ୍ୟଧର୍ମ ନିକୃଷ୍ଟ ଏହି ଧାରଣାର ବଶବର୍ତ୍ତୀ ଏମାନେ ।

ପଶ୍ଚିମବଙ୍ଗ, ତ୍ରିପୁରା ଓ କେରଳ ସମେତ ସମଗ୍ର ଭାରତବର୍ଷରେ ବାମପନ୍ଥୀମାନଙ୍କ ପ୍ରତି ସମର୍ଥନ ହ୍ରାସ ପାଉଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ । ଅନ୍ୟପକ୍ଷରେ ଏହାକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ଦେଶରେ ଦକ୍ଷିଣପନ୍ଥୀଙ୍କ ପ୍ରତି ସମର୍ଥନ ବଢୁଛି । ଏହାର ଅର୍ଥ କେବଳ ବାମପନ୍ଥୀ ଭୋଟ ଦକ୍ଷିଣପନ୍ଥୀ ଆଡକୁ ଯାଉଛି ତାହା ନୁହେଁ, ଏହା ସହିତ ବିଚାରର ମଧ୍ୟ ପରିବର୍ତ୍ତନ ହେଉଛି । ଅର୍ଥାତ୍ ବାମପନ୍ଥୀମାନେ କ୍ରମେ ଦକ୍ଷିଣପନ୍ଥୀ ହେଉଛନ୍ତି । ଏପ୍ରକାର ଆଦର୍ଶଗତ ପରିବର୍ତ୍ତନ ବିଜେପି ପାଇଁ ସୁଖକର ହୋଇପାରେ, କିନ୍ତୁ ବାମପନ୍ଥୀ ରାଜନୈତିକ ଦଳଗୁଡିକ ପାଇଁ ଚିନ୍ତାର ବିଷୟ ନିଶ୍ଚୟ । ବାମପନ୍ଥୀ ଦଳଗୁଡ଼ିକୁ ଆତ୍ମ ସମିକ୍ଷା କରିବାକୁ ପଡ଼ିବ କାହିଁକି ତାଙ୍କ ପ୍ରତି ଜନସମର୍ଥନ ହ୍ରାସ ପାଉଛି । ବାମପନ୍ଥୀମାନେ ପ୍ରାୟତଃ ନାସ୍ତିକ କିମ୍ବା ଅର୍ଦ୍ଧନାସ୍ତିକ । ବିଜେପି ସମେତ ସମସ୍ତ ସହଯୋଗୀ ଦଳର ଲୋକମାନେ ଆସ୍ତିକ । ତେଣୁ ଗ୍ରହଣ କରିବାକୁ ପଡିବ ନାସ୍ତିକମାନେ କ୍ରମେ ଆସ୍ତିକ ହେଉଛନ୍ତି । ପଶ୍ଚିମବଙ୍ଗରେ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନ ପରେ ଏଠାକାର ଜନତା ଟିଏମ୍‌ସି ଆଡକୁ ମୁହାଁଇ ଥିଲେ । ପୁଣି ଟିଏମ୍‌ସିର ୧୫ ବର୍ଷର ଶାସନ ପରେ ସେମାନେ ପୁଣି ବିଜେପି ଆଡକୁ ମୁହାଁଇଛନ୍ତି । ଅର୍ଥାତ୍ ବାମପନ୍ଥୀରୁ ଗତି ଦକ୍ଷିଣପନ୍ଥୀକୁ, ସାମ୍ୟବାଦରୁ ପୁଞ୍ଜିବାଦକୁ ।

ଭରତବର୍ଷରେ ବାମପନ୍ଥୀ ଆନ୍‌ଦୋଳନ ନିମ୍ନଗାମୀ ହେବାର କାରଣ ହେଉଛି ଏମାନେ ଭାରତୀୟ ସାମାଜିକ ବିଷମତାକୁ ହଟାଇବା ଦିଗରେ ଉପାଦେୟ ପଦକ୍ଷେପ ନେଇ ନାହାଁନ୍ତି । ଏମାନେ ପାଶ୍ଚାତ୍ୟ ଆର୍ଥିକ ବିଷମତାର ବିଶ୍ଳେଷଣକୁ ଭାରତ ପାଇଁ ସଠିକ ବୋଲି ଧରି ନେଇଛନ୍ତି । ଆର୍ଥିକ ସମାନତା ଆସିଲେ ସାମାଜିକ ସମାନତା ଆସିବ, ତେଣୁ ଶ୍ରମିକ ଶ୍ରେଣୀ ଓ ଦରିଦ୍ର ଲୋକଙ୍କ ଆର୍ଥିକ ବିକାଶ ଉପରେ ନିଜ କାର୍ଯ୍ୟକ୍ରମକୁ ସୀମିତ ରଖିଛନ୍ତି । ସମାଜିକ ଅସମାନତାର ଜଡ ଜାତିପ୍ରଥାକୁ ହଟାଇବାର ପାରଦର୍ଶୀ କାର୍ଯ୍ୟକ୍ରମ ଏମାନଙ୍କ ନୀତିରେ ନାହିଁ । ଏହାକୁ ଏକ ସମସ୍ୟାଭାବେ ଗ୍ରହଣ କରିବାକୁ ଏମାନେ ପ୍ରସ୍ତୁତ ନୁହଁନ୍ତି । ଏହାର କାରଣ ହେଉଛି ଦେଶରେ ବାମପନ୍ଥୀ ଆନ୍‌ଦୋଳନର ନେତୃତ୍ୱ ସେହି ତଥାକଥିତ ଅଗ୍ରସର ବର୍ଗଙ୍କ ହାତରେ ରହିଛି, ଯେଉଁମାନେ କଦାପି ଚାହାଁନ୍ତି ନାହିଁ ଜାତିବ୍ୟବସ୍ଥାର ସମାପ୍ତ ହେଉ । କିନ୍ତୁ ଏମାନେ ଶ୍ରମିକ ଓ ଦରିଦ୍ର ଲୋକଙ୍କୁ ନେଇ ସଂଗଠନ କରନ୍ତି ଯେଉଁମାନେ ପ୍ରାୟତଃ ସମାଜର ତଥାକଥିତ ତଳଜାତିର ଲୋକ । ତେଣୁ ଶୀର୍ଷନେତା ଓ ତଳକର୍ମୀଙ୍କ ମଧ୍ୟରେ ଭିନ୍ନ ସାମାଜିକ ଭାବନା ରହିଛି । କର୍ମୀମାନେ ଭାବୁଛନ୍ତି ଦକ୍ଷିଣପନ୍ଥୀ ନେତାମାନେ ଯେଉଁପରି ଉଚ୍‌ଚଜାତିବାଦୀ ଭାବନାର ଶୀକାର, ବାମପନ୍ଥୀ ନେତାମାନେ ମଧ୍ୟ ସେହିପରି ଉଚ୍‌ଚଜାତିବାଦୀ ଭାବନାରେ ବୁଡ଼ି ରହିଛନ୍ତି । ଖାଲି ଭାଷଣରେ ସମାନତା, କାମରେ ନୁହେଁ ।

ଆଗକୁ ଭାରତୀୟ ବାମପନ୍ଥୀ ଆନ୍‌ଦୋଳନର କଠିନ ସମୟ ଆସୁଛି । ଅନ୍ୟ ଏକ ପନ୍ଥୀ ଦେଶରେ କ୍ଷୀପ୍ରଭାବେ ବିସ୍ତାରଲାଭ କରୁଛି, ତାହା ହେଉଛି ଭୀମପନ୍ଥୀ । ଏମାନେ ନା ବାମପନ୍ଥୀରେ ଯାଆନ୍ତି ନା ଦକ୍ଷିଣପନ୍ଥୀରେ ଯାଆନ୍ତି । ଏମାନେ ଆର୍ଥୀକ ସ୍ୱାବଲମ୍ବନଶୀଳ ହେବା ସହିତ ଜାତିବ୍ୟବସ୍ଥା ଓ ଧାର୍ମିକ ପାଖଣ୍ଡବାଦର ବିରୋଧୀ । ଏମାନେ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଓ ମାର୍ଗକୁ ଅନୁସରଣ କରନ୍ତି । ବାମପନ୍ଥୀ ତୁଲ୍ୟ ଏମାନଙ୍କ ମଧ୍ୟ ଜନାଧାର ହେଉଛି ସମାଜର ତଳ ସ୍ତରର ଜାତିମାନେ, ଯେଉଁମାନେ ଜାତିବ୍ୟବସ୍ଥା ଦ୍ୱାରା ଅତ୍ୟାଚାରୀତ ଓ ଶୋଷିତ ହୋଇ ଆସିଛନ୍ତି । ତଫାତ ହେଉଛି ବାମପନ୍ଥୀ ଆନ୍‌ଦୋଳନର ନେତୃତ୍ୱ ତଥାକଥିତ ଉଚ୍‌ଚଜାତିମାନେ ନେଉଛନ୍ତି ଓ ଭୀମବାଦୀ ଆନ୍‌ଦୋଳନର ନେତୃତ୍ୱ ଏମାନେ ନିଜେ ନେଉଛନ୍ତି । ତେଣୁ ବାମପନ୍ଥୀ ଜନାଧାରା କ୍ରମେ ଏମାନଙ୍କ ଆଡକୁ ମୁହାଁଉଛି । ଏମାନେ ଯେତେ ବଢ଼ିବେ ବାମପନ୍ଥୀ ଆନ୍‌ଦୋଳନ ସେତେ ଦୁର୍ବଳ ହେବ । ଭାରତବର୍ଷର ପରିପ୍ରେକ୍ଷୀରେ ବାମପନ୍ଥୀମାନେ ଜାତିଗତ ଅସମାନତାର ସମାଧାନକୁ ଗୁରୁତ୍ୱ ନଦେବା ତାତ୍ତ୍ୱିକ ତ୍ରୁଟି ପରି ମନେହୁଏ । ଭାରତୀୟ ପୁଞ୍ଜିବାଦର ଶକ୍ତି ହେଉଛି ଜାତିବ୍ୟବସ୍ଥା । ଏହା କେବେବି ଶ୍ରମିକ-ଦରିଦ୍ର ଗୋଷ୍ଠୀକୁ ଏକତ୍ରୀତ ହେବାକୁ ଦେବନାହିଁ । ଜାତିବ୍ୟବସ୍ଥା ସର୍ବଦା ଏମାନଙ୍କୁ ଭାଗ ଭାଗ କରି ରଖିବ ।

ବାମପନ୍ଥୀମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବପର ଯଦି ଏମାନେ ଉଭୟ ଆର୍ଥିକ ଓ ସାମାଜିକ ବିଷମତାକୁ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ନୂତନ ଜାତିରହିତ ପ୍ରଗତୀଶୀଳ ସମାଜର ପରିକଳ୍ପନା କରନ୍ତି । ଏଥିପାଇଁ ଏହାର ଶୀର୍ଷ ନେତୃତ୍ୱକୁ ଜାତି କବଳରୁ ମୁକୁଳିବାକୁ ପଡିବ । କର୍ମୀମାନଙ୍କୁ ଏଦିଗରେ ପ୍ରେରିତ କରିବାକୁ ହେବ । ଜାତିବାଦୀ ଖୋଳ ଭିତରେ ରହି ସାମ୍ୟବାଦୀ ଆନ୍‌ଦୋଳନ କରାଯାଇ ପାରିବ ନାହିଁ ବୋଲି ହୃଦବୋଧ କରାଇବାକୁ ହେବ । ଆଜିବି ଦେଶରେ ସାମ୍ୟବାଦୀ ଆନ୍‌ଦୋଳନର ପ୍ରାସଙ୍ଗିକତା ରହିଛି । ଏମାନେ ଜାତିବାଦୀ ବ୍ୟବସ୍ଥାରୁ ବାହାରି ଏକ ନୂତନ ଜାତିବିହୀନ, ବିଜ୍ଞାନସମ୍ମତ ଓ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠା ପାଇଁ ଆଗଭର ହେଲେ ପୁଣି ଆନ୍‌ଦୋଳନ ଆଗକୁ ବଢିପାରିବ । ଅନ୍ୟଥା ସାଧାରଣ ଜନତା ଜାତିବାଦୀ ବାମବାଦ ଛାଡି ଶୁଦ୍ଧ ଦକ୍ଷିଣବାଦ ଆଡ଼ ? ମୁହାଁଇବା ନିଶ୍ଚିତ ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

# ଅସୁରକ୍ଷାର ପ୍ରତିକାର ପାଇଁ ମୋ ପାଖରେ କିଛି ଉପଚାର ଥିଲେ ଭଲ ହୋଇଥାନ୍ତା

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ପଞ୍ଜାବରେ ହେବାକୁଥିବା ଆଗାମୀ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ବଡ଼ ଝଟକା ଲାଗିପାରେ । ମନୀଷ ତିୱାରୀ ଦଳ ଛାଡିପାରନ୍ତି ବୋଲି ହେଉଥିବା ଚର୍ଚ୍ଚା ରାଜନୈତିକ କରିଡରକୁ ଉଷ୍ମ କରିଛି । ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ, ଭାରତୀୟ ଜାତୀୟ କଂଗ୍ରେସ ରାଜ୍ୟ ସଂଗଠନରେ ବଡ଼ ପରିବର୍ତ୍ତନ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟାଇଛି । ବୁଧବାର ଦିନ ଦଳ ସ୍ପଷ୍ଟ କରିଥିଲା ଯେ, ବର୍ତ୍ତମାନ ପାଇଁ ରାଜ୍ୟ ନେତୃତ୍ୱର କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ । ଏହାକୁ ନେଇ ଲୋକସଭା ସାଂସଦ ଏବଂ ବରିଷ୍ଠ କଂଗ୍ରେସ ନେତା ମନୀଷ ତିୱାରୀ ଅସନ୍ତୁଷ୍ଟ ହୋଇଥିବା କୁହାଯାଉଛି । କଂଗ୍ରେସ ହାଇକମାଣ୍ଡଙ୍କ ନିଷ୍ପତ୍ତିର ଗୋଟିଏ ଦିନ ପରେ ଜୁଲାଇ ୨ ଗୁରୁବାର ଦିନ, ମନୀଷ ତିୱାରୀ ସୋସିଆଲ ମିଡିଆରେ ଏକ ରହସ୍ୟମୟ ପୋଷ୍ଟ ସେୟାର କରିଛନ୍ତି । ଯାହାକୁ ତାଙ୍କ ରାଜନୈତିକ ଭବିଷ୍ୟତ ସହିତ ଯୋଡ଼ାଯାଉଛି । ତିୱାରୀ ବ୍ୟଙ୍ଗାତ୍ମକ ଭାବରେ ଲେଖିଛନ୍ତି, 'ହେ କୋଇ ଅବଗୁଣ

ଉସମେ,ଜେସେ କୋଇ ହୁନର ଆୱେ' ଅର୍ଥାତ 'ଯାହାଙ୍କର କିଛି ଦକ୍ଷତା ଅଛି, ତାହା ତାଙ୍କଠାରେ ଏକ ବଡ଼ ଅବଗୁଣ ହୋଇଯାଏ' । ତା'ପରେ ସେ ଲେଖିଛନ୍ତି, ମୋ ପାଖରେ ଲୋକ ଏବଂ ସଂଗଠନ ଅସୁରକ୍ଷାର ପ୍ରତିକାର ପାଇଁ କିଛି ଉପଚାର ଥିଲେ ଭଲ ହୋଇଥାନ୍ତା । ସେ ଆହୁରି କହିଛନ୍ତି ଯେ, ଗତ ୪୫ ବର୍ଷ ମଧ୍ୟରେ ସେ ଭାରତୀୟ ଜାତୀୟ କଂଗ୍ରେସରୁ ବହୁତ କିଛି ପାଇଛନ୍ତି ଏବଂ ସେ ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ ଜୀବନକୁ ଦଳର ସେବା ପାଇଁ ଉତ୍ସର୍ଗ କରିଛନ୍ତି । ପୋଷ୍ଟର ଶେଷରେ, ସେ ଏକ ପ୍ରସିଦ୍ଧ ଇଂରାଜୀ ଗୀତରୁ ଏକ ପଂକ୍ତି ଲେଖିଛନ୍ତି, 'କ୍ୟୁ ସେରା, ସେରା, ହ୍ୱାଟଏଭର ୱିଲ୍ ବି, ୱିଲ୍ ବି', ଯାହାର ଅର୍ଥ 'ଯାହା ହେବ, ତାହା ହେବ, କିମ୍ବା 'ଯାହା ହେବାକୁ ଅଛି, ତାହା ହେବ' ସୂଚନାଯୋଗ୍ୟ, ଜୁଲାଇ ୧ ତାରିଖରେ କଂଗ୍ରେସ ସ୍ପଷ୍ଟ କରିଥିଲା ଯେ, ଅମରିନ୍ଦର ସିଂହ ରାଜା ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟିର ସଭାପତି ରହିବେ, ଯେତେବେଳେ ପ୍ରତାପ ସିଂହ ବାଜୱା ବିଧାନସଭାରେ କଂଗ୍ରେସ ବିଧାୟକ ଦଳର ନେତା ଭାବରେ କାର୍ଯ୍ୟ କରିବେ ।

# ଆରମ୍ଭ ହେଲା ଅମରନାଥ ଯାତ୍ରା

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ପବିତ୍ର ଓ ପ୍ରତିଷ୍ଠିତ ବାବା ଅମରନାଥ ଯାତ୍ରା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ଗୁରୁବାର ସକାଳେ ଜମ୍ମୁରୁ ଶ୍ରଦ୍ଧାଳୁଙ୍କ ପ୍ରଥମ ଦଳ ଶ୍ରୀନଗର ଅଭିମୁଖେ ଯାତ୍ରା କରିଛି । କଡ଼ା ସୁରକ୍ଷା ମଧ୍ୟରେ ଏହି ଜଥା ଆଜି ସନ୍ଧ୍ୟାରେ ଶ୍ରୀନଗରରେ ପହଞ୍ଚିବ । ଚଳିତ ବର୍ଷ ଯାତ୍ରାରେ ପ୍ରଥମ ଥର ପାଇଁ ବାବାଙ୍କ ଦର୍ଶନ କରିବାକୁ ଆସିଥିବା ଯୁବ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବେଶ୍ ଅଧିକ ରହିଛି । ଗୁରୁବାର ସକାଳ ପ୍ରାୟ ୫ଟା ସମୟରେ ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ଅମରନାଥ ଯାତ୍ରୀଙ୍କ ପ୍ରଥମ ଦଳକୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ସମୟରେ ସମଗ୍ର ଅଞ୍ଚଳ 'ବମ୍ ବମ୍ ଭୋଲେ' ଏବଂ 'ହର ହର ମହାଦେବ' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ଦେଶର କୋଣ-ଅନୁକୋଣରୁ ଆସିଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୁତ ଉତ୍ସାହ ଦେଖିବାକୁ ମିଳିଥିଲା । ବିଶେଷ କରି ରାଜସ୍ଥାନରୁ ଆସିଥିବା ଯୁବ ଶ୍ରଦ୍ଧାଳୁଙ୍କ ଜୋସ୍ ବେଶ୍ ହାଇ ଥିଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଥର ପାଇଁ ବାବା ବର୍ଫାନୀଙ୍କ ଦର୍ଶନ କରିବାକୁ ଯାଉଛନ୍ତି । ଆମେ ଗୋଟିଏ ବର୍ଷ ହେବ ଏହି ଦିନକୁ ଅପେକ୍ଷା କରିଥିଲୁ । ଯେତେବେଳେ

ରେଜିଷ୍ଟ୍ରେସନ ଆରମ୍ଭ ହେଲା, ଆମେ ପ୍ରଥମେ ନାମ ପଞ୍ଜିକରଣ କରିଥିଲୁ ଯେମିତି ପ୍ରଥମ ଦଳରେ ହିଁ ବାବାଙ୍କ ଦର୍ଶନ କରିପାରିବୁ । ଯଦି ବାବା ଡାକିଛନ୍ତି ଏବଂ ସେନା ଆମ ସୁରକ୍ଷାରେ ଅଛି, ତେବେ କୌଣସି ଭୟ ନାହିଁ । ବୋଲି ଶ୍ରଦ୍ଧାଳୁ କହିଛନ୍ତି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏବଂ ଜମ୍ମୁ-କାଶ୍ମୀର ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ପ୍ରାୟ ୭୦,୦୦୦ରୁ ଅଧିକ ଅତିରିକ୍ତ କେନ୍ଦ୍ରୀୟ ସୁରକ୍ଷା ବଳ ଜମ୍ମୁ-କାଶ୍ମୀରରେ ମୁତୟନ ହୋଇଛନ୍ତି । CRPF ଯବାନ ଏବଂ କୋବ୍ରା କମାଣ୍ଡୋମାନେ ଶ୍ରଦ୍ଧାଳୁଙ୍କ ଗାଡ଼ି ସହ ରହିଛନ୍ତି । ଯେତେବେଳେ ଅମରନାଥ ଯାତ୍ରୀଙ୍କ ଦଳ ଜାତୀୟ ରାଜପଥ ଦେଇ ଗତି କରୁଛି, ସେତେବେଳେ ସୁରକ୍ଷା ଦୃଷ୍ଟିରୁ ଅନ୍ୟ ସାଧାରଣ ଗାଡ଼ି ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଉଛି । ପ୍ରଥମ ଦଳର ଏହି ଶ୍ରଦ୍ଧାଳୁମାନେ ବାଲଟାଲ ଏବଂ ପହଲଗାମ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ, ଶୁକ୍ରବାର ସକାଳୁ ପବିତ୍ର ଶିବଲିଙ୍ଗଙ୍କ ଦର୍ଶନ ପାଇଁ ଆଗକୁ ଯାତ୍ରା ଆରମ୍ଭ କରିବେ । ଅମରନାଥ ଯାତ୍ରାକୁ ନେଇ ବିଜେପି ପକ୍ଷରୁ ଏକ ବଡ଼ ଦାବି କରାଯାଇଛି । ଜମ୍ମୁ-କାଶ୍ମୀର ବିଜେପିର ବିରୋଧୀ ଦଳ ନେତା ସୁନୀଲ ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷର ଅମରନାଥ ଯାତ୍ରା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିବ । ଶ୍ରଦ୍ଧାଳୁମାନେ ଅତୀତର ପହଲଗାମ ଆକ୍ରମଣ ଭଳି ଘଟଣାକୁ ଭୁଲି କେବଳ ନିଜର ଶ୍ରଦ୍ଧା ଓ ବିଶ୍ୱାସ ସହ ବାବାଙ୍କ ଦର୍ଶନ ପାଇଁ ଆଗେଇ ଆସିଛନ୍ତି । ସେ ଆହୁରି କହିଛନ୍ତି, ବୁଧବାର ମହାଆରତୀରେ ଯେଉଁ ଜନସମୁଦ୍ର ଏବଂ ଉତ୍ସାହ ଦେଖିବାକୁ ମିଳିଥିଲା, ସେହି ସମାନ ଉତ୍ସାହ ଆଜି ମଧ୍ୟ ରହିଛି । ଶ୍ରଦ୍ଧାଳୁଙ୍କ ମନରେ କୌଣସି ଡର ବା ଭୟ ନାହିଁ ଏବଂ ସେମାନଙ୍କର ସୁରକ୍ଷା ବଳ ଉପରେ ପୂର୍ଣ୍ଣ ଭରସା ଅଛି । ଏହି ଯାତ୍ରାରେ ପାଣିପାଗ ଏବଂ ଭୌଗୋଳିକ ପରିସ୍ଥିତି ଭଳି ଅନେକ ଆହ୍ୱାନ ରହିଛି, କିନ୍ତୁ ମହାଦେବଙ୍କ କୃପାରୁ ସବୁ କିଛି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହେବ ।

# ଭାରତରେ ରହିଥିଲେ ସିଇଓ ହୋଇନଥାନ୍ତି

**ନୂଆଦିଲ୍ଲୀ,୨।୭(ଏଜେନ୍ସି)::** ଭାରତରେ ଜନ୍ମିତ ତଥାପି ଚୀନ-ଆମେରିକାକୁ କଲେ ଅଧିକ ପ୍ରଶଂସା । ଭାରତକୁ ନେଇ କହିଲେ ଅନେକ କଥା । ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନିୟୁ ଭାରତ ଏବଂ ଚୀନକୁ ତୁଳନା କରିଛନ୍ତି । ଏହାସହ ସେ ଭାରତକୁ ନେଇ ଦେଇଛନ୍ତି ବିବାଦୀୟ ପ୍ରତିକ୍ରିୟା । ଏହାସହ ଆମେରିକାର ବ୍ୟବସ୍ଥାକୁ ପ୍ରଶଂସା ମଧ୍ୟ କରିଥିବାବେଳେ କହିଛନ୍ତି କି, ମୁଁ ଯଦି ଭାରତରେ ରହିଥାନ୍ତି ତାହେଲେ ଏତେ ବଡ଼ କମ୍ପାନୀର ସିଇଓ ହୋଇପାରିନଥାନ୍ତି । ଇନ୍ଦ୍ରା ଏକ ସାକ୍ଷାତକାରରେ ଭାରତ ଅପେକ୍ଷା ଚୀନକୁ ଅଧିକ ପ୍ରଶଂସା କରିଛନ୍ତି । ଭାରତ ଅପେକ୍ଷା ଚୀନ ଅଧିକ ସଂଗଠିତ ଏବଂ ସୁବିଧାଜନକ ଦେଶ ବୋଲି କହିଛନ୍ତି । ଏହାସହ ସେ କହିଛନ୍ତି କି, ଆମେରିକା ଯୋଗ୍ୟତା ଭିତ୍ତିରେ ଏଭଳି ଏକ ପଦବୀ ଦେଇଛି ଯାହା ଭାରତରେ ସମ୍ଭବ ନୁହେଁ । ଜଣେ ଭାରତୀୟ ମହିଳା ଖାଲି ହାତରେ ଆସି ଏବେ ଆମେରିକାରେ ଏତେ ବଡ଼ ପ୍ରତିଷ୍ଠିତ କମ୍ପାନୀରେ ସିଇଓ ହୋଇପାରିଛି । ମୁଁ ଯଦି

ଭାରତରେ ରହିଥାନ୍ତି ତାହେଲେ କେବେ ମଧ୍ୟ ଏହା ସମ୍ଭବ ହୋଇପାରିନଥାନ୍ତା ବୋଲି ସେ କହିଛନ୍ତି । ପର୍ଯ୍ୟଟକଭାବେ ଭାରତ ଅପେକ୍ଷା ଚୀନରେ ରହିବା ଅଧିକ ସହଜ । ଯଦି ଆପଣ ଏକ ସ୍ୱଚ୍ଛ ଏବଂ ସଂଗଠିତ ଜୀବନ ପସନ୍ଦ କରନ୍ତି ତେବେ ଭାରତରେ ରହିବା କଷ୍ଟକର । ଏହାସହ ସେ ଭାରତରେ ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କ ଉଦାହରଣ ଦେଇଥିଲେ । ସେପଟେ ଭାରତ ସମ୍ପର୍କରେ ନିଜର ପ୍ରତିକ୍ରିୟାରେ ମଧ୍ୟ ବର୍ଣ୍ଣନା କରିଥିଲେ । ଏବଂ ପିଲାଦିନକୁ ମନେ ପକାଇଛନ୍ତି ।ଭାରତ ଆଜିଠାରୁ ବହୁତ ଭିନ୍ନ ଥିଲା । ସେତେବେଳେ ମହିଳାଙ୍କ ସାମାଜିକ ଭୂମିକା ସୀମିତ ଥିଲା ଏବଂ ଅଧିକାଂଶ ଘର ଭିତରେ ସୀମିତ ଥିଲା । ତଥାପି, ସେ କହିଥିଲେ ଯେ ତାଙ୍କ ବାପା ଏବଂ ଜେଜେବାପା ତାଙ୍କୁ ସର୍ବଦା ବଡ଼ ସ୍ୱପ୍ନ ଦେଖିବା ଏବଂ ଆଗକୁ ବଢ଼ିବାକୁ ଉତ୍ସାହିତ କରୁଥିଲେ, ଯାହା ତାଙ୍କୁ ଆମେରିକାରେ ନିଜ ପାଇଁ ଏକ ନାମ ତିଆରି କରିପାରିଥିଲା ।

# ଆମକୁ ଇଡି-ସିବିଆଇକୁ ମାତ୍ର ୧ ଘଣ୍ଟା ପାଇଁ ଦେଲେ ଆମେ ବିଜେପିକୁ ୧୦ ମିନିଟରେ କରିବୁ ୧୦ ଖଣ୍ଡ

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଶିବସେନା (ୟୁବିଟି)ର ଫାୟାରବ୍ରାଣ୍ଡ ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ବିଜେପି ହାଇକମାଣ୍ଡ ଉପରେ ଏପର୍ଯ୍ୟନ୍ତ ତାଙ୍କର ସବୁଠାରୁ କଠୋର ଆକ୍ରମଣ କରିଛନ୍ତି । ଗୁରୁବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ରାଉତ ଦାବି କରିଛନ୍ତି ଯେ ବିଜେପି ନେତାମାନେ ବିରୋଧୀ ଦଳଗୁଡ଼ିକୁ ବିଭାଜିତ କରିବା ପାଇଁ ପାଗଳ । ସେ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି, ଆଗାମୀ ଦିନରେ, ଯେତେବେଳେ ଦେଶରେ ବିଭାଜିତ ହେବା ପାଇଁ ଅନ୍ୟ କୌଣସି ଦଳ ରହିବ ନାହିଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ନିଜକୁ ବିଭାଜିତ କରିବାକୁ ଅଣ୍ଟା ଭିଡ଼ିବେ । ବର୍ତ୍ତମାନ ବିଜେପି ନେତାମାନେ ଯେଉଁଭଳି ଭାବରେ କାମ କରୁଛନ୍ତି, ସେଥିରୁ ଏହା ସ୍ପଷ୍ଟ ହୋଇଛି । ଏଭଳି ଦଳ ଭଙ୍ଗା ନୀତି ରାଜନୈତିକ ଭାବରେ ଗ୍ରହଣୀୟ ନୁହେଁ । ତାମିଲନାଡୁରେ ୩୫ କୋଟି ଟଙ୍କାର ଖେଳ ହୋଇଛି । ୧୫ ଜଣ ଟିଭିକେ ବିଧାୟକଙ୍କୁ ଭାଙ୍ଗିବାକୁ ଚେଷ୍ଟା କରାଯାଇଛି । ଏହି ବିଧାୟକମାନଙ୍କୁ ଭାଙ୍ଗିବାର ସିଧାସଳଖ ଉଦ୍ଦେଶ୍ୟ ଥିଲା ସରକାର ଭାଙ୍ଗିବା । ବିଜେପି ଦଳ ନେତା ଲୋକଙ୍କୁ ଶାନ୍ତି ଏବଂ ନିଦ ନାହିଁ । ସେମାନେ ଗୋଟିଏ ଦଳ ଭାଙ୍ଗିବା ପର୍ଯ୍ୟନ୍ତ ଶୋଇପାରିବେ ନାହିଁ । ବର୍ତ୍ତମାନର ପରିସ୍ଥିତି ଏପରି ସ୍ତରରେ ପହଞ୍ଚିଛି ଯେ ଆଗାମୀ ଦିନରେ

ଆମକୁ ବୁଝିବାକୁ ପଡିବ, ଏହି ଦେଶରେ ଥରେ ଗଣତନ୍ତ୍ର ଥିଲା । ବିଜେପି ଗଣତନ୍ତ୍ରକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେଇଛି । ଶାସକ ଦଳର ନେତା ଗଣତନ୍ତ୍ରର ନୀତିକୁ ଦୁର୍ବଳ କରିଦେଇଛନ୍ତି । ଅନ୍ୟ ଦଳ ବିଭାଜନ କରୁ କରୁ ଶେଷରେ ମୋଦୀ-ଶାହ ଦିନେ ନିଜକୁ ବିଭାଜିତ କରିଦେବେ । ସଞ୍ଜୟ ରାଉତ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିରୋଧୀ ଦଳଗୁଡ଼ିକ ଭବିଷ୍ୟତରେ ଅପ୍ରାସଙ୍ଗିକ ହୋଇଯିବେ, କାରଣ ସେମାନେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ସହାୟତାରେ ଆମକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି । ମୁଁ ଆତ୍ମବିଶ୍ୱାସର ସହିତ କହିପାରିବି ଯେ ଯେଉଁଦିନ ବିଜେପି ଆଉ କ୍ଷମତାରେ ରହିବ ନାହିଁ ଏବଂ ଆମେ କ୍ଷମତାକୁ ଆସିବୁ, ଆମେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରି ସେମାନଙ୍କ ଦଳକୁ ୧୦ ଖଣ୍ଡ କରିବୁ, ଏବଂ ତାହା ମଧ୍ୟ ମାତ୍ର ୧୦ ମିନିଟ୍ ମଧ୍ୟରେ । ଯଦି ଇଡି ଏବଂ ସିବିଆଇକୁ ମାତ୍ର ଗୋଟିଏ ଘଣ୍ଟା ପାଇଁ ଆମକୁ ହସ୍ତାନ୍ତର କରାଯାଏ, ତେବେ ଏହା ଘଟିବାକୁ ଅଧିକ ସମୟ ଲାଗିବ ନାହିଁ ବୋଲି ସେ କହିଛନ୍ତି ।

# ଖେମିନିଙ୍କ ଶେଷକୃତ୍ୟରେ ଯୋଗଦେବେ ମେହବୁବା ମୁଫତି

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିପି) ସୁପ୍ରିମୋ ମେହବୁବା ମୁଫତି ଇରାନର ଦିବଙ୍ଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଅନ୍ତିମ ସଂସ୍କାର ଓ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେବା ପାଇଁ ଇରାନ ଯାତ୍ରା କରିବେ । ଜୁଲାଇ ୩ ରୁ ୬ ତାରିଖ ପର୍ଯ୍ୟନ୍ତ ତେହେରାନରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଶେଷକୃତ୍ୟ ପାଇଁ ମେହବୁବାଙ୍କୁ ଇରାନ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଛି । ଭାରତର ଜଣେ ବିଶିଷ୍ଟ ପ୍ରତିନିଧି ତଥା ସମ୍ମାନିତ ଅତିଥି ଭାବେ ସେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଏନେଇ ମେହବୁବା କହିଛନ୍ତି ଯେ, ଏହି ଆମନ୍ତ୍ରଣ ପାଇ

ସେ ଅତ୍ୟନ୍ତ ଗୌରବାନ୍ୱିତ ଏବଂ ଏହା ତାଙ୍କ ପାଇଁ ଏକ ଅଦ୍ଭୁତ ସୁଯୋଗ।ଇରାନର ସର୍ବୋଚ୍ଚ ନେତାଙ୍କ କାର୍ଯ୍ୟାଳୟର ଆନ୍ତର୍ଜାତୀୟ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ମହସିନ କୁମ୍ମି ଏହି ନିମନ୍ତ୍ରଣ ପତ୍ର ପଠାଇଛନ୍ତି । ଚଳିତ ବର୍ଷ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ଖେମିନିଙ୍କ ମୃତ୍ୟୁ ଘଟିଥିଲା । ଇରାନର ଜାତୀୟ ଶୋକ ସମୟ ଏବଂ ଇସଲାମିକ ଗଣରାଜ୍ୟର ନିୟମାନୁଯାୟୀ, ଜୁଲାଇ ୩ ତାରିଖରେ ତେହେରାନର ଇମାମ ଖେମିନି ଗ୍ରାଣ୍ଡ ମୋସାଲ୍ଲା କମ୍ପ୍ଲେକ୍ସରେ ବିଦାୟୀ ସଭା ହେବ, ଜୁଲାଇ ୪ ରେ ସ୍ମୃତି ସଭା ଏବଂ ଜୁଲାଇ ୬ ରେ ଅନ୍ତିମ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଭାରତ ଓ ଇରାନ ମଧ୍ୟରେ ଥିବା ସାଂସ୍କୃତିକ ଓ ରଣନୈତିକ ସମ୍ପର୍କକୁ ଦୃଷ୍ଟିରେ ରଖି ମେହବୁବାଙ୍କ ଉପସ୍ଥିତି ଦୁଇ ପ୍ରାଚୀନ ସଭ୍ୟତା ମଧ୍ୟରେ ଥିବା ବନ୍ଧୁତାକୁ ଆହୁରି ମଜବୁତ କରିବ ବୋଲି ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରାଯାଇଛି ।

# ମହାରାଷ୍ଟ୍ରରେ ରାଜନୀତି ଚଳଚଞ୍ଚଳ: ଏକାଠି ହେବେ କଂଗ୍ରେସ ଓ ଏନସିପି

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ମହାରାଷ୍ଟ୍ର ରାଜନୀତି ପୁଣି ଚଳଚଞ୍ଚଳ ହୋଇ ଉଠିଛି । ଭାରତୀୟ ରାଜନୀତିର ବର୍ଷିଆନ୍ ନେତା ଶରଦ ପାୱାରଙ୍କ ଏନ୍‌ସିପି (ଏସ୍ପି) ଓ କଂଗ୍ରେସ ମଧ୍ୟରେ ମିଶ୍ରଣ ନେଇ ପ୍ରସ୍ତୁତି ଚାଲିଛି । ତେବେ ଏହି ମିଶ୍ରଣକୁ ନେଇ ଦୁଇ ଦଳ ପକ୍ଷରୁ ଔପଚାରିକ ଭାବେ କିଛି କୁହାଯାଇନାହିଁ । ଦୁଇ ଦଳ ଭିତରେ ଘନ ଘନ ଆଲୋଚନା ଓ ସହମତି ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି । ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ, କଂଗ୍ରେସ ଓ ଏନ୍‌ସିପି (ଏସ୍ପି) ମିଶ୍ରଣ ପାଇଁ ଚର୍ଚ୍ଚା କରୁଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି । ବର୍ତ୍ତମାନ ମିଶ୍ରଣ କେବଳ ମହାରାଷ୍ଟ୍ରରେ ସୀମିତ ରହିବ । ରାଷ୍ଟ୍ରୀୟ ସ୍ତରରେ ପରେ ଦିଲ୍ଲୀରେ ଏ ସମ୍ପର୍କରେ ଦଳର ମୁଖ୍ୟମାନେ ଘୋଷଣା କରିବେ । ସୂଚନାଯୋଗ୍ୟ, ୧୯୯୯ରେ ଶରଦ ପାୱାର କଂଗ୍ରେସରୁ ଅଲଗା ହୋଇ

ଏନ୍‌ସିପି ଗଠନ କରିଥିଲେ । ଯଦି ଦୁଇ ଦଳର ମିଶ୍ରଣ ଘଟେ ତେବେ ୨୭ ବର୍ଷ ପରେ ପାୱାର କଂଗ୍ରେସକୁ ଫେରିବେ । ୨୦୨୩ରେ ଏନ୍‌ସିପିରେ ବିଭାଜନ ହୋଇଥିଲା ଓ ଅଜିତ ପାୱାରଙ୍କ ଦଳକୁ ମୁଖ୍ୟ ଦଳ ଭାବେ ପରିଚୟ ମିଳିଥିଲା । ତେବେ କଂଗ୍ରେସ ସହିତ ମିଶ୍ରଣକୁ ନେଇ ଏନ୍‌ସିପି (ଏସ୍ପି)ର ନେତାଙ୍କ ଭିତରେ ମତଭେଦ ମଧ୍ୟ ଦେଖାଯାଇଛି ।

# ଦିଲ୍ଲୀରେ ଖୁବଶୀଘ୍ର ଲାଗିବ ୩୨ ହଜାର ଇଭି ଚାର୍ଜିଂ ପଏଣ୍ଟ

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଦିଲ୍ଲୀରେ ପ୍ରଦୂଷଣ ରୋକିବା ଏବଂ ବୈଦ୍ୟୁତିକ ଯାନ (ଇଭି) କୁ ପ୍ରୋତ୍ସାହନ ଦେବା ପାଇଁ ଦିଲ୍ଲୀ କ୍ୟାବିନେଟ୍ ନୂଆ 'ଇଭି ପଲିସି'କୁ ମଞ୍ଜୁରୀ ଦେଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦିଲ୍ଲୀବାସୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ନୂଆ ନୀତି ଲାଗୁ ହେବା ପରେ ଗାଡ଼ି ଚାର୍ଜ କରିବା ପାଇଁ କାହାକୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଏଥିପାଇଁ ସରକାର ସହରରେ ଥିବା ଚାର୍ଜିଂ ପଏଣ୍ଟ ସଂଖ୍ୟାକୁ ୯,୦୦୦ ରୁ ବଢ଼ାଇ ୩୨,୦୦୦ କୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛନ୍ତି । ଗାଡ଼ି ତିଆରି କରୁଥିବା କମ୍ପାନୀଗୁଡ଼ିକ ସହ ମିଶି ସରକାର ଏହି ଚାର୍ଜିଂ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି ଏବଂ ଏହି ନୀତିରେ ବ୍ୟାଟେରୀ ରିସାଇକ୍ଲିଂ (ପୁନର୍ବାର



ବ୍ୟବହାର ଉପଯୋଗୀ କରିବା) ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୀତି ବିଶେଷ କରି ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଦୁଇଚକିଆ ଓ ତିନିଚକିଆ ଯାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ନୂଆ ଯୋଜନା ଅନୁଯାୟୀ, ଯଦି କେହି ନିଜର ପୁରୁଣା ଗାଡ଼ିକୁ ସ୍କ୍ରାପ୍ କରୁଛନ୍ତି, ତେବେ ତାଙ୍କୁ ଆର୍ଥିକ ସହାୟତା ମିଳିବ ଏବଂ ଏହି ସବସିଡି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ । ଏହି ନୂଆ ନୀତି ଅଧୀନରେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଇଲେକ୍ଟ୍ରିକ୍ କାର୍ ଗୁଡ଼ିକୁ ରୋଡ୍ ଟ୍ୟାକ୍ସ ଓ ପଞ୍ଜୀକରଣ ଫିସରୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି ।

# ଜଳଦସ୍ୟୁଙ୍କ କବଳରୁ କ୍ରୁ ସଦସ୍ୟଙ୍କ ଜୀବନ ବଞ୍ଚାଇଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଭାରତୀୟ ନୌସେନା ଭାରତ ଅଭିମୁଖେ ଆସୁଥିବା ଏକ ଜାହାଜକୁ ଜଳଦସ୍ୟୁଙ୍କ ଠାରୁ ସୁରକ୍ଷା ପ୍ରଦାନ କରି ଲୁଟର ଏକ ଉଦ୍ୟମକୁ ପଣ୍ଡ କରିଛି । ଜାହାଜଟି ଏବେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଜୁଲାଇ ୧ ତାରିଖ ରାତିରେ ଜାହାଜ ଉପରେ ଜଳଦସ୍ୟୁ ଆକ୍ରମଣ କରିଥିଲେ । ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନଏସ ତ୍ରିକଣ୍ଡ ଏହି ଲୁଟ୍ ଉଦ୍ୟମକୁ ପଣ୍ଡ କରିଛି । ସୂଚନା ଅନୁଯାୟୀ, ଜଳଦସ୍ୟୁ ଲୁଟ୍ ପାଇଁ ଯୋଜନା କରିଥିବା ଜାହାଜ ଏମଭି ଗୋଲ୍ଡେନ୍ ଆର୍ସେନାଲରେ ଭାରତୀୟ ନୌସେନା ମେରାଇନ୍ କମାଣ୍ଡୋ ଚଢ଼ିଥିଲେ । ସେଥିରେ ଜଣେ ଭାରତୀୟ କ୍ରୁ ସଦସ୍ୟ ମଧ୍ୟ ଥିଲେ । ଜାହାଜଟି ଭାରତ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଣୁଛି । କ୍ରୁମାନେ ନିଜକୁ ଏକ ସୁରକ୍ଷିତ କୋଠରୀରେ ବନ୍ଦ କରିଦେଇଥିଲେ ଏବଂ ଯୋଗାଯୋଗ ମାଧ୍ୟମରେ ଡକାୟତି ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ଯେତେବେଳେ ଭାରତୀୟ ନୌସେନା ଯୁଦ୍ଧଜାହାଜ ସମ୍ପୃକ୍ତ ଜାହାଜ ନିକଟକୁ ଆସିଥିଲା, ଜଳଦସ୍ୟୁମାନେ ଭୟରେ ପଳାଇଯାଇଥିଲେ । ଏହା ପ୍ରଥମ ଥର ନୁହେଁ ଯେତେବେଳେ ଭାରତୀୟ ନୌସେନା ନିଜର ଦକ୍ଷତା ପ୍ରଦର୍ଶନ କରି ଜଳଦସ୍ୟୁଙ୍କଠାରୁ ଏକ ଜାହାଜକୁ ଉଦ୍ଧାର କରିଛି । ପୂର୍ବରୁ ପୂର୍ବରୁ ଜୁନ୍ ୧୯ରେ ଆଇଏନଏସ ତ୍ରିକଣ୍ଡ ଏମଭି ଫରିଦ୍-୫ରୁ ଜରୁରୀକାଳୀନ ଅନୁରୋଧ ପାଇ ପଶ୍ଚିମ ଭାରତ ମହାସାଗରରେ ସମୟୋଚିତ ପଦକ୍ଷେପ ଗ୍ରହଣ କରି ଜଳଦସ୍ୟୁଙ୍କୁ ଘଉଡ଼ାଇ ଦେଇଥିଲା । ସେହିପରି ୨୭ ମେ'ରେ, ଭାରତୀୟ ନୌସେନା ଭାରତ ମହାସାଗରରେ ଏକ ମାଲବାହୀ ଜାହାଜକୁ ଉଦ୍ଧାର କରିଥିଲା । ପଶ୍ଚିମ ଭାରତ ମହାସାଗରରେ ମାଲବାହୀ ଜାହାଜ ଏମଭି ମାଶାଆଲ୍ଲାହ-୧ ନିକଟରେ ଜଳଦସ୍ୟୁଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା । ଆଇଏନଏସ କୋଲକାତା ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରି ଉଦ୍ୟମକୁ ପଣ୍ଡ କରିଥିଲା ।

# ରାମ ମନ୍ଦିର ଦାନ ଚୋରି ମାମଲାରେ ପ୍ରଧାନମନ୍ତ୍ରୀଙ୍କ ନିରବତାକୁ ନେଇ ପ୍ରଶ୍ନ କଲେ କେଜ୍ରିୱାଲ

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଅଯୋଧ୍ୟା ରାମମନ୍ଦିର ଦାନ ଚୋରି ମାମଲା ଦିନକୁ ଦିନ ଅଧିକ ସରଗରମ ହେଉଛି । ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୋଷୀମାନଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । କେଜ୍ରିୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନିକଟରେ ଚୋରି ଟଙ୍କା ପହଞ୍ଚିବାରେ ତାଙ୍କ ପାଖରେ କେଣସି ପ୍ରମାଣ ନାହିଁ । କିନ୍ତୁ ସେ ସବୁ କିଛି ଲୁଚେଇବାକୁ ଓ ଦୋଷୀଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଜଣାପଡୁଛି । କେଜ୍ରିୱାଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅନେକ ପ୍ରଶ୍ନ କରିଥିଲେ । ସେ ଏତେ ଦୀର୍ଘ ସମୟ ହେଲା ରାମ ମନ୍ଦିର ଦାନ ଟଙ୍କା ଆତ୍ମସାତ ହେଉଥିବା ସମ୍ପର୍କରେ କେମିତି ଜାଣି ପାରିଲେ ନାହିଁ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି ।କେଉଁ କାରଣରୁ ଦୋଷୀମାନଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ମଧ୍ୟ କେଜ୍ରିୱାଲ ପ୍ରଶ୍ନ କରିଥିଲେ । କେଜ୍ରିୱାଲ ଗୁରୁବାର ଆମ ଆଦମୀ ପାର୍ଟିର ଦିଲ୍ଲୀ ପ୍ରଦେଶ ଅଧ୍ୟକ୍ଷ ସୌରଭ ଭାରଦ୍ୱାଜଙ୍କ ସହିତ ମିଳିତ ସାମ୍ବାଦିକ ସମ୍ମିଳନୀ କରି ରାମ ମନ୍ଦିରରେ ୨୦୨୧ରେ ଜମି କ୍ରୟ ଓ ଦାନ ଚୋରି ବ୍ୟତୀତ ମନ୍ଦିର ନିର୍ମାଣରେ ୪୦% କମିସନ ମଗାଯିବା ନେଇ ମଧ୍ୟ ଅଭିଯୋଗ କରିଥିଲେ । କେଜ୍ରିୱାଲ କହିଛନ୍ତି, ମନ୍ଦିରରେ ଚୋରି ହୋଇଛି ବୋଲି ଏବେ ସବୁ ଲୋକ ମାନୁଛନ୍ତି । ଏଥିରେ ବଡ଼ ବଡ଼ ପ୍ରଭାବଶାଳୀ ଲୋକ ମଧ୍ୟ ସାମିଲ ଅଛନ୍ତି ।



କିନ୍ତୁ ଏବେ ସବୁଠାରୁ ବଡ଼ ପ୍ରଶ୍ନ କ'ଣ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେମାନଙ୍କୁ କ'ଣ ଗିରଫ କରାଯିବ । କିଛି ନ୍ୟୁଜ ଚ୍ୟାନେଲ କହୁଛନ୍ତି ମୋଦୀଜୀ କାହାକୁ ଛାଡ଼ିବେ ନାହିଁ । କିନ୍ତୁ ମୁଁ ଦେଶର ଲୋକଙ୍କୁ ପଚାରିବାକୁ ଚାହେଁ କ'ଣ ସେମାନଙ୍କର ମଧ୍ୟ ଭରସା ଅଛି ଯେ, ମୋଦୀଜୀ ପ୍ରକୃତ ଚୋରଙ୍କୁ ଦଣ୍ଡ ଦେଇପାରିବେ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି । କେଜ୍ରିୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜେ ଟ୍ରଷ୍ଟ ଗଠନ କରିଥିଲେ । ନିଜେ ଜଣ ଜଣ କରି ଟ୍ରଷ୍ଟର ସଦସ୍ୟ ନିଯୁକ୍ତ କରିଥିଲେ । ଟ୍ରଷ୍ଟରେ ତାଙ୍କର ସବୁ ନିଜ ଲୋକ ଅଛନ୍ତି । ଟ୍ରଷ୍ଟ ମୁଖ୍ୟ ଚମ୍ପତ ରାୟ ପ୍ରଧାନମନ୍ତ୍ରୀଙ୍କ ଖୁବ୍ ଘନିଷ୍ଠ । ରାମ ମନ୍ଦିର ନିର୍ମାଣ ପାଇଁ ଜମି କିଣାଯିବାବେଳେ ମଧ୍ୟ ଜାଲିଆତି ହୋଇଥିଲା । ୨୦୨୧ରେ ପାଠକ ପରିବାର ୨ କୋଟି ଟଙ୍କାରେ ଜମି ବିଜେପି ପାର୍ଟିର ଜଣେ ବ୍ୟକ୍ତିକୁ ବିକ୍ରି କରିଥିଲା । ୧୦ ମିନିଟ ଭିତରେ ଉକ୍ତ ବ୍ୟକ୍ତି ସେହି ଜମିକୁ ୧୮ କୋଟି ଟଙ୍କାରେ ମନ୍ଦିର ଟ୍ରଷ୍ଟକୁ ବିକ୍ରି କରିଥିଲା । ଏସବୁ ବିଷୟରେ ପ୍ରଧାନମନ୍ତ୍ରୀ କେମିତି କିଛି ଜାଣିପାରିଲେ ନାହିଁ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି । ରାମ ମନ୍ଦିର ଦାନ ଚୋରି ଓ ଜମି କିଣିବା ଓ ନିର୍ମାଣରେ କମିସନକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଅତି କମରେ ୧୨ଟି ରିପୋର୍ଟ ପ୍ରଦାନ କରିଥିଲା ବୋଲି କେଜ୍ରିୱାଲ ଅଭିଯୋଗ କରିଛନ୍ତି । କିନ୍ତୁ ଆପଣ ଧୃତରାଷ୍ଟ୍ର ସାଜି ନିରବ ରହିଲେ କିନ୍ତୁ ଯେତେବେଳେ ସବୁ କିଛି ପ୍ରଘଟ ହୋଇଗଲା ଏହାକୁ ଲୁଚେଇବାକୁ ଏସ୍‌ଆଇଟି ଗଠନ କଲେ ବୋଲି କେଜ୍ରିୱାଲ କହିଛନ୍ତି । କେଜ୍ରିୱାଲ କହିଛନ୍ତି ବ୍ରିଜଭୂଷଣ ସିଂହ ଓ ବାବା ବାଗେଶ୍ୱରଙ୍କ ପରି ଲୋକ ମୁହଁ ଖୋଲିବାକୁ ଡରୁଛନ୍ତି । କେଜ୍ରିୱାଲ ମୋଦୀଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଆପଣ କାହାକୁ ଡରୁଛନ୍ତି ଓ ସୁରକ୍ଷା ଦେଉଛନ୍ତି ।

## ମୋଦୀ-ତାକାଇଚିଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା

# ନିବେଶ, ପ୍ରତିରକ୍ଷା ଓ ସେମିକଣ୍ଡକ୍ଟର ଉପରେ ଚର୍ଚ୍ଚା

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚିଙ୍କ ମଧ୍ୟରେ ଗୁରୁବାର ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସଠାରେ ଦ୍ୱିପାକ୍ଷିକ ବୈଠକ ଆରମ୍ଭ ହୋଇଛି । ଦୁଇ ନେତା ନିବେଶ, ପ୍ରତିରକ୍ଷା, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଯୋଗାଣ ଶୃଙ୍ଖଳ, ସାମୁଦ୍ରିକ ସୁରକ୍ଷା ଓ ଆଞ୍ଚଳିକ- ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଏହି ବୈଠକ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀର ଏକ ଅଂଶ । ଏହାପୂର୍ବରୁ ତାକାଇଚିଙ୍କୁ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଓ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ତାକାଇଚି ଜାପାନର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ପ୍ରଥମ ଥର ଭାରତ ଗସ୍ତରେ ଆସିଛନ୍ତି । ତାଙ୍କର ତିନି ଦିନିଆ ଗସ୍ତ ସମୟରେ ତାକାଇଚି ଭାରତ-ଜାପାନ ବିଜନେସ୍ ଫୋରମରେ ମଧ୍ୟ ଅଂଶଗ୍ରହଣ କରିବେ, ଯେଉଁଠାରେ ଦୁଇ ଦେଶ ମଧ୍ୟରେ ନିବେଶ ଓ ଆର୍ଥିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା କରାଯିବ । ଭାରତ ଓ ଜାପାନ ବାଣିଜ୍ୟରେ ଆମେରିକୀୟ ଡଲାରର ଗୁରୁତ୍ୱ ହ୍ରାସ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ନିକ୍କେଇ ଏସିଆର ଏକ ରିପୋର୍ଟ ଅନୁଯାୟୀ, ଦୁଇ ଦେଶ ଏକ ଏପରି ବ୍ୟବସ୍ଥା ଉପରେ କାମ କରୁଛନ୍ତି ଯାହା ବାଣିଜ୍ୟ ପେମେଣ୍ଟକୁ ସିଧାସଳଖ ଭାରତୀୟ ଟଙ୍କା ଓ ଜାପାନୀ ୟେନ୍‌ରେ କରିବାକୁ ଅନୁମତି ଦେବ । ଏହି ଯୋଜନା ଅନ୍ତର୍ଗତ ଜାପାନ କମ୍ପାନି ଭାରତର ବ୍ୟାଙ୍କରେ ସ୍ୱତନ୍ତ୍ର ଆକାଉଣ୍ଟ ଖୋଲି ସିଧାସଳଖ ଭାରତୀୟ ଟଙ୍କା ଓ ଜାପାନର ୟେନ୍‌ରେ କାରବାର କରିପାରିବେ । କାରବାର ପାଇଁ ଆମେରିକୀୟ ଡଲାର କିମ୍ବା ତୃତୀୟ ଦେଶର ବ୍ୟାଙ୍କ ଆବଶ୍ୟକ ହେବ ନାହିଁ । ଗତବର୍ଷ ଅଗଷ୍ଟରେ ମୋଦୀଙ୍କ ଜାପାନ ଗସ୍ତ ଅବସରରେ ଦୁଇ ଦେଶ ଏହି ଯୋଜନାରେ କାର୍ଯ୍ୟ କରିବେ ବୋଲି ରାଜି ହୋଇଥିଲେ । ଜାପାନର ଅର୍ଥ ମନ୍ତ୍ରଣାଳୟ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ୨୦୨୬ ଆର୍ଥିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ଏକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛି । ଭାରତ ଓ ଜାପାନ ମଧ୍ୟରେ ଆର୍ଥିକ ସମ୍ପର୍କ ସ୍ଥିର ଭାବରେ ମଜଭୁତ ହେଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୨୭.୫ ବିଲିୟନ ଡଲାରରେ ପହଞ୍ଚିଛି । ୨୦୨୫ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଜାପାନ ଭାରତରେ ୩.୨ ବିଲିୟନ ଡଲାର ନିବେଶ କରିଛି । ଜାପାନ ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ୬୧ ବିଲିୟନ ଡଲାରରୁ ଅଧିକ ନିବେଶ କରିବାର ଲକ୍ଷ୍ୟ ମଧ୍ୟ ରଖିଛି । ଭାରତରେ ବର୍ତ୍ତମାନ ୧୪୦୦ ଜାପାନ କମ୍ପାନି କାମ କରୁଛନ୍ତି ।

# ସୋନି ପକ୍ଷରୁ ଆରଜିବି ବ୍ୟାକ୍‌ଲାଇଟ୍ ମାଷ୍ଟର ଡ୍ରାଇଭ୍ ପ୍ରୋ ସହ ବ୍ରାଭିଆ ୯-୨ ଓ ବ୍ରାଭିଆ ୭-୨ର ଶୁଭାରମ୍ଭ

**ଭୁବନେଶ୍ୱର, ୨୭ (ନି.ପ୍ର) :** ସୋନି ଇଣ୍ଡିଆ ପକ୍ଷରୁ ସୋନିର ପ୍ରକୃତ ଆର୍‌ଜିବି ଟିଭି ବ୍ରାଭିଆ ୯-୨କୁ ଉନ୍ମୋଚନ କରାଯାଇଛି। ନିକଟରେ ଉନ୍ମୋଚନ କରାଯାଇଥିବା ବ୍ରାଭିଆ ୭-୨ ସଫଳତା ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି ଯାହା ଭାରତୀୟ ଗ୍ରହକଙ୍କୁ ବାସ୍ତବ ଆରଜିବି ଡିସ୍‌ପ୍ଲେ ପ୍ରଯୁକ୍ତି ପ୍ରଦାନ କରିଥିଲା। ବ୍ରାଭିଆ ୯-୨ରେ ରହିଛି ସୋନିର ଅତ୍ୟାଧୁନିକ ଛବି ଓ ସାଉଣ୍ଡ ନବସୃଜନ ଯାହା ଘରେ ଅତୁଳନୀୟ ସିନେମା ଦେଖିବା ଅନୁଭୂତି ପ୍ରଦାନ କରିବ।

ପ୍ରିମିୟମ ବୃହତ୍ତ ବଡ଼ ଟିଭି ମନୋରଂଜନ ପାଇଁ ବ୍ରାଭିଆ ୯-୨ ମଡେଲ୍‌କୁ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଏଲଇଡି କଂଟ୍ରୋଲର ମଧ୍ୟ ରହିଛି। ଏହାର ଆରଜିବି ଟ୍ରିଲୁମିନସ ମ୍ୟାକ୍ସ, ଲୁମିନାନ୍ସ ବୁଷ୍ଟର ପ୍ରୋ ଓ ସ୍ମୁଥ କଲର ଗ୍ରେଡେସନ୍ ମିଳିତ ଭାବେ ପ୍ୟାନେଲ୍‌ରେ ପହଂଚିବା ପୂର୍ବରୁ ଛବିର ରଙ୍ଗରେ ସୁଧାର ଆଣିଥାନ୍ତି। ଆଲୋକିତ କୋଠରିରେ ମଧ୍ୟ ଛବିଗୁଡ଼ିକ ଯେଭଳି ଭଲ ଭାବେ ଦେଖାଯିବ ସେହି ଅନୁସାରେ ଟିଭିରେ ରଙ୍ଗକୁ ତାହା ନିୟନ୍ତ୍ରଣ କରିଥାନ୍ତି।

ବ୍ରାଭିଆ ୯-୨ ମଡେଲ୍‌ରେ ଇମର୍ସିଭ୍ ବ୍ଲାକ୍ ସ୍କ୍ରିନ୍ ପ୍ରୋ, ଆକୋଷ୍ଟିକ୍ ମଲ୍‌ଟି-ଅଡିଓ ସହିତ ସାଉଣ୍ଡ୍ ପୋଜିସନିଂ ଟ୍ୱିଟର୍ ଓ ଅପ୍-ଫାୟାରିଂ ବିମ୍ ଟ୍ୱିଟର୍ ରହିଛି। ଟୁ ଆର୍‌ଜିବି ଟେଲିଭିଜନରେ ଡଲ୍‌ବି ଭିଜନ, ଡଲ୍‌ବି ଆଟମ୍ ଡିଟିଏସ୍: ଏକ୍ସ ଓ ଆଇମ୍ୟାକ୍ସ ଏନ୍‌ହାନ୍‌ସଡ୍ ସୁବିଧା ମଧ୍ୟ ରହିଛି। ଏହାର ଏକ୍ସଆର୍ କଂଟ୍ରାଷ୍ଟ ବୁଷ୍ଟର ଉନ୍ନତ ବ୍ରାଇଟ୍‌ନେସ୍ ହାସଲ କରିପାରୁଛି। ଏହାର ଏକ୍ସ-ୱାଇଡ୍ ଆଙ୍ଗେଲ ପ୍ରୋ ଜରିଆରେ ଚଉଡ଼ା ଦୃଶ୍ୟଗୁଡ଼ିକୁ ଭଲ ଭାବେ ଦେଖିହେବ। ଏହାର ବେଜେଲ ଓ ମିରେଜ୍ ଷ୍ଟାଣ୍ଡ ଏକ ତାର ମୁକ୍ତ ତଥା ଭାସମାନ ଲୁକ୍ ପ୍ରଦାନ କରିବ। ନେଟ୍‌ଫ୍ଲିକ୍ସ, ପ୍ରାଇମ୍ ଭିଡିଓ ଓ ସୋନି ପିକ୍‌ଚର୍ସ କୋର୍ ପାଇଁ ଏଥିରେ ରହିଛି ଷ୍ଟୁଡିଓ କାଲିବ୍ରେଟେଡ୍ ମୋଡ୍। ଏହି ଟିଭି ଜରିଆରେ ଦର୍ଶକମାନେ ୪କେ ୟୁଏଚ୍‌ଡି ବ୍ଲୁ-ରେ ମାନର ଦୃଶ୍ୟ ଦେଖିପାରିବେ ଏବଂ ୨୪ ମାସ ପାଇଁ ବୈଧ ଥିବା ୧୦ଟି ମୁଭି କ୍ରେଡିଟ୍ ପାଇପାରିବେ। ଆଧୁନିକ ଘରର ସାଜସଜ୍ଜାକୁ ନଜରରେ ରଖି ଏହାର ଡିଜାଇନ କରାଯାଇଛି। ଏଥିରେ ରହିଛି ପ୍ରିମିୟମ ରିମୋଟ୍, ୟୁଏସ୍‌ବି ଟାଇପ୍-ସି ଚାର୍ଜିଂ, ବ୍ୟାକ୍‌ଲିଟ୍ ବଟନ୍ ଓ ଫାଇଣ୍ଡ୍ ମାଇଁ ରିମୋଟ୍ ସୁବିଧା। ସୋନିର ଟ୍ରୁ ଆର୍‌ଜିବି ଟେଲିଭିଜନ ପୋର୍ଟଫୋଲଓରେ ୫୫ ଇଂଚ (୧୪୦ ସେମି) ଓ ୮୫ ଇଂଚ (୨୧୫ ସେମି) ମଡେ୍ଲ ରହିଛି। ସୋନିର ଟ୍ରୁ ଆରଜିବି ଟିଭିଗୁଡ଼ିକ ସୋନି ଡଟ୍ କୋ ଡଟ୍ ଇନ୍, ସୋନି ସେଂଟର, ସୋନି ଏକ୍ସକ୍ଲୁସିଭ୍, ସପ୍‌ଆଟ୍‌ସୋନି ଡଟ୍ କମ୍, ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସୋରୁମ ଓ ଇ-କମର୍ସ ସାଇଟ୍‌ଗୁଡ଼ିକରେ ଉପଲବ୍ଧ। ଏହି ଟିଭିଗୁଡ଼ିକ ଜୁନ ୨୯ଠାରୁ ଉପଲବ୍ଧ ହୋଇଛି। ବ୍ରାଭିଆ ୯-୨ ମଡେଲ୍ ଗୁଡ଼ିକର ଦାମ୍ ୮,୩୯,୯୦୦ ଟଙ୍କାରୁ ଓ ବ୍ରାଭିଆ ୭-୨ ମଡେଲ୍‌ଗୁଡ଼ିକର ଦାମ୍ ୩,୫୯,୯୦୦ ଟଙ୍କାରୁ ଆରମ୍ଭ ହୋଇଛି।

# ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଆଇଆଇଟି ବମ୍ବେ ସହ ଚୁକ୍ତିନାମା

**ଭୁବନେଶ୍ୱର, ୨୭ (ନି.ପ୍ର) :** ଦେଶର ଅନ୍ୟତମ ସବୁଠୁ ବିଶ୍ୱସନୀୟ ଘରୋଇ ଜୀବନ ବୀମା କମ୍ପାନି ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଭାରତ ଇନୋଭେସନ ହବ ପ୍ରତିଷ୍ଠା କରିବା ପାଇଁ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟି) ବମ୍ବେ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହା ହେଉଛି ବୀମା କ୍ଷେତ୍ର ପାଇଁ ଏକ ଏଆଇ ଓ ସାଇବର ନବସୃଜନ ହବ। ଏହି ଯୁଗ୍ମ ଗବେଷଣା ଓ ନବସୃଜନ କେନ୍ଦ୍ରରେ ବୀମା କ୍ଷେତ୍ର ପାଇଁ ଭାରତର ନିଜସ୍ୱ ଡିପ-ଟେକ ପ୍ରତିରୋଧୀ ବ୍ୟବସ୍ଥା ବିକାଶ କରାଯିବ।

୨୦୩୦ ସୁଦ୍ଧା ଭାରତର ବୀମା ପ୍ରିମିୟମ ଅଭିବୃଦ୍ଧି ବାର୍ଷିକ ୬.୯ ପ୍ରତିଶତ ହାରରେ ଆଗକୁ ବଢ଼ିବା ଆକଳନ କରାଯାଇଛି ଯାହା ଏହାକୁ ଏକ ଦୃଢ଼ ଅଭିବୃଦ୍ଧିଶୀଳ ପ୍ରମୁଖ ବୀମା ବଜାରରେ ପରିଣତ କରିଛି। ଦେଶରେ ବୀମା ସାନ୍ଦ୍ରତା ବଢ଼ିବାକୁ ଯାଉଥିବାରୁ ଗାହକଙ୍କ ତଥ୍ୟ ମଧ ବଢ଼ିବ। ପଲିସିର ସୁରକ୍ଷା ଭଳି ଡାଟାର ସୁରକ୍ଷା ମଧ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆମଦାନୀକୃତ ସୁରକ୍ଷା ଢ଼ାଂଚା ବଦଳରେ 'ଭାରତ ଇନୋଭେସନ ହବ' ଓ ଭାରତରେ ଡିଜାଇନ, ଗଠନ ଓ ମାଲିକାନା ଥିବା ଏକ ସାଇବର ନିରାପତା ଦକ୍ଷତାକୁ ଆଡ଼କୁ ଗତି କରିବା ଦିଗରେ ଏହା ଏକ ନିର୍ଣ୍ଣାୟକ ପରିବର୍ତନ।

ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଯାନ ସହିତ ସମନ୍ୱିତ ହୋଇ 'ଭାରତ ଇନୋଭେସନ ହବ' ବୀମା ଓ ଗ୍ରାହକଙ୍କ ଉପରେ ଏସବିଆଇ ଲାଇଫର ଗଭୀର ବୁଝାମଣା ସହିତ କୃତ୍ରିମ ବୁଦ୍ଧିମତା, ସାଇବର ନିରାପତା, କ୍ୱାଂଟମ ପ୍ରଯୁକ୍ତି ଓ ବୀମାର ଭବିଷ୍ୟତ ପାଇଁ ସମାଧାନ ବିକାଶ କରିବାରେ ଆଇଆଇଟି ବମ୍ବେର ବିଶିଷ୍ଟ ଶିକ୍ଷାଗତ ଓ ବୈ?ଜ୍ଞାନିକ ପ୍ରତିଭାକୁ ଏକାଠି କରିବ। ଏହି ସହଯୋଗିତାରେ ସାଇବର ପ୍ରତିରକ୍ଷା ନବସୃଜନ, ଏଆଇ ନେତୃତ୍ୱାଧୀନ ଟୁଲ, ପ୍ରତିଭା ବିକାଶ, କାର୍ଯ୍ୟନିର୍ବାହୀ ଶିକ୍ଷା, ଗୁରୁତ୍ୱପୂର୍ଣ୍ଣ କନସଲଟିଂ ଓ ନବସୃଜନ ଇନକୁବେସନକୁ ଗୁରୁତ୍ୱ ଦିଆଯିବ।

ଏକ ଏଆଇ ଆଧାରିତ ବୀମା କମ୍ପାନିରେ ପରିଣତ ହେବା ଦିଗରେ ଏସବିଆଇ ଲାଇଫର ଯାତ୍ରାରେ ଏହି ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା କେବଳ ପ୍ରଯୁକ୍ତି ଗ୍ରହଣ କରେନାହିଁ, ବରଂ ପ୍ରତ୍ୟେକ୍ଷ ଭାବେ ତାହାକୁ ସୃଷ୍ଟି କରେ। ଏକ ବର୍ଦ୍ଧିତ ଡିଜିଟାଲ ଦୁନିଆରେ ଉଭୟ ଗ୍ରାହକ ଓ ନିୟାମକ ସଂସ୍ଥାର ଆଶା ପୂରଣ କରୁଥିବା ବ୍ୟାପକ, ସ୍ଥାୟୀ ଓ ଡିପଟେକ ସମାଧାନ ଗଠନ କରିବା ହେଉଛି ଏହି ସହଯୋଗିତାର ଲକ୍ଷ୍ୟ। ଏମଓୟୁ ସ୍ୱାକ୍ଷର ଅବସରରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ପରିଚାଳନା ଓ ଆଇଟି ସଭାପତି ଶ୍ରୀ ଅଭିଜିତ ଗୁଲନିକର କହିଛନ୍ତି ଯେ, 'ଆର୍ଥିକ ସେବା କ୍ଷେତ୍ରରେ ମୂଲ୍ୟ ସୃଷ୍ଟିର ପରବର୍ତୀ ଯୁଗରେ ସେହି ସଂସ୍ଥା ନେତୃତ୍ୱ ନେବ ଯାହା କେବଳ ପ୍ରଯୁକ୍ତି ବ୍ୟବହାର ନୁହେଁ , ବରଂ ତିଆରି କରିବ। ବୀମା ଉପରେ ଆମର ଗଭୀର ବୁଝାମଣା ସହ ଭାରତର ସବୁଠୁ ଉଜ୍ଜ୍ୱଳ ବୈଜ୍ଞାନିକ ପ୍ରତିଭାଙ୍କୁ ମିଶାଇ ଆମେ ଭାରତ ପାଇଁ ନବସୃଜନ, ଗଠନ ଓ ବ୍ୟାପକ କରିବାର ବିକଳ୍ପ ଚୟନ କରିଛୁ। ଆଇଆଇଟି ବମ୍ବେ ସହିତ ସହଯୋଗିତା ଜରିଆରେ ଆମେ ଏକ ସ୍ୱଦେଶୀ, ଏଆଇ-ନେଟିଭ ମୂଳଦୁଆ ଗଠନ କରୁଛୁ ଯାହା ପ୍ରତିଟି ଗ୍ରାହକଙ୍କୁ ସୁରକ୍ଷିତ କରିବୁ ଯେଉଁମାନେ ସେମାନଙ୍କ ଆର୍ଥିକ ଭବିଷ୍ୟତ ପାଇଁ ଆମ ଉପରେ ଭରସା ପ୍ରକଟ କରିଛନ୍ତି ଏବଂ ତାସହିତ ବ୍ୟାପକ ବୀମା ଶିଳ୍ପର ସ୍ଥାୟିତ୍ୱକୁ ସୁଦୃଢ଼ କରିବୁ।''

ଆଇଆଇଟି ବମ୍ବେ କହିଛନ୍ତି ଯେ, 'ଆଇଆଇଟି ବମ୍ବେରେ ଆମେ ସମାଜ ପାଇଁ ଗୁରୁତ୍ୱ ରଖୁଥିବା ଆହ୍ୱାନ ପାଇଁ ବିଶ୍ୱସ୍ତରୀୟ ଗବେଷଣା ପ୍ରୟୋଗ କରିବା ପାଇଁ ସର୍ବଦା ଉଦ୍ୟମ କରୁଛୁ। କୋଟି କୋଟି ନାଗରିକଙ୍କ ଆର୍ଥିକ ସୁରକ୍ଷାକୁ ନିରାପଦ ରଖିବା ମଧ ସେହି ଭଳି ଏକ ଆହ୍ୱାନ। ଏହି ସହଯୋଗିତା ଶିକ୍ଷାନୁଷ୍ଠାନକୁ ଶିଳ୍ପ ସହ କାନ୍ଧରେ କାନ୍ଧ ମିଳାଇ କାମ କରି କୃତ୍ରିମ ବୁଦ୍ଧିମତା, ସାଇବର ନିରାପତା ଓ କ୍ୱାଂଟମ ପ୍ରଯୁକ୍ତି କ୍ଷେତ୍ରରେ ବାସ୍ତବ ଦୁନିଆର ସମସ୍ୟା ସମାଧାନ କରିବାରେ ସହାୟକ ହେବ। ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତୀୟ ପ୍ରତିଭାର ପରବର୍ତୀ ପିଢ଼ିକୁ ସମୃଦ୍ଧ କରିବା। ତାହା ଜରିଆରେ ନିଜସ୍ୱ ସାର୍ବଭୌମ ପ୍ରଯୁକ୍ତି ଦକ୍ଷତା ଗଠନ କରିବାରେ ଦେଶର କ୍ଷମତାକୁ ସୁଦୃଢ଼ କରୁଛୁ। ଭାରତରୁ, ଭାରତ ପାଇଁ ଗଠନ କରିବା ଲାଗି ଏସବିଆଇ ଲାଇଫ ସହ ସହଯୋଗିତା କରିଥିବାରୁ ଆମେ ଗର୍ବିତ।''

ଭାରତ ଇନୋଭେସନ ହବ ଏସବିଆଇ ଲାଇଫ ବାହାରେ ମଧ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ଆଶା କରାଯାଉଛି। ଏହି ସହଯୋଗିତାରେ ସ୍ୱଦେଶୀ ଏଆଇ ଓ ସାଇବର ନିରାପତା ପ୍ରତିଭା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି।

# କେଏଲଏଫ ବୁକ୍ ଆୱାର୍ଡସ ୨୦୨୬ ପାଇଁ ଇଂରାଜୀ ସର୍ଟଲିଷ୍ଟ ଘୋଷିତ

**ଭୁବନେଶ୍ୱର, ୨୭ (ନି.ପ୍ର) :** କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲଏଫ) ପକ୍ଷରୁ ୫ଟି ବର୍ଗ- ଫିକ୍ସନ, ନନ୍-ଫିକ୍ସନ, କବିତା, ଅନୁବାଦ ଓ ଡେବ୍ୟୁରେ କେଏଲଏଫ ବୁକ ଆୱାର୍ଡସ ୨୦୨୬ ପାଇଁ ଇଂରାଜୀ ସର୍ଟଲିଷ୍ଟ ବା ମନୋନିତ ତାଲିକାର ଘୋଷଣା କରାଯାଇଛି। ଏହି ସର୍ଟଲିଷ୍ଟ ୨୦୨୫ରେ ପ୍ରକାଶିତ ହୋଇଥିବା ଉଲ୍ଲେଖନୀୟ ପୁସ୍ତକଗୁଡିକୁ ପାଳନ କରିବା ସହ ଇଂରାଜୀ ଲେଖା ଓ ସାହିତ୍ୟିକ ଅନୁବାଦ କ୍ଷେତ୍ରରେ ଉତ୍କୃଷ୍ଟତମ ଆଧୁନିକ ସ୍ୱରଗୁଡିକୁ ଆଲୋକିତ କରିଛି। ଅରୁନ୍ଧତୀ ରୟ, ଜିତ ଥ୍ୟାୟିଲ, ରୁଚିର ଯୋଶି, ବାନୁ ରଫିକ, ସୌମିୟ ଅଶୋକ, ସାମ ଡାଲ୍ରିମ୍ପଲ, ମଣି ରାଓ, ଜେନିଫର ରବର୍ଟସନ ଓ ଦୀପା ଭାସ୍ଥିଙ୍କ ଭଳି ପ୍ରତିଷ୍ଠିତ ଲେଖକମାନଙ୍କ ପୁସ୍ତକଗୁଡିକୁ କଳିଙ୍ଗ ସାହିତ୍ୟ ମହୋତ୍ସବ ପୁସ୍ତକ ସମ୍ମାନ ୨୦୨୬ ପାଇଁ ସର୍ଟଲିଷ୍ଟ କରାଯାଇଛି। ବିଜେତାଙ୍କ ନାମ ସେପ୍ଟେମ୍ବର ୨୦୨୬ରେ ଘୋଷଣା କରାଯିବ ଏବଂ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଇଂଟରନ୍ୟାଶନାଲ ସେଂଟରଠାରେ ଆୟୋଜିତ ହେବାକୁ ଥିବା କେଏଲଏଫ ଇନ୍ଦ୍ରପ୍ରସ୍ଥର ଉଦ୍‌ଘାଟନୀ ସମ୍ମିଳନୀରେ ବିଜେତାଙ୍କୁ ସମ୍ମାନିତ କରାଯିବ। ଏହି ମହୋତ୍ସବ ପୁସ୍ତକ, ବିଚାରଧାରା ଓ ସାଂସ୍କୃତି ଆଲୋଚନାକୁ ପାଳନ କରିବା ପାଇଁ ଭାରତ ଓ ବିଦେଶର ଲେଖକ,

ପ୍ରକାଶକ, ଅନୁବାଦକ, ବିଦ୍ୱାନ, କଳାକାର ଓ ସାହିତ୍ୟିକମାନଙ୍କୁ ଏକତ୍ରିତ କରିବ। ଏସମ୍ପର୍କରେ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲଏଫ)ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମି ରନ ପରିଡା କହିଛନ୍ତି, 'କେଏଲଏଫ ବୁକ୍ ଆୱାର୍ଡସ ପରମ୍ପରାକୁ ଆହ୍ୱାନ ଦେଉଥିବା, ସ୍ମୃତିକୁ ସଂରକ୍ଷିତ ରଖୁଥିବା ଓ ଆଲୋଚନାର ନୂତନ ସମ୍ଭାବନାକୁ ଉନ୍ମୁକ୍ତ କରୁଥିବା ପୁସ୍ତକଗୁଡିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଚଳିତ ବର୍ଷ ସର୍ଟଲିଷ୍ଟ ହୋଇଥିବା ପୁସ୍ତକଗୁଡିକ ବିଭିନ୍ନ ବର୍ଗରେ ଆଧୁନିକ ଲେଖନୀର ସମୃଦ୍ଧତା ଓ ବିବିଧତାକୁ ପ୍ରତିଫଳନ କରୁଛି। ଆମେ ସର୍ଟଲିଷ୍ଟ ହୋଇଥିବା ସମସ୍ତ ଲେଖକଙ୍କୁ ଶୁଭେଚ୍ଛା ଜଣାଉଛୁ ଏବଂ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ଆୟୋଜିତ ହେବାକୁ ଥିବା କେଏଲଏଫ ଇନ୍ଦ୍ରପ୍ରସ୍ଥ ସମୟରେ ସେମାନଙ୍କର ସଫଳତାକୁ ପାଳନ କରିବା ପାଇଁ ଅପେକ୍ଷା କରିଛୁ।' କଳିଙ୍ଗ ସାହିତ୍ୟ ମହୋତ୍ସବ ଦ୍ୱାରା ଉପସ୍ଥାପନ କରାଯାଉଥିବା ସମସ୍ତ ସମ୍ମାନଗୁଡିକ ସାହିତ୍ୟ, ବିଚାରଧାରା ଓ ସାଂସ୍କୃତିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ ଅଟେ। ବୁକ୍ ଆୱାର୍ଡସ ଓ ବର୍ଷସାରା ସାହିତ୍ୟିକ ପଦକ୍ଷେପଗୁଡିକ ମାଧ୍ୟମରେ କେଏଲଏଫ ଲେଖକ ଓ ପାଠକଙ୍କ ମଧ୍ୟରେ ସାହିତ୍ୟିକ ଉତ୍କର୍ଷତାକୁ ବିକଶିତ କରିବା ଓ ଅର୍ଥପୂର୍ଣ୍ଣ ସଂଯୋଗକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। କେଏଲଏଫ ବୁକ ଆୱାର୍ଡସ ୨୦୨୬, ଫିକ୍ସନ, ଅଣ-ଫିକ୍ସନ, କବିତା, ଅନୁବାଦ ଓ ଡେବ୍ୟୁ ବର୍ଗରେ ୨୦୨୫ରେ ପ୍ରକାଶିତ ଉଲ୍ଲେଖନୀୟ ପୁସ୍ତକଗୁଡିକୁ ସମ୍ମାନିତ କରୁଛି ଏବଂ ସାହିତ୍ୟ ଓ ସାର୍ବଜନିନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ଲେଖକମାନଙ୍କ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରୁଛି।

# ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା ପଦକ୍ଷେପ ଗୁଡ଼ିକ ଗ୍ରାମୀଣ ଭାରତରେ ୭ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି

**ଭୁବନେଶ୍ୱର,୨୭ (ନି.ପ୍ର) :** ଜାତୀୟ ଡକ୍ଟର ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଗ୍ରାମୀଣ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରୁଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ବୃତିଗତଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଉଛି । ଏହାର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ଅଂଶ ଭାବରେ, କମ୍ପାନୀ ଏହାର ବ୍ୟାପକ ହସ୍ପିଟାଲ, ମୋବାଇଲ୍ ହେଲ୍ଥ ୟୁନିଟ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଂଟର ମାଧ୍ୟମରେ ଅନେକ ଆଗଧାଡ଼ିର ସ୍ୱାସ୍ଥ୍ୟସେବା ବୃତିଗତଙ୍କୁ ନିୟୋଜିତ କରିଛି, ଯାହା ଓଡ଼ିଶା ଏବଂ ଛତିଶଗଡ଼ର ୭ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଆଗକୁ ବଢାଇଛି। ଜାତୀୟ ଡକ୍ଟର ଦିବସ ହେଉଛି ଏକ ସୁସ୍ଥ କର୍ମଶକ୍ତି ଏବଂ ସ୍ଥିର ସମ୍ପ୍ରଦାୟକୁ ବଜାୟ ରଖିବାରେ ଡାକ୍ତରୀ ବତିଗତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରିବାର ଏକ ଅବସର। ଏହା ପ୍ଲାଂଟ ଉତ୍ପାଦନ ଏବଂ ଦୀର୍ଘକାଳୀନ ସାମାଜିକ ପ୍ରଗତିକୁ ସକ୍ଷମ କରିବାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱକୁ ଗୁରୁତ୍ୱାରୋପ କରେ। ଏହି ଅବସର ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ସମର୍ଥନ କରିବା ପାଇଁ ପ୍ରମୁଖ ସଂଗଠନଗୁଡ଼ିକର ଆବଶ୍ୟକତାକୁ ମଧ ଦୃଢ଼ କରିଛି। ଚିକିତ୍ସା ବୃତିଗତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, 'ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଏବଂ ଆମ ସମ୍ପ୍ରଦାୟର ଜୀବନର ଗୁଣବତା ଉନ୍ନତ କରିବାରେ ଡାକ୍ତରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ବିଶେଷଜ୍ଞତା ଏବଂ ଉତ୍ସର୍ଗତା ମାଧ୍ୟମରେ, ସେମାନେ ନିଶ୍ଚିତ କରନ୍ତି ଯେ ଗୁଣାତ୍ମକ ଚିକିତ୍ସା ସେବା ଲୋକମାନଙ୍କ ପାଖରେ ପହଂଚିବ ଯେତେବେଳେ ଏବଂ

ଯେଉଁଠାରେ ଏହାର ସର୍ବାଧିକ ଆବଶ୍ୟକତା ଅଛି। ବେଦାନ୍ତ ଆଲୁମିନିୟମରେ, ଆମେ ଚିକିତ୍ସା ଭିତିଭୂମିରେ ନିର'ର ବିନିଯୋଗ ଏବଂ ସ୍ଥିର ସମ୍ପ୍ରଦାୟ ପ୍ରସାର ମାଧ୍ୟମରେ ଗ୍ରାମୀଣ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରି ସେମାନଙ୍କ ପ୍ରୟାସକୁ ସମର୍ଥନ କରୁଛୁ। 'ଆର୍ଥିକ ବର୍ଷ ୨୬ ରେ, ବେଦାନ୍ତ ଆଲୁମିନିୟମ ବ୍ୟାପକ ସ୍ୱାସ୍ଥ୍ୟସେବା ପ୍ରୟାସ ମାଧ୍ୟମରେ ଗ୍ରାମୀଣ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ବିସ୍ତାର କରିଚାଲିଛି।

ଝାରସୁଗୁଡ଼ାରେ, କମ୍ପାନୀର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ୧୮,୦୦୦ ରୁ ଅଧିକ ହିତାଧିକାରୀଙ୍କୁ ଦ୍ୱାରଦେଶରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି, ଯେତେବେଳେ ଯକ୍ଷ୍ମା, ମ୍ୟାଲେରିଆ, ମଧୁମେହ, କର୍କଟ ଏବଂ ହୃଦରୋଗ ସ୍ୱାସ୍ଥ୍ୟ ଉପରେ ସଚେତନତା ପଦକ୍ଷେପ ୨.୮ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଂଚିଥିଲା। ଏହି ସମୟରେ, ବେଦାନ୍ତ ଆଲୁମିନିୟମ ଦ୍ୱାରା ବ୍ୟାପକ ଭାବରେ ସମର୍ଥିତ ଝାରସୁଗୁଡାର ଜିଲ୍ଲା ସାଟେଲାଇଟ୍ ହସ୍ପିଟାଲ ୧.୧୭ ଲକ୍ଷରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରାଯାଇଛି। ଝାରସୁଗୁଡାର କୁରାଲୋଇ ଗ୍ରାମର ବାସିନ୍ଦା ସରୋଜିନୀ ଠାକୁର କହିଛନ୍ତି, 'ଆମର ଦୁର୍ଗମ ଗାଁରେ ସ୍ୱାସ୍ଥ୍ୟସେବା ପହଂଚିବା ପୂର୍ବରୁ କଷ୍ଟକର ଥିଲା। ଆଜି, ବେଦାନ୍ତର ମୋବାଇଲ୍ ହେଲ୍ଥ ୟୁନିଟ୍ ନିଶ୍ଚିତ କରୁଛି ଯେ ଡାକ୍ତରମାନେ ନିୟମିତ ଭାବରେ ଅସିବେ, ଯାହା ଆମକୁ ସମୟାନୁସାରେ ପରାମର୍ଶ ଏବଂ ଚିକିତ୍ସା ପାଇବାରେ ସାହାଯ୍ୟ କରିବ। ଏହା ଦ୍ୱାର ଆମ ନିକଟରେ ଅତ୍ୟନ୍ତ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ସହାୟତା ଆଣିଛି। ଏହି ପ୍ରୟାସଗୁଡ଼ିକୁ ପୂରଣ କରି, ବେଦାନ୍ତ ଲାଞ୍ଜିଗଡର ପ୍ରମୁଖ ପ୍ରକଳ୍ପ ଆରୋଗ୍ୟ ଲିଗଡର ବେଦାନ୍ତ ହସ୍ପିଟାଲ, ମୋବାଇଲ୍ ହେଲ୍ଥ ୟୁନିଟ୍, ମେଗା ହେଲ୍ଥ କ୍ୟାମ୍ପ, ଜରୁରୀକାଳୀନ ଚିକିତ୍ସା ସହାୟତା ଏବଂ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ୧.୩୦ ଲକ୍ଷରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ପ୍ରତି ମାସରେ କଳାହାଣ୍ଡି ଏବଂ ରାୟଗଡାର ୬୫ରୁ ଅଧିକ ଗାଁର ଲୋକଙ୍କୁ ସହାୟତା କରୁଛି।

# ଜିନ୍ଦଲ ଷ୍ଟେନଲେସ ପକ୍ଷରୁ କୁଲ ମେହେଟା ମୁଖ୍ୟ ଅର୍ଥନୈତିକ ଅଧିକାରୀ ଭାବେ ନିଯୁକ୍ତ

**ଭୁବନେଶ୍ୱର,୨୭ (ନି.ପ୍ର):** ଭାରତର ଅଗ୍ରଣୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦକ ଜିନ୍ଦଲ ଷ୍ଟେନଲେସ ଶ୍ରୀଯୁକ୍ତ କୁଲ ମେହେଟାଙ୍କୁ କମ୍ପାନୀର ସଂସ୍ଥାର ମୁଖ୍ୟ ଅର୍ଥନୈତିକ ଅଧିକାରୀ ଭାବରେ ୨୫ ଜୁନ ୨୦୨୬ରୁ ନିଯୁକ୍ତ କରିଛି। ଦିଲ୍ଲୀରେ ଆଜି ବୋର୍ଡ ଏହି ନିଷ୍ପତକୁ ଅନୁମୋଦନ କରିଛି । ଶ୍ରୀଯୁକ୍ତ ମେହେଟା କମ୍ପାନୀର ସିନିୟର ମ୍ୟାନେଜମେଂଟ ପର୍ସନେଲ ଭାବରେ ଯୋଗ ଦେବାର ଚାରି ସପ୍ତାହ ପରେ ଏହା ହୋଇଛି । ୨୫ ବର୍ଷରୁ ଅଧିକ ଅଭିଜ୍ଞତାସମ୍ପନ୍ନ ଅର୍ଥନୈତିକ ବିଶେଷଜ୍ଞ ଶ୍ରୀଯୁକ୍ତ ମେହେଟା ଷ୍ଟିଲ, ବିଦ୍ୟୁତ୍, ବନ୍ଦର ଓ ଲଜିଷ୍ଟିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସେ କମ୍ପାନୀର ଅର୍ଥନୈତିକ ରଣନୀତି ଓ ସେ ସମ୍ପର୍କିତ ବିଷୟର ନେତୃତ୍ୱ ନେବେ ଏବଂ ଏହାର ପରବର୍ତୀ ବିକାଶ, ସମ୍ପ୍ରସାରଣ ଏବଂ ମୂଲ୍ୟ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସିଏଫଓ ଭାବରେ ଶ୍ରୀଯୁକ୍ତ ମେହେଟା କମ୍ପାନୀର ଅର୍ଥ ବିଭାଗର ସମଗ୍ର କାର୍ଯ୍ୟ ତତ୍ତ୍ୱାବଧାନରେ କରିବେ । ଏଥିରେ ଟ୍ରେଜେରୀ, ପୁଂଜି ବଂଟନ, ଆର୍ଥିକ ଯୋଜନା, ବିନିଯୋଗକାରୀ ସମ୍ପର୍କ, ବିପଦ ପରିଚାଳନା ଏବଂ ରଣନୀତିଗତ ବିକାଶ ପଦକ୍ଷେପ ଅନ୍ତର୍ଭୁକ୍ତ ରହିବ । ଏହି

ନିଯୁକ୍ତି ବିଷୟରେ ମନ୍ତବ୍ୟ ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଜିନ୍ଦଲ ଷ୍ଟେନଲେସ ଯେପରି ନିଜର ନେତୃତ୍ୱ ସ୍ଥାନକୁ ଆହୁରି ମଜବୁତ କରୁଛି ଏବଂ ଦୀର୍ଘକାଳୀନ ବିକାଶ ରଣନୀତି ଅନୁସରଣ କରୁଛି, ସେହିପରି ଆର୍ଥିକ ତତ୍ତ୍ୱାବଧାନ ଏବଂ ଶୃଙ୍ଖଳିତ ପୁଂଜି ବଂଟନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ରହିଛି । କର୍ପୋରେଟ ଫାଇନାନ୍ସ, ଟ୍ରେଜେରୀ, ପାଣ୍ଠି ସଂଗ୍ରହ ଏବଂ ବ୍ୟବସାୟ ପରିବର୍ତନରେ ଶ୍ରୀ କୁଲ ଗଭୀର ଦକ୍ଷତା ଆଣିଛନ୍ତି । ଏହା ସହିତ ଅନେକ ବୃହତର ସଂସ୍ଥାରେ ମୂଲ୍ୟ ସୃଷ୍ଟିର ଶକ୍ତିଶାଳୀ ଟ୍ରାକ ରେକର୍ଡ ରଖିଛନ୍ତି । ମୁଁ ନିଶ୍ଚିତ ଯେ ତାଙ୍କ ନେତୃତ୍ୱ ଆମର ଆର୍ଥିକ ସ୍ଥିରତାକୁ ଆହୁରି ମଜବୁତ କରିବ ଏବଂ ଉତ୍ପାଦନ ବ୍ୟବସାୟରେ ଆମର ଊର୍ଦ୍ଧ୍ୱଗାମୀ ଗତିକୁ ସମର୍ଥନ କରିବ।' ଜିନ୍ଦଲ ଷ୍ଟେନଲେସରେ ଯୋଗ ଦେବା ପୂର୍ବରୁ ଶ୍ରୀଯୁକ୍ତ ମେହେଟା ଆଦାନି ଏନର୍ଜି ସଲ୍ୟୁସନ୍ସ ଲିମିଟେଡେର ମୁଖ୍ୟ ଅର୍ଥନୈତିକ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ କ୍ୟାରିୟର ସମୟରେ ସେ ଆଦାନି ଇଲେକ୍ଟ୍ରିସିଟି ମୁମ୍ବାଇ ଲିମିଟେଡ୍, ଆଦାନି ପୋର୍ଟ୍ସ ଆଣ୍ଡ ସ୍ପେଶାଲ ଇକୋନମିକ୍ ଜୋନ ଲିମିଟେଡ୍ ଏବଂ ଏସାର ଷ୍ଟିଲ ଇଣ୍ଡିଆ ଲିମିଟେଡ୍‌ରେ ସିନିୟର ନେତୃତ୍ୱ ପଦ ଅଳଙ୍କୃତ କରିଥିଲେ ।

# ୧୦୦୦ କୋଟି ଟଙ୍କାର ଏଫଏମସିଜି ବ୍ରାଣ୍ଡରେ ପରିଣତ ହେବା ସମୂହର ଲକ୍ଷ୍ୟ

**ଭୁବନେଶ୍ୱର, ୨୭ (ନି.ପ୍ର):** ଭାରତର ଗ୍ରାମାଂଚଳ ଛୋଟ ସହରର ଉପଭୋକ୍ତାଙ୍କଠାରୁ ମିଳୁଥିବା ଦୃଢ଼ ଚାହିଦାକୁ ଆଧାର କରି ଗ୍ରାମୀଣ ବାଣିଜ୍ୟ ପ୍ଲାଟଫର୍ମ ରୋଜାନା (ଜକ୍ଟ୍ଟଛବଭବ) ଦ୍ୱାରା ପ୍ରୋତ୍ସାହିତ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ସମୂହ ମାତ୍ର ତିନି ମାସ ମଧ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାର ବାର୍ଷିକ ରାଜସ୍ୱ ହାସଲ କରିବା ପରେ ଏବେ ୧,୦୦୦ କୋଟି ଟଙ୍କାର ଉପଭୋକ୍ତା ସାମଗ୍ରୀ ବ୍ରାଣ୍ଡରେ ପରିଣତ ହେବା ପାଇଁ ଏକ ମହତ୍ୱାକାଂକ୍ଷୀ ଯୋଜନାର ଘୋଷଣା କରିଛି। 'ଭାରତର ଫ୍ୟାମିଲି ବ୍ରାଣ୍ଡ' ଭାବେ ନିଜକୁ ସ୍ଥାପିତ କରିଥିବା ସମୂହ ମୂଲ୍ୟ ସଚେତନ ଉପଭୋକ୍ତାଙ୍କ ପାଇଁ ସୁଲଭ ଦୈନନ୍ଦିନ ସାମଗ୍ରୀ ଉପଲବ୍ଧ କରି ଭାଲ୍ୟୁ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଏକ ସକ୍ଷମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେଉଛି। ବିଶେଷ କରି ଟିଅର-୩, ଟିଅର-୪ ସହର ଓ ଗ୍ରାମାଂଚଳରେ ବାସ କରୁଥିବା ଉପଭୋକ୍ତାଙ୍କ ଆବଶ୍ୟକତା ଓ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ଏହାର ଉତ୍ପାଦଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ କମ୍ପାନୀ ନିଜର ଡିଷ୍ଟ୍ରିବ୍ୟୁଟର୍ ଲିଡରଶିପ୍ ସମିଟ୍ ୨୦୨୬ରେ ଦୀର୍ଘମିଆଦୀ ଅଭିବୃଦ୍ଧି ରଣନୀତି ଓ ଜାତୀୟ ସମ୍ପ୍ରସାରଣ ଯୋଜନାକୁ ଉନ୍ମୋଚନ କରିଛି। ବର୍ତମାନ ବ୍ରାଣ୍ଡ ପକ୍ଷରୁ ନମକିନ୍, ବେକ୍‌ରି ଉତ୍ପାଦ, ହୋମ୍ କେୟାର୍ ରେ ଏବଂ ଗ୍ରାମାଂଚଳରେ ଲୋକଙ୍କ ବ୍ୟବହାର ଧାରା ଓ କ୍ରୟ କ୍ଷମତାକୁ ଧ୍ୟାନରେ ରଖି ବିଭିନ୍ନ ପ୍ରକାରର ସ୍ନାକ୍ସ ଉପଲବ୍ଧ କରାଯାଉଛି। ସମୂହର ପ୍ରତିଷ୍ଠାତା ଅଦ୍ୱୈତ ବିକ୍ରମ ସିଂହ କହିଛନ୍ତି, 'କମ୍ପାନୀର ଦ୍ରୁତ ଅଭିବୃଦ୍ଧି ଗ୍ରାମୀଣ ଭାରତର ବିପୁଳ ଅଣଆବିଷ୍କୃତ ସମ୍ଭାବନାକୁ ପ୍ରମାଣିତ କରୁଛି। ଭାରତ (ଗ୍ରାମୀଣ ଭାରତ) ଦେଶର ପରବର୍ତୀ ଉପଭୋକ୍ତା ବିପ୍ଲବର ନେତୃତ୍ୱ ନେବ। ଗୁଣବତା, ସୁଲଭ ମୂଲ୍ୟ ଏବଂ ବିଶ୍ୱାସ ଖୋଜୁଥିବା ଉପଭୋକ୍ତାଙ୍କ ପାଇଁ ସମୂହର ନିର୍ମାଣ କରାଯାଇଛି। ଆମେ ପାଇଥିବା ପ୍ରତିକ୍ରିୟା ଆମ ଆଶାଠାରୁ ଅଧିକ ଏବଂ ଏହା ଆମର ଏହି ବିଶ୍ୱାସକୁ ଆହୁରି ଦୃଢ଼ କରିଛି ଯେ, ଗ୍ରାମୀଣ ସ୍ୱଦେଶୀ ବ୍ରାଣ୍ଡକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ଅଛି।' ଶିଳ୍ପ କ୍ଷେତ୍ରର ଆକଳନ ଅନୁସାରେ, ଦେଶର ମୋଟ ଏଫ୍‌ଏମ୍‌ସିଜି ଉପଯୋଗର ପ୍ରାୟ ୫୦% ଅଂଶ ଗ୍ରାମାଂଚଳ ଭାରତରୁ ଆସୁଛି, ଯାହା ଆଗାମୀ ଦଶନ୍ଧିରେ ଉପଭୋକ୍ତା ସାମଗ୍ରୀ କମ୍ପାନୀଗୁଡ଼ିକ ପାଇଁ ସବୁଠାରୁ ବଡ଼ ଅଭିବୃଦ୍ଧି ଚାଳକ ହେବ ବୋଲି ଆକଳନ କରାଯାଉଛି। ଏହି ସମ୍ମିଳନୀରେ କମ୍ପାନୀ ପକ୍ଷରୁ ଉତ୍ପାଦ ବିବିଧୀକରଣ, ନୂତନ ବର୍ଗରେ ସମ୍ପ୍ରସାରଣ, ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ରାଜ୍ୟର ବଜାରରେ ଅଧିକ ପହଂଚ ସୃଷ୍ଟି କରିବା ସମ୍ପର୍କିତ ଯୋଜନା ଉପସ୍ଥାପନ କରାଯାଇଥିଲା। ଏଥିସହିତ କମ୍ପାନୀର ନେତୃତ୍ୱ ଦଳ ଉପଭୋକ୍ତା, ଖୁଚୁରା ବ୍ୟବସାୟୀ, କ୍ଷୁଦ୍ର ଉଦ୍ୟୋଗୀ ଏବଂ ସ୍ଥାନୀୟ ସମୁଦାୟ ପାଇଁ ମୂଲ୍ୟ ସୃଷ୍ଟି କରୁଥିବା ଏକ ବିସ୍ତୃତ ଇକୋସିଷ୍ଟମ ଗଠନ କରିବା ସମ୍ପର୍କରେ ନିଜର ଦୃଷ୍ଟିକୋଣ ବାଂଟିଥିଲେ।

# ରାଜୀବ ଖଣ୍ଡେଲୱାଲଙ୍କୁ ବନ୍ଦେ ଭରତମର ବ୍ରାଣ୍ଡ ଆମ୍ବସାଡର ଓ ଉପସ୍ଥାପକ ଭାବେ ନିଯୁକ୍ତି

**ଭୁବନେଶ୍ୱର, ୨୭ (ନି.ପ୍ର) :** ଭାରତର ତୃଣମୂଳ ସ୍ତରର ଉଭାବକ ଓ ଉଦ୍ୟୋଗୀମାନଙ୍କୁ ଆବିଷ୍କାର କରିବା ପାଇଁ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଦେଶବ୍ୟାପୀ ପ୍ରୟାସ ବନ୍ଦେ ଭାରତମ ପାଇଁ ପ୍ରଶଂସିତ ଅଭିନେତା, ଟେଲିଭିଜନ ଉପସ୍ଥାପକ ଓ ଉଦ୍ୟୋଗୀ ରାଜୀବ ଖଣ୍ଡେଲୱାଲ ଆମ୍ବାସଡର ଓ ଉପସ୍ଥାପକ ଭାବରେ କାର୍ଯ୍ୟ କରିବେ।

ଉପସ୍ଥାପକ ଭାବରେ ତାଙ୍କ ଭୂମିକାରେ ଖଣ୍ଡେଲୱାଲ ବନ୍ଦେ ଭାରତମ ଯାତ୍ରାର ପ୍ରମୁଖ ମାଇଲଖୁଣ୍ଟଗୁଡ଼ିକୁ ପରିଚାଳନା କରିବେ। ସେ ଯେଉଁଥିରେ ଫାଇନାଲିଷ୍ଟ, ମେଣ୍ଟର ଓ ଶିଳ୍ପ ଜଗତର ନେତୃତ୍ୱମାନଙ୍କ ସହ ଆଲୋଚନା କରିବେ। ସ୍ୱାଧୀନତା ଦିବସ ପାଖାପାଖି ସମୟରେ ଅହମଦାବାଦଠାରେ ଜାତୀୟ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଆମ୍ବାସଡର ଭାବରେ ସେ ସାରା ଦେଶରେ ଏହି ପ୍ରୟାସର ମିଶନକୁ ପ୍ରଚାର କରିବେ ଯାହା ଭାରତର ପାରମ୍ପରିକ ଷ୍ଟାର୍ଟଅପ୍ ହବ୍ ବାହାରୁ ଆସୁଥିବା ଉଦ୍ୟୋଗୀ ପ୍ରତିଭାକୁ ଅଧିକ ପରିଚିତି ଆଣିବାରେ ସାହାଯ୍ୟ କରିବ।

ଖଣ୍ଡେଲୱାଲ ଟେଲିଭିଜନ, ସିନେମା ଓ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକରେ ତାଙ୍କର କାର୍ଯ୍ୟ ପାଇଁ ଏବଂ ତାଙ୍କ କ୍ୟାରିୟର ମଧ୍ୟରେ ଅନେକ ଲୋକପ୍ରିୟ ରିଆଲିଟି ଏବଂ ଟକ୍ ଶୋ'ଗୁଡ଼ିକର

ଉପସ୍ଥାପନା କରିବା ପାଇଁ ବ୍ୟାପକ ଭାବରେ ଜଣାଶୁଣା। ବିଭିନ୍ନ ଭୌଗୋଳିକ ଅଞ୍ଚଳର ଦର୍ଶକମାନଙ୍କ ସହ ଜଡ଼ିତ ହେବାର ତାଙ୍କର ଦକ୍ଷତା ତାଙ୍କୁ ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ କରାଉଛି ଯାହା ଛୋଟ ସହର, ଗ୍ରାମୀଣ ସମୁଦାୟ ଓ ସେବାରୁ ବଞ୍ଚିତ ଅଞ୍ଚଳ ସମେତ ଭାରତର ପ୍ରତ୍ୟେକ କୋଣରୁ ଉଦ୍ୟୋଗୀ ପ୍ରତିଭା ଖୋଜୁଛି। ଏହି ପ୍ରୟାସର ଶୁଭାରମ୍ଭ କରି ଗୌତମ ଆଦାନୀ କହିଛନ୍ତି ଯେ, 'ଯେତେବେଳେ ମୁଁ ମୋର ଯାତ୍ରା ଆରମ୍ଭ କରିଥିଲି, ମୋ ପାଖରେ କିଛି ନଥିଲା। ମୁଁ ଯାହା ଅଟେ ଏବଂ ମୁଁ ଯାହା ବି ହାସଲ କରିଛି ତାହା ମୋତେ ଭାରତର ମାଟି ଦେଇଛି। ଆମ ଦେଶରେ ପ୍ରତିଭାର କୌଣସି ଅଭାବ ନାହିଁ, କିନ୍ତୁ ସୁଯୋଗ ସର୍ବଦା ଦେଶର ପ୍ରତ୍ୟେକ କୋଣରେ ପହଞ୍ଚି ପାରିନାହିଁ। 'ଭାରତ ବିଶ୍ୱର ଅନ୍ୟତମ ବୃହତମ ଷ୍ଟାର୍ଟଅପ ପରିସଂସ୍ଥା ଗଠନ କରିଛି। ତଥାପି ଅଧିକାଂଶ ପ୍ରତିଷ୍ଠାତା ଏବେ ବି କେତେକ ନିର୍ଦ୍ଦିଷ୍ଟ ସହରରୁ ହିଁ ବାହାରୁଛନ୍ତି। ବନ୍ଦେ ଭାରତମ୍ ହେଉଛି ସେହି ଉଭାବକ, ସମସ୍ୟା ସମାଧାନକାରୀ ଓ ଉଦ୍ୟୋଗୀମାନଙ୍କୁ ଆବିଷ୍କାର କରିବା ପାଇଁ ଆମର ପ୍ରୟାସ, ଯେଉଁମାନେ ଚିନ୍ତାଧାରା ସ୍ୱୀକୃତି, ସମର୍ଥନ ଓ ଏକ ବୃହତ ପ୍ଲାଟଫର୍ମ ପାଇବାକୁ ଯୋଗ୍ୟ। ଆମେ ନିର୍ମାଣ କରିବାର ସାହସ ଅ ସୃଷ୍ଟି କରିବାର ସଂକଳ୍ପ ରଖିଥିବା ପ୍ରତ୍ୟେକ ଭାରତୀୟଙ୍କୁ ଆଗକୁ ଆସିବାକୁ ଏବଂ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛୁ।'

ଏହି ଅବସରରେ ରାଜୀବ ଖଣ୍ଡେଲୱାଲ କହିଛନ୍ତି ଯେ, 'ମୁଁ ମୋ କ୍ୟାରିୟରର ଅଧିକାଂଶ ସମୟ ଅସାଧାରଣ କାହାଣୀ ଥିବା ଲୋକଙ୍କୁ ଭେଟିବାରେ ବିତାଇଛି, କିନ୍ତୁ ବନ୍ଦେ ଭାରତମ୍ ଭିନ୍ନ। ଏହା ଦୁନିଆ ସେମାନଙ୍କୁ ଜାଣିବା ପୂର୍ବରୁ ସେହି କାହାଣୀଗୁଡ଼ିକୁ ବାହାରକୁ ଯାଇ ଖୋଜିବା ବିଷୟରେ ଅଟେ। ଏକ ଛୋଟ ସହର କିମ୍ବା ଗାଁର ଜଣେ ଉଭାବକଙ୍କୁ ଚିହ୍ନଟ କରାଇବାରେ ସାହାଯ୍ୟ କରୁଥିବା ସ୍ୱର ହେବା ଏକ ଦାୟିତ୍ୱ ଯାହା ପାଇଁ ମୁଁ ପ୍ରକୃତରେ ଉତ୍ସାହିତ ଅଛି। ମୁଁ ଏହି ପରିବର୍ତନକାରୀମାନଙ୍କୁ ଭେଟିବାକୁ ଓ ଦେଶକୁ ସେମାନଙ୍କୁ ଆବିଷ୍କାର କରିବାରେ ସାହାଯ୍ୟ କରିବାକୁ ଅପେକ୍ଷା କରିଛି।'

ବନ୍ଦେ ଭାରତମ୍ ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୮୦୦ରୁ ଅଧିକ ଜିଲ୍ଲାରେ ଉଭାବକ, ଉଦ୍ୟୋଗୀ ଓ ପରିବର୍ତନକାରୀମାନଙ୍କ ପାଇଁ ଏକ ଦେଶବ୍ୟାପୀ ଅନୁସନ୍ଧାନ ଚଳାଉଛି। ଏକ ବହୁସ୍ତରୀୟ ପ୍ରକ୍ରିୟା ମାଧ୍ୟମରେ ୭୫ ଜଣ ଚୂଡ଼ାନ୍ତ ପ୍ରତିଯୋଗୀଙ୍କୁ ମନୋନୀତ କରାଯିବ ଏବଂ ଅହମଦାବାଦକୁ ଏକ କାର୍ଯ୍ୟକ୍ରମ ପାଇଁ ସେମାନଙ୍କୁ ଆମନ୍ତ୍ରଣ କରାଯିବ ଯେଉଁଥିରେ ପରାମର୍ଶ, ଶିଳ୍ପ ଆଲୋଚନା, ନିବେଶକ ଓ ବ୍ୟବସାୟିକ ନେତୃତ୍ୱମାନଙ୍କ ସହ ଯୋଡ଼ିହେବା ପାଇଁ ସେମାନଙ୍କୁ ସୁଯୋଗ ଦିଆଯିବ। ସ୍ୱାଧୀନତା ଦିବସ ବେଳକୁ ଗ୍ରାଣ୍ଡ ଫିନାଲେ ସହ ଏହାର ସମାପ୍ତ ହେବ।

# ସ୍ୱର୍ଗୀୟ ମହନ୍ତ ଅଧିକାରୀ ପ୍ରଭାକର ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା ମହୋତ୍ସବ

**ପାରାଦ୍ୱୀପ, ୨।୭ (ନି.ପ୍ର) :** ଏରସମା ବ୍ଲକ ଅନ୍ତର୍ଗତ କୋଠି ମୌଜାସ୍ଥ ଐତିହାସିକ ବୀରାମଠରେ ସ୍ୱର୍ଗୀୟ ମହନ୍ତ ଅଧିକାରୀ ପ୍ରଭାକର ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା ମହୋତ୍ସବ ଗୁରୁବାର ଦିନ ପାଳିତ ହୋଇଯାଇଛି। ଗତ ଜୁନ ୧୮ ତାରିଖରେ ଅଧିକାରୀ ପ୍ରଭାକର ଦାସଙ୍କ ମହାପ୍ରୟାଣ ହୋଇଯାଇଥିଲା। ସମସ୍ତ ବିଧିବ୍ୟବସ୍ଥା ମଧ୍ୟରେ କୋଠି ଗ୍ରାମବାସୀଙ୍କ ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥମାନଙ୍କ ମଧ୍ୟରେ ବଡ଼ମଠ ମହନ୍ତ ମଧୁସୂଦନ ଦାସ, ବସନ୍ତପୁର ମହନ୍ତ ମଦନ ମୋହନ ଦାସ, ତୀର୍ଥମଠ ମହନ୍ତ ଦିବ୍ୟକୃଷ୍ଣ ଦାସ, ରଙ୍ଗିଆଗଡ଼ ଅଧିକାରୀ ପ୍ରସନ୍ନାନନ୍ଦ ଦାସ, ସୋନୀଲୋ ଅଧିକାରୀ ମଦନ ମୋହନ ଦାସ, ଟେରମାଣପୁର ଅଧିକାରୀ ରମାକାନ୍ତ ଦାସ,କୁଜଙ୍ଗ ବାବାଜୀ ପୁରୁଷୋତ୍ତମ ଦାସ,ସନ୍ଥ ସୀତାରାମ ଦାସ ମହାରାଜ,ବାବାଜୀ ହରି ଅନନ୍ତ ଦାସ, ସ୍ୱାମୀ ପ୍ରେମାନନ୍ଦ ଜୀ,ଭୋଳା ବାବା, ସୁର ବାବା ମିହିର ବାବା ପ୍ରମୁଖଙ୍କ ସହିତ ଶ୍ରଦ୍ଧାଳୁ ସର୍ବଶ୍ରୀ ସୁଶାନ୍ତ ଶେଖର ସ୍ୱାଇଁ, ବୈରାଗୀ ବାରିକ, ସୁରେନ୍ଦ୍ର ସ୍ୱାଇଁ,ଶରତ ସ୍ୱାଇଁ, ଜିତେନ୍ଦ୍ର ଦାଶ, ଅଜିତ ନାୟକ,ମହେଶ୍ୱର ସ୍ୱାଇଁ,ସରୋଜ ଜେନା, ବାବାଜୀ ସ୍ୱାଇଁ, ମହାଦେବ ବିଶ୍ୱାଳ,ସୌଭାଗ୍ୟ ସ୍ୱାଇଁ,ଅଭିନ୍ନ ନାୟକ ପ୍ରମୁଖ ସମାଧି ପ୍ରତିଷ୍ଠା ମହୋତ୍ସବରେ ଯୋଗଦେଇଥିଲେ। ଅଧିକାରୀଙ୍କର ସମସ୍ତ ଶୁଦ୍ଧିକ୍ରିୟାକର୍ମ ବ୍ରହ୍ମଚାରୀ ପ୍ରଶାନ୍ତ କୁମାରଙ୍କ ଦ୍ୱାରା ସମାପିତ ହେବା ସହିତ ନାମ ସଂକୀର୍ତ୍ତନ,ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନିଶାସକ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଚାନ୍ଦବାଲି,୨।୭ (ନି.ପ୍ର):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ରାମପୁର ବୀଣାପାଣି ନୋଡାଲ ଟଚଗର ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀନାଥ ଦାସ ନିଲମ୍ବିତ ହୋଇଛନ୍ତି । ବିଇଓ ଗୁରୁବାର ଦିନ ଚିଠି ନଂ ୧୫୬୭ରେ ନିଲମ୍ବନ ନେଇ ଘୋଷଣା କରିଛନ୍ତି । କହିରଖୁଛି କି, ମଙ୍ଗଳବାର ଦିନ ସ୍କୁଲ ସମୟରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ନ ଯାଇ ସ୍ଥାନୀୟ ମତୋ ବଜାରରେ ମଦ ପିଇ ମାତାଲ୍ ହୋଇଥିଲେ । ସେହି ସମୟର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ସାଧାରଣ ଲୋକଙ୍କୁ ଗାଳିଗୁଲଜ କରିବା ସହିତ ଅସଭ୍ୟ ଭାଷା ବ୍ୟବହାର କରିଥିଲେ। ଏହି ଘଟଣାରେ ଖବର ପ୍ରସାରିତ ପରେ ଶିକ୍ଷକଙ୍କୁ ପ୍ରଶାସନ ପକ୍ଷରୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

# ପୂର୍ବତଟ ରେଳପଥ ପକ୍ଷରୁ ଭୂମିକମ୍ପ ଏବଂ ଅଗ୍ନି ନିରାପତ୍ତା ମକ୍ ଡ୍ରିଲ୍ ଆୟୋଜିତ

**ଭୁବନେଶ୍ୱର, ୨।୭ (ନି.ପ୍ର):** ପୂର୍ବତଟ ରେଳପଥ ଆଜି ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବା ଶାଖା ସହିତ ସମନ୍ୱୟରେ ଭୁବନେଶ୍ୱରର ରେଳ ଅଡିଟୋରିଅମରେ ଭୂମିକମ୍ପ ସତର୍କତାମୂଳକ ପଦକ୍ଷେପ ପ୍ରସ୍ତୁତି ଏବଂ ଅଗ୍ନି ନିରାପତ୍ତା ଉପରେ ଏକ ବ୍ୟାପକ ମକ୍ ଡ୍ରିଲ୍ ଆୟୋଜନ କରିଛି ।କାର୍ଯ୍ୟାଳୟ ପରିସର ଏବଂ ସଂଲଗ୍ନ ଆବାସିକ କଲୋନୀ ମଧ୍ୟରେ ଭୂମିକମ୍ପ ଏବଂ ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପ୍ରସ୍ତୁତିର ସ୍ତର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ପାଇଁ ଏହି ଅଭ୍ୟାସ କରାଯାଇଥିଲା। ରାଜ୍ୟ ଅଗ୍ନି ନିର୍ବାପକ ବାହିନୀ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳଗୁଡ଼ିକର କର୍ମଚାରୀମାନଙ୍କ ସହିତ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଭାବରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ।

ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ପରେ ଅଗ୍ନିକାଣ୍ଡର ବିଭିର୍ନ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା। ଅଗ୍ନିଶମ ଏବଂ ଉଦ୍ଧାର ଦଳଗୁଡ଼ିକ ବ୍ୟବସ୍ଥିତ ସ୍ଥାନାନ୍ତର, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ, ଅଗ୍ନି ଦମନ କୌଶଳ ଏବଂ ପ୍ରଭାବିତ ବାସିନ୍ଦାଙ୍କ ନିରାପଦ ପରିଚାଳନା ପ୍ରଦର୍ଶନ କରିଥିଲେ। ସମ୍ଭାବ୍ୟ ବିପଦକୁ କମ କରିବା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁଗମ ସମନ୍ୱୟ, ତୁରନ୍ତ ଯୋଗାଯୋଗ ଏବଂ ଦ୍ରୁତ ପ୍ରତିକ୍ରିୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡ୍ରିଲ୍ ସମୟରେ, ଅଂଶଗ୍ରହଣକାରୀ ମାନଙ୍କୁ ସତର୍କତାମୂଳକ ପଦକ୍ଷେପ, ଅଗ୍ନି ନିରାପତ୍ତା ଉପକରଣର ବ୍ୟବହାର, ସମାବେଶ ପ୍ରୋଟୋକଲ୍ ଏବଂ ମୌଳିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା।

ଏହି ପଦକ୍ଷେପ ପୂର୍ବତଟ ରେଳପଥର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ବିପର୍ଯ୍ୟୟ ପ୍ରତିକ୍ରିୟା କ୍ଷମତା ବୃଦ୍ଧି କରିବା ଏବଂ ପ୍ରଭାବଶାଳୀ ଜରୁରୀକାଳୀନ ପରିଚାଳନା ଏବଂ କର୍ମଚାରୀଙ୍କ ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ।

# ଭୁଆସୁଣୀ ଗଡ଼ା ନିକଟରେ ରାସ୍ତା ଧସିବା ଘଟଣାର ଜିଲ୍ଲାପାଳଙ୍କ ତଥ୍ୟଭିତ୍ତିକ ରିପୋର୍ଟ ତଲବ

**କଟକ,୨।୭ (ନି.ପ୍ର) :** ସମ୍ପ୍ରତି ନିର୍ମାଣ/ମରାମତି ହୋଇଥିବା (ଚହଟାଠାରୁ ମଧୁସୂଦନ ସେତୁକୁ ସଂଯୋଗ କରୁଥିବା ୬ ଲେନ୍ ବିଶିଷ୍ଟ ରାସ୍ତା )ଲଗାଣ ବର୍ଷା ଯୋଗୁଁ ଭୁଆସୁଣୀ ଗଡ଼ା ନିକଟରେ ଧସିଯିବା ଘଟଣାକୁ ଗୁରୁତ୍ୱର ସହ ନେଇ କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆର୍ ଆଣ୍ଡ ବି ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତତ୍କାଳ ସ୍ଥଳ ପରିଦର୍ଶନ କରି ବିସ୍ତୃତ ତଥ୍ୟଭିତ୍ତିକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲ୍ଲାପାଳ ତାଙ୍କ ପତ୍ରରେ ରାସ୍ତା ନିର୍ମାଣ/ମରାମତି କାର୍ଯ୍ୟ କେବେ ଓ କେଉଁ ପ୍ରକାରର ହୋଇଥିଲା, କେଉଁ ସଂସ୍ଥା ବା ଠିକାଦାର ଏହାକୁ କାର୍ଯ୍ୟକାରୀ କରିଥିଲେ, କାର୍ଯ୍ୟ ସମାପ୍ତି ପରେ ଅଳ୍ପ ସମୟ ମଧ୍ୟରେ ରାସ୍ତା ଧସିବାର ବୈଷୟିକ କାରଣ, ନିମ୍ନମାନର ସାମଗ୍ରୀ, ଡ୍ରେନେଜ୍ ସମସ୍ୟା, ପ୍ରବଳ ବର୍ଷା କିମ୍ବା ଅନ୍ୟ କୌଣସି ତ୍ରୁଟି ଯୋଗୁଁ ଏଭଳି ଘଟିଛି , ଅନୁମୋଦିତ ମାନକ ଅନୁଯାୟୀ କାର୍ଯ୍ୟ ସମ୍ପାଦନ ହୋଇଥିଲା କି ନାହିଁ ଏବଂ ଏଥିପାଇଁ ଦାୟିତ୍ୱ ନିର୍ଦ୍ଧାରଣ ସମ୍ପର୍କରେ ସର୍ବଶେଷ ତଥ୍ୟ ଦେବାକୁ କହିଛନ୍ତି। ଏହା ସହିତ ପ୍ରଭାବିତ ସ୍ଥାନରେ ବ୍ୟାରିକେଡିଂ, ଯାତାୟାତ ସୁରକ୍ଷା, ଅସ୍ଥାୟୀ ମରାମତି ଓ ସ୍ଥାୟୀ ପୁନଃଉଦ୍ଧାର ପାଇଁ ପ୍ରସ୍ତାବିତ ପଦକ୍ଷେପ ଏବଂ ସମୟସୀମା ସମ୍ପର୍କରେ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି। ଜନସାଧାରଣ ଓ ସ୍ଥାନୀୟ ଲୋକଙ୍କ ସୁରକ୍ଷା ସହ ଜଡିତ ଏହି ଘଟଣାକୁ ଦୃଷ୍ଟିରେ ରଖି ତଥ୍ୟଭିତ୍ତିକ ରିପୋର୍ଟ ସହ ଆକ୍ସନ୍ ଟେକେନ୍ ରିପୋର୍ଟ (ATR) ଅଗ୍ରାଧିକାର ଭିତ୍ତିରେ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି।

# ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଜାତୀୟ ଡାକ୍ତର ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବସ ପାଳିତ

**ପାରାଦୀପ, ୨।୭ (ନି.ପ୍ର):** ପାରାଦୀପ ରୋଟାରୀ କ୍ଲବ ତରଫରୁ ଜୁଲାଇ ୧ ତାରିଖ ବୁଧବାର ଦିନ ଜାତୀୟ ଡାକ୍ତର ଦିବସ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଅତି ଉତ୍କଣ୍ଠାର ସହ ପାଳିତ ହୋଇଯାଇଛି। କ୍ଲବ ର ସଭାପତି ଅକ୍ଷୟ ଚନ୍ଦ୍ର ସୂତାର ଓ ସମ୍ପାଦକ କାଳିପ୍ରସାଦ ମିଶ୍ର ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଏହି ଉତ୍ସବରେ ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ଡା. ପ୍ରଶାନ୍ତ କୁମାର ମହାପାତ୍ର, ଡା.ଆଲୋକ କୁମାର ଲେଙ୍କାଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଆଗାମୀ ବର୍ଷର ବିଭିନ୍ନ ସମାଜସେବା କାର୍ଯ୍ୟ ଗୁଡିକ ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ କ୍ଲବର ଶେଷ ବର୍ଷର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ ଓ ସମ୍ପାଦକ ବିପ୍ଲବ କୁମାର ଜେନା ଙ୍କ ନେତୃତ୍ୱରେ କ୍ଲବ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟ ର ସମୀକ୍ଷା କରାଯାଇ ସେମାନଙ୍କୁ ପ୍ରଶଂସା କରାଯାଇଥିଲା । ଉତ୍ସବରେ କ୍ଲବ ର ସଦସ୍ୟ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ,ରୋଟାରୀଆନ ନିରଞ୍ଜନ ଖୁଣ୍ଟିଆ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ଅକ୍ଷୟ ଚନ୍ଦ୍ର ମିଶ୍ର, ସୁଦର୍ଶନ ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ହରିହର ଦାଶ , ଦୀପକ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ ସାହୁ, ଅମରେଶ ନରେଶ ସାମନ୍ତ ପ୍ରମୁଖ ଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ । ୨୦୨୬-୨୭ ର ନୂତନ ସଭାପତି ରୋଟାରୀଆନ ଅକ୍ଷୟ ଚନ୍ଦ୍ର ସୁତାର ଦାଇତ୍ୱ ନେବା ସହ ଆଗାମୀ କାର୍ଯ୍ୟ ମାନ କିପରି ସଫଳତାର ସହ କରାଯାଇ ପାରିବ, ସେଥିପାଇଁ ସମସ୍ତ ସଦସ୍ୟ ମାନଙ୍କର ସହଯୋଗ କାମନା କରିଥିଲେ।

# ବାଲିପିଣ୍ଡି ପୋଖରୀରୁ ମୃତ ଦେହ ଉଦ୍ଧାର

**ବୁଗୁଡା, ୨।୭ (ନି.ପ୍ର):** ବୁଗୁଡ଼ା ସହର ବାଲିପିଣ୍ଡି ସାହିରେ ଥିବା ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ଜଣାପଡିଛି । ମୃତକ ଜଣକ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବଳରାମପଲ୍ଲୀ ଗ୍ରାମର ରବିନ୍ଦ୍ର ନାଇକ (୨୮)। ଏ ନେଇ ଥାନାରେ କେସ୍ ନଂ ୨୩/୨୬ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବିଷୟ ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ଅଜୟ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗୁରୁବାର ସକାଳେ ଲୋକେ ପୋଖରୀରେ ଗାଧୋଉଥିବା ବେଳେ ଶବଟି କିଛି ଦୂରରେ ପାଣିରେ ଭାସମାନ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ପାଣିରୁ ଉଦ୍ଧାର କରିଥିଲେ। ସେ ବୁଗୁଡ଼ା ଅଞ୍ଚଳରେ ଘର ତିଆରି ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ ଏବଂ ଅନ୍ୟ କେତେକ ସହଯୋଗୀଙ୍କ ସହ ବାଲିପିଣ୍ଡି ପୋଖରୀ ନିକଟରେ ଏକ ଭଡାଘରେ ରହୁଥିଲେ। ଗତ ତିନି ଦିନ ହେଲା ତାଙ୍କର କୌଣସି ଖୋଜଖବର ନଥିଲା।

## ଭିନ୍ନ ମୋଡ ନେଲା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆକ୍ରମଣ ମାମଲା

# ଥାନାରେ ଅଭିଯୁକ୍ତ ପତ୍ନୀଙ୍କ ପାଲଟା ଅଭିଯୋଗ

**ବଲଙ୍ଗା, ୨।୭ (ନି.ପ୍ର):** ବଲଙ୍ଗା ଥାନା ଅନ୍ତର୍ଗତ ଅଲଣ୍ଡା ପଡ଼ା ଗ୍ରାମରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆକ୍ରମଣ ମାମଲା ଭିନ୍ନ ମୋଡ ନେଇଛି। ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଜଣେ ବ୍ୟକ୍ତିଙ୍କ ଘରେ ଜୋର୍ ଜବରଦସ୍ତି ପଶି ମହିଳାଙ୍କୁ ଦୁର୍ବ୍ୟବହାର କରି ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଅଲଣ୍ଡା ପଡ଼ା ଗ୍ରାମର ରାଜେଶ ଶତପଥିଙ୍କ ପତ୍ନୀ ସୋନାଲି ପଣ୍ଡା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ଗତ ସୋମବାର ସକାଳେ ରାଜେଶଙ୍କ ଦାଣ୍ଡ କବାଟକୁ କେହି ଜଣେ ଜୋରରେ ବାଡ଼?ଇ ଥିଲେ। ଶବ୍ଦ ଶୁଣି ସୋନାଲି ଆସି କବାଟ ଖୋଲିବାରୁ ୨ଜଣ ବ୍ୟକ୍ତି ନିଜକୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ କଣ ପାଇଁ କବାଟ ଖୋଲିବା ଡେରି କଲ। କଣ ଶୋଇ ପଡ଼ିଥିଲ ବୋଲି ତାଚ୍ଛଲ୍ୟ କରିବାରୁ ସୋନାଲି ସେମାନଙ୍କୁ ଏଭଳି କଣ କହୁଛ ବୋଲି କହିଥିଲେ। ସେହି ସମୟରେ ୨ଜଣ ବ୍ୟକ୍ତି ଘରେ ଜୋର୍ ଜବର ଦସ୍ତି ପଶିବାକୁ ଚେଷ୍ଟା କରିଥିଲେ। ସୋନାଲି ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଠେଲାପେଲା କରି ଦୁର୍ବ୍ୟବହାର କରିଥିଲେ । ସୋନାଲି ରାଜେଶଙ୍କୁ ପାଟି କରି ଡାକିଥିଲେ। ସରାଜେଶ ଆସି ପ୍ରତିବାଦ କରିବାରୁ ୨ଜଣ ବ୍ୟକ୍ତି ରାଜେଶଙ୍କୁ ମାଡ ମାରିଥିଲେ । ପାଟି ଶୁଣି ଗ୍ରାମବାସୀ ମାନେ ଆସି ଘଟଣାର ସମାଧାନ କରିଥିଲେ। ତେବେ ରାଜେଶ ବାହାରକୁ ଯିବା ସମୟରେ ୨ଜଣ ତାଙ୍କୁ ରାସ୍ତାରେ ଏକୁଟିଆ ଦେଖି ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ( ଗ୍ରାମୀଣ) କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମ୍ମିଳନୀ

**କଟକ,୨।୭ (ନି.ପ୍ର):** ଭାରତ ସରକାରଙ୍କ " ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ( ଗ୍ରାମୀଣ)" ଯୋଜନା ୧ ଜୁଲାଇ ଠାରୁ କାର୍ଯ୍ୟକାରୀ ହୋଇଥିବା ବେଳେ ଏହି ଯୋଜନାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, ଏହି ଯୋଜନାରେ ଜଳ ସୁରକ୍ଷା , ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକାରେ ଉନ୍ନତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଭଳି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏଥିସହ ପ୍ରତ୍ୟେକ ହିତାଧିକାରୀଙ୍କୁ ପୂର୍ବ ଅପେକ୍ଷା ଅଧିକ ଦୈନିକ ମଜୁରି ସହ ବର୍ଷକୁ ୧୨୫ ଦିନର ନିଶ୍ଚିତ କାର୍ଯ୍ୟ ସୁଯୋଗ ପ୍ରଦାନ କରାଯିବ । ପୂର୍ବରୁ ଚାଲିଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ନୂତନ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକ "ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ( ଗ୍ରାମୀଣ)" ଯୋଜନାର ଉଦ୍ଦେଶ୍ୟ ଓ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲାପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଆଶିଷ କୁମାର ସାହୁ ଯୋଗଦେଇ କହିଥିଲେ ଯେ ଏହି ଯୋଜନା ଗ୍ରାମୀଣଅଞ୍ଚଳର ବିକାଶ କରିବା ସହ ଜିଲ୍ଲାର ଉନ୍ନତିରେ ମଧ୍ୟ ସହାୟକ ହେବ । ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ବନ୍ଧୁଚରଣ ସାହୁ ଯୋଗଦେଇ ସରକାରଙ୍କର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଜବକାର୍ଡଧାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାସନ ଶ୍ରୀମତୀ ବନ୍ଦନା ଖଟୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ,ରାଜ୍ୟ ସରକାର, ବିହନ ବୁଣା ଏବଂ ଅମଳ ସମୟରେ ମୋଟ ୬୦ଦିନ ପାଇଁ କାମ ବିରତି କରିପାରିବେ, ଯାହା ଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ । ସମସ୍ତ କାର୍ଯ୍ୟ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଟ୍ରାକିଂ ସିଷ୍ଟମ ମାଧ୍ୟମରେ ଡିଜିଟାଲ ମ୍ୟାପିଙ୍ଗ କରାଯିବ ।

# ରଥଯାତ୍ରା ପାଇଁ ରେକୀ ମିଶନର ପ୍ରସ୍ତୁତି ବୈଠକ

**କଟକ, ୨।୭ (ନି.ପ୍ର) :** ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅବସରରେ ପୁରୀକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଆଧ୍ୟାତ୍ମିକ ଅନୁଷ୍ଠାନ ରେକୀ ମିଶନ ପକ୍ଷରୁ ଆଜି ଖପୁରିଆ ଶ୍ରୀରାମ ନଗରସ୍ଥିତ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ରଥଯାତ୍ରା ଅବସରରେ ଦୀର୍ଘ ୧୧ବର୍ଷ ଧରି ରେକୀ ମିଶନ ପକ୍ଷରୁ ପୁରୀର ନରେନ୍ଦ୍ର କୋଣଠାରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ପାଇଁ ଅନ୍ନସେବା, ପାଦସେବା, ସାଧୁସେବା, ପ୍ରାଥମିକ ଚିକିତ୍ସା ଏବଂ ପୁଷ୍କରିଣୀ ଓ ରାସ୍ତାଘାଟ ସଫେଇ ଆଦି କାର୍ଯ୍ୟକ୍ରମ କରାଯାଇଆସୁଅଛି ।

ରେକୀ ମିଶନର ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସମସ୍ତ ସେବା କାର୍ଯ୍ୟର ସବିଶେଷ ଆଲୋଚନା କରାଯିବା ସହ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଂଟନ କରାଯାଇଥିଲା। ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଏବଂ ସୁନାବେଶ ଓ ନୀଳାଦ୍ରି ବିଜେ ଆଦି ମହାପର୍ବରେ ଭକ୍ତମାନଙ୍କୁ ସକାଳ ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବା ସହ ରାତ୍ରକାଳରେ ଶରଧାବାଲିରେ ଅହୋରାତ୍ର ଉଜାଗର ରହି ଭଜନ କୀର୍ତନ କରୁଥିବା ଭକ୍ତ ମାନଙ୍କୁ ଜଳଖିଆ ଆଦି ଦିଆଯିବ ବୋଲି ମୁଖପାତ୍ର ପ୍ରଣୟ କିଶୋର ବରାଳ ସୂଚନା ଦେଇଛନ୍ତି । ରେକୀ ମିଶନର ୨ଶହରୁ ଉର୍ଦ୍ଧ୍ୱ ଗୁରୁସେନା ଓ ଶକ୍ତିସେନା ସ୍ୱେଚ୍ଛାସେବୀମାନେ ଦୀର୍ଘ ୧୫ଦିନ ଧରି ପୁରୀରେ ରହି ଭକ୍ତମାନଙ୍କୁ ୨୪ ଘଂଟିଆ ସେବା ଯୋଗଇ ଦେବେ ବୋଲି ସଂଯୋଜକ ଭାରତ ଭୂଷଣ ରାୟ କହିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ବିରଜା ଭୋଳ, ବିଶ୍ୱନାଥ ବେଉରା, ଆଶିଷ ଠାକୁର, ସ୍ୱପ୍ନା ପ୍ରଧାନ, ରୀନା ସରାଫ, ସଂଯୁକ୍ତା ସାହୁ, ରଶ୍ମିରଞ୍ଜନ ଦାସ, ବିଭୁପ୍ରସାଦ ମହାପାତ୍ର, ଡଃ ଅନନ୍ୟା ଭୋଳ, ଅନ୍ୱେଷା ଭୋଳ, ସମ୍ପଦ ମହାନ୍ତି, ଜିତେନ୍ଦ୍ର ଜେନାମଣି, ସୁକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ଅର୍ଥ ବିଭାଗ ଅଧିକାରୀ ଶଙ୍କର ଚନ୍ଦ୍ର ମଲ୍ଲିକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

**ପାରାଦୀପ, ୨।୭ (ନି.ପ୍ର):** ପାରାଦୀପ ବନ୍ଦର ପ୍ରାଧିକରଣ ଅର୍ଥ ବିଭାଗର ଅଧିକାରୀ ଶଙ୍କର ଚନ୍ଦ୍ର ମଲ୍ଲିକ ଙ୍କର ଗତ ଜୁନ ମାସରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜୁନ ୩୦ ତାରିଖରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବନ୍ଦର ପ୍ରଶାସନିକ ଭବନ ର ଅର୍ଥ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ଅର୍ଥ ବିଭାଗ ବରିଷ୍ଠ ଅଧିକାରୀ ରୁଦ୍ର ନାରାୟଣ ମିଶ୍ର, ପ୍ରଶାନ୍ତ ମହାରଣା, ନଗେନ ଶର୍ମା ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ମଲ୍ଲିକ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ସୂଚନା ଥାଉକି ଶ୍ରୀ ମଲ୍ଲିକ ପାରାଦୀପ ବନ୍ଦର ବିଦ୍ୟାଳୟ ଓ କଲେଜ ରେ ଅଧ୍ୟୟନ କରି ୧୯୯୦ ମସିହାରେ ପାରାଦୀପ ବନ୍ଦରରେ ଚାକିରୀ ଆରମ୍ଭ କରିଥିଲେ। ଆନ୍ତଃ ବନ୍ଦର ବିଭିନ୍ନ ପ୍ରତିଯୋଗିତାରେ ପାରାଦୀପ ବନ୍ଦର ପକ୍ଷରୁ ପ୍ରତିନିଧିତ୍ୱ କରି ଉତ୍କର୍ଷ କ୍ରୀଡା ପ୍ରଦର୍ଶନ କରି ପ୍ରଶଂସିତ ଓ ପୁରସ୍କୃତ ହୋଇ

ବନ୍ଦର ପାଇଁ ଗୌରବ ଆଣିଥିଲେ। ଅବସର ପରେ ମଧ୍ୟ ଶ୍ରୀ ମଲ୍ଲିକ ତାଙ୍କ କ୍ରୀଡା ଅଭ୍ୟାସ ଜାରୀ ରଖିଛନ୍ତି। ସେ ଜଣେ ଅତ୍ୟନ୍ତ ସ୍ପଷ୍ଟବାଦୀ, ମିଷ୍ଟଭାଷୀ, ସରଳ, ମେଳାପୀ ଓ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ବନ୍ଦର ପ୍ରତି ଅବଦାନ ଅନେକ ଥିବାରୁ ତାଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ପ୍ରଦାନ ନିମନ୍ତେ ବିଭିନ୍ନମହଲରୁ ଶୁଣିବାକୁ ମିଳେ।

# ଅଞ୍ଚଳ ପରିଦର୍ଶିକାଙ୍କ କର୍ମୀ ବିରୋଧି ନୀତି ବିରୁଦ୍ଧରେ ଆନ୍ଦୋଳନ

**ଜଟଣୀ, ୨।୭ (ନି.ପ୍ର):** ଜଟଣୀ ପଞ୍ଚାୟତ ସମିତିର ଅନ୍ତର୍ଗତ ପଦନପୁର ଅଙ୍ଗନଓ୍ୱାଡ଼ି ସଂଘର ଘଟଣା । ନିଖିଳ ଓଡ଼ିଶା ଅଙ୍ଗନଓ୍ୱାଡ଼ି କର୍ମୀ ପଦନପୁର ସଂଘ ତରଫରୁ ବଡ ଅଭିଯୋଗ । ଅଙ୍ଗନଓ୍ୱାଡି ମହିଳା କର୍ମୀମାନେ କହିଛନ୍ତି, ଆମ ପ୍ରକଳ୍ପରେ କାର୍ଯ୍ୟରତ ଅଞ୍ଚଳ ପରିଦର୍ଶିକା ପ୍ରଭାତୀ ପରିଡ଼ାଙ୍କ ନାମରେ ସଙ୍ଗୀନ୍ ଅଭିଯୋଗ । ଅଙ୍ଗନଓ୍ୱାଡି କର୍ମୀ କହିଛନ୍ତି, ସଂଘ ନାମରେ ବିରୋଧୀ କାର୍ଯ୍ୟ, ଅନିୟମିତତା ଓ ଦୁର୍ବ୍ୟବହାର ବିରୁଦ୍ଧରେ ଜିଲ୍ଲାପାଳଙ୍କୁ, ଉପଜିଲ୍ଲାପାଳଙ୍କୁ, ପଞ୍ଚାୟତ ନିର୍ବାହି ଅଧିକାରୀ ପ୍ରଭୃତିଙ୍କୁ ଲିଖିତ ଦୃଷ୍ଟି ଆକର୍ଷଣ କରାଇ ଛନ୍ତି । ଏତଦବ୍ୟତୀତ ଗଣମାଧ୍ୟମ ଆଗରେ ପ୍ରଭାତୀ ପରିଡ଼ାଙ୍କ ବିରୁଦ୍ଧରେ ଆଙ୍ଗୁଳି ଉଠାଇଛନ୍ତି । ଅଙ୍ଗନଓ୍ୱାଡି କର୍ମୀ ଏହାର ଦୃଢ଼ ପ୍ରତିବାଦ ସହ ସମାଧାନ ପାଇଁ ଦାବି କରିଛନ୍ତି । କର୍ମୀମାନଙ୍କ କହିବା କଥା, ଅଙ୍ଗନଓ୍ୱାଡ଼ିକେନ୍ଦ୍ରକୁ ବିଭିନ୍ନ ବାବଦରେ ଆସୁଥିବା ଦେୟ ଯଥା ମେଡିସିନ୍ କିଟ୍, ଖେଳନା ଓ ସିଭିଲ୍ ବାବଦରେ ଦେୟ, କର୍ମୀଙ୍କ ଜମାଖାତାକୁ ଆସୁଥିବାବେଳେ ତାହାକୁ ବ୍ୟାଙ୍କରୁ ଉଠାଇ ତାଙ୍କ ହାତରେ ଦେବା ପାଇଁ ଜୋର ଜବରଦସ୍ତ କରୁଛନ୍ତି । ?ଏସ୍ ?ଆଇଆର୍ କାମରେ ଅଙ୍ଗନଓ୍ୱାଡ଼ି କର୍ମୀମାନେ କାର୍ଯ୍ୟବ୍ୟସ୍ତ ଥିବାବେଳେ, କାଳପାତ୍ର ନଦେଖି ବିଭିନ୍ନ ସମୟରେ, ଯେପରିକି ରାତିରେ ମଧ୍ୟ ଟେଲିଫୋନ୍ କରି ବିଭିନ୍ନ କାର୍ଯ୍ୟ ବରାଦ କରୁଛନ୍ତି । କହୁଛନ୍ତି ତୁରନ୍ତ ନକଲେ ଅସୌଜନ୍ୟ ବ୍ୟବହାର ମଧ୍ୟ ପ୍ରଦର୍ଶନ କରୁଥିବା କର୍ମୀମାନେ ଅବଗତ ଅଛନ୍ତି । ଯେଉଁ କାଗଜପତ୍ର ସୁପରଭାଇଜର ଲେଖିବା କଥା ସେ ତାହା ନକରି ସେକ୍ଟର ବୈଠକରେ ସମସ୍ତ କାଗଜପତ୍ର ଅଙ୍ଗନଓ୍ୱାଡ଼ିକର୍ମୀଙ୍କ ଦ୍ୱାରା ଲେଖାଉଛନ୍ତି । ଯିଏ ମନା କରୁଛି ତାକୁ ନାନା କଦର୍ଯ୍ୟ ଭାଷା ପ୍ରୟୋଗ କରୁଥିବା ନଜିର୍ ରହିଛି । ଅଙ୍ଗନଓ୍ୱାଡ଼ି କେନ୍ଦ୍ର ପରିଦର୍ଶନରେ ଗଲେ ମଟନ ଓ ଉନ୍ନତମାନର ଖାଦ୍ୟ ଦେବା ସହ ଅର୍ଥ ଦେବାପାଇଁ ବାଧ୍ୟ କରୁଛନ୍ତି । ବିଭିନ୍ନ ସମୟରେ ଭଲ ଶାଢ଼ୀ କିମ୍ବା ଭଲ ଗିଫ୍ଟ ଦେବାପାଇଁ କହୁଛନ୍ତି । ମିଳିତ ଜମା ଖାତାକୁ ଆସୁଥିବା ବିଭିନ୍ନ ବାବଦର ଅର୍ଥ ସରକାରୀ ନିର୍ଦ୍ଦେଶମତେ ବ୍ୟାଙ୍କରୁ ଉଠାଇବା ପାଇଁନିୟମାନୁସାରେ ଉଠାଯାଉଥିବା ବେଳେ, ଶ୍ରୀମତୀ ପରିଡା ଆସିବା ଦିନଠାରୁ କହିଛନ୍ତି, ମୋର ବିନା ସୁପାରିଶରେ କୌଣସି ଟଙ୍କା ଉଠାଇ ପାରିବ ନାହିଁ ବୋଲି କହୁଛନ୍ତି । ଅଙ୍ଗନଓ୍ୱାଡି କେନ୍ଦ୍ରକୁ ପରିଦର୍ଶନରେ ଗଲେ, କେନ୍ଦ୍ର ପରିଚାଳନାରେ କିମ୍ବା ଯୋଜନାର ସଫଳତା ବୁଝିବା ପରିବର୍ତ୍ତ, କର୍ମୀ ଓ ସହାୟିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣଉପରେ ସାବସି ବଦଳରେ, ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛନ୍ତି । ଏହିଭଳି

ଉତ୍ତେଜିତ ଘଟଣାରେ, ଉଭୟଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟିହୋଇ କାର୍ଯ୍ୟରେ ବ୍ୟାଘାତ ଘଟୁଥିବା ଦେଖାଯାଉଛି । ବିଶେଷ କରି ଦୁରାରୋଗ୍ୟରେ ଶିକାର ହୋଇ ଅଙ୍ଗନଓ୍ୱାଡି କର୍ମୀ କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ଉକ୍ତ କେନ୍ଦ୍ରକୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶିକା ବାରମ୍ବାର ସେହି କେନ୍ଦ୍ର ଗସ୍ତକରି ତାଙ୍କୁ ବିଭିନ୍ନ ପ୍ରକାରର ହଇରାଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ବାରମ୍ବାର କୌଣସିକାରଣ ଦର୍ଶାଇ କୈଫିୟତ ମାଗୁଛନ୍ତି । ଉପରୋକ୍ତ ଘଟଣାବଳୀକୁ ବିରୋଧ କରୁ ଥିବାରୁ, କର୍ମୀମାନଙ୍କୁ ଯକୌଣସି ଆଳ ଦେଖାଇ ଦୁର୍ବ୍ୟବହାର କରୁଥିବାରୁ ଅଙ୍ଗଓ୍ୱାଡି କର୍ମୀଙ୍କ ମଧ୍ୟର ଘୋର ଅସନ୍ତୁଷ୍ଟ । ଉପରିସ୍ଥ ଅଧିକାରୀ ଶ୍ରୀଯୁକ୍ତ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ କହି ତୁମକୁ ଅଙ୍ଗନଓ୍ୱାଡ଼ିରୁ ବାହାର କରିଦେବି କହୁଛନ୍ତି । ଆହୁରି ମଧ୍ୟ କହିଛନ୍ତି, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ମୋ ନିଜ ଲୋକ । ମୁଁ ତାଙ୍କୁ ଆଣି କେନ୍ଦ୍ରରେ ଭର୍ତ୍ତି କରି ତୁମକୁ ହଇରାଣ କରିବି । କୌଣସି ୟୁନିୟନ ମୋର କିଛି କରିପାରିବେ ନାହିଁ । ସେକ୍ଟର ବୈଠକରେ ସବୁ କର୍ମୀଙ୍କଠାରୁ ମୋବାଇଲ ସଂଗ୍ରହ କରି ନିଜ ପାଖରେ ରଖିଲାପରେ ତାଙ୍କର କଳା କାରନାମା ଅର୍ଥ ଆଦାୟ ଓ ଉପରୋକ୍ତ ଅଭିଯୋଗ ଗୁଡିକୁ ପ୍ରକାଶ କରୁଛନ୍ତି । ଅଞ୍ଚଳ ପରିଦର୍ଶିଙ୍କ କାମ ହେଉଛି ଅଙ୍ଗନଓ୍ୱାଡି କେନ୍ଦ୍ର ପରିଦର୍ଶନ କରିବା ସହିତ କୌଣସି ସରକାରୀ ନିୟମର ତ୍ରୁଟିକୁ ପରିଲକ୍ଷିତ କରି ତାକୁ ଉଚିତ୍ ପରାମର୍ଶ ଦେବା ହେଉଛି ତାଙ୍କ କାମ । କିନ୍ତୁ ସେ ତାହା ନକରି ଅଙ୍ଗନଓ୍ୱାଡି କର୍ମୀ ଓ ସେମାନଙ୍କର କାମ ସୁଚାରୁ ରୂପେ ସମ୍ପାଦନା କରିଆସୁଥିବା ବେଳେ ବିଭିନ୍ନ ଆଳ ଦେଖାଇ ଦୁର୍ବ୍ୟବହାର କରିବା ଆଦି ମାନସିକ ନିର୍ଯ୍ୟାତନା ଦେଉଛନ୍ତି । ଫଳରେ ଯୋଜନା କାର୍ଯ୍ୟରେ ସଫଳତା ପରିବର୍ତ୍ତେ ବ୍ୟାଘାତ ସୃଷ୍ଟି ହେଉଛି । ଅଙ୍ଗନଓ୍ୱାଡି କର୍ମୀଙ୍କ କହିବା କଥା, ସମ୍ପୃକ୍ତ ସୁପରଭାଇଜର ଏହା ପୂର୍ବରୁ ବୋଲଗଡରେ ଥିବା ପ୍ରକଳ୍ପରୁ ଏହିଭଳି କାର୍ଯ୍ୟକ୍ରମ କରିଥିବା ହେତୁ ତାଙ୍କୁ ଏଠାକୁ ବଦଳି କରାଯାଇଥିଲା । ଏଣୁ ବାସ୍ତବତାକୁ ବିଚାର କରି ସମ୍ପୃକ୍ତ ସୁପରଭାଇଜର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରୁଛନ୍ତି ଅଙ୍ଗନଓ୍ୱାଡି କର୍ମୀମାନେ । ନଚେତ୍ ଆପଣଙ୍କ କାର୍ଯ୍ୟାଳୟ ଆଗରେ ଦିବାରାତ୍ର ଧାରଣା ଦେବାପାଇଁ ବାଧ୍ୟ ହେବୁ । ସମସ୍ତ ଘଟଣାକୁ ନଜରରେ ରଖି, ନିଖିଳ ଓଡିଶା ଅଙ୍ଗଓ୍ୱାଡି କର୍ମୀ ସଂଘର ସଭାପତି ଶ୍ରୀ ବିଜୟ ଯେନା, ଅଙ୍ଗନଓ୍ୱାଡି କର୍ମୀର ସାଧାରଣ ସଂପାଦିକା ହରପ୍ରିୟା ସ୍ୱାଇଁ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବୈଠକର ଆୟୋଜନ କରିଥିଲେ, ସିଡିପିଓ ଶ୍ରୀମତୀ ସଂଯୁକ୍ତା ନାୟକଙ୍କ କାର୍ଯ୍ୟାଳୟରେ । ସମସ୍ତ ଆଲୋଚନାର ସମିକ୍ଷା ପରେ, ମାନ୍ୟବର ଜିଲ୍ଲାପାଳଙ୍କୁ ଜଣାଇବା ପାଇଁ ଚେଷ୍ଟା କରାଯାଇଥିଲା, ହେଲେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପ ଜିଲ୍ଲାପାଳଙ୍କ (ଏଡିଏମ)ଙ୍କ ସହିତ ଯୋଗାଯୋଗ ହୋଇଛି । ଶର୍ବଶ ?ଶେଷର ପହଞ୍ଚିଥିଲେ ଅଞ୍ଚଳ ପରିଦର୍ଶିକା ପ୍ରଭାତି ପରିଡା, ସମସ୍ତ ଘଟଣା ସୁଣିବା ପରେ ଶ୍ରୀମତୀ ପରିଡା ସମସ୍ତ ଘଟଣାକୁ ଖଣ୍ଡନ କରିଛନ୍ତି । ଆହୁରି ମଧ୍ୟ କହିଛନ୍ତି ସମସ୍ତ ଘଟଣା କାଳ୍ପନିକ ।

# ଟାଟା ଷ୍ଟିଲ୍ କଳିଙ୍ଗନଗରରେ 'ସର୍କୁଲାର ଇକୋନୋମି'କୁ ପ୍ରୋତ୍ସାହନ

କଳିଙ୍ଗନଗର, ୨।୭: ପ୍ରାକୃତିକ ପରିବେଶ ସହିତ ସମନ୍ୱୟ ରକ୍ଷା କରି ମଧ ଶିଳ୍ପାଞ୍ଚଳଗୁଡ଼ିକ ସମୃଦ୍ଧ ହୋଇପାରିବେ, ଏହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ)। ଏହି ପ୍ଲାଣ୍ଟ ପରିସରର ପ୍ରାୟ ୩୩ ପ୍ରତିଶତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ସବୁଜ ବଳୟରେ ବିକଶିତ କରାଯାଇଛି, ଯାହା ମୂଳ ଶିଳ୍ପ କାର୍ଯ୍ୟକଳାପ ସହ ଜୈବ ବିବିଧତାକୁ ସୁନ୍ଦର ଭାବେ ଯୋଡ଼ିପାରିଛି । ଏଠାରେ ୮,୨୪,୦୦୦ ରୁ ଅଧିକ ଚାରା ରୋପଣ କରାଯିବା ସହ ଅତ୍ୟାଧୁନିକ 'ମିୟାୱାକି' ପଦ୍ଧତିକୁ ଆପଣାଯାଇଛି । ଏହା ହେଉଛି ସହରାଞ୍ଚଳ ବନୀକରଣର ଏକ ଅଭିନବ ପ୍ରଣାଳୀ, ଯାହା ପାରମ୍ପରିକ ପଦ୍ଧତି ତୁଳନାରେ ପ୍ରାୟ ୧୦ ଗୁଣ ଶୀଘ୍ର ଅତି ଘଞ୍ଚ ତଥା ସ୍ୱୟଂ-ନିର୍ଭରଶୀଳ ସ୍ଥାନୀୟ ଜଙ୍ଗଲ ସୃଷ୍ଟି କରିଥାଏ । ଏହି ପ୍ରକ୍ରିୟା ଇସ୍ପାତ କାରଖାନା ସହିତ ଏକ ଜୀବନ୍ତ ପରିବେଶ ପ୍ରଣାଳୀକୁ ମଧ୍ୟ ସୁଦୃଢ଼ କରୁଛି ।

ଟାଟା ପାୱାର ସହିତ ଏକ ସହଭାଗିତା ମାଧ୍ୟମରେ ଏଠାରେ ଏକ ଗ୍ରୀଡ୍-ସଂଯୁକ୍ତ ସୌର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ଦ୍ୱିମୁଖୀ ଭିତ୍ତିଭୂମି କୌଶଳ ଆପଣାଯାଇଛି । କାରଖାନାର ଛାତ ଉପରେ ୯.୧୨ ମେଗାୱାଟ୍ ପାୱାରର ରୁଫ୍ ଟପ୍ ସୋଲାର ଏବଂ ଜଳାଶୟଗୁଡ଼ିକ ଉପରେ ଏକ ଅଭିନବ ୧୦.୧୦ ମେଗାୱାଟ୍ ପାୱାରର ଭାସମାନ ସୌର ପ୍ରକଳ୍ପ (ଫ୍ଲୋଟିଂ ପିଭି) ର ସମନ୍ୱୟ କରାଯାଇଛି । ଏଥିପାଇଁ କୌଣସି ଅତିରିକ୍ତ ଜମିର ଆବଶ୍ୟକତା ପଡ଼ିନଥିବା ବେଳେ ଏଥିରୁ ସର୍ବାଧିକ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରାଯାଇପାରୁଛି । ସେହିଭଳି, ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ (କାର୍ବନ ଫୁଟପ୍ରିଣ୍ଟ) କୁ ହ୍ରାସ କରାଯାଉଛି । କର୍ମଚାରୀମାନଙ୍କ ନୈନ୍ଦିନ ଯାତାୟାତ ପାଇଁ ଏବେ ୧୯ଟି ଇଲେକ୍ଟ୍ରିକ୍ କାର୍ ଏବଂ ୨୦ଟି ଇଲେକ୍ଟ୍ରିକ୍ ବସ ଚାଲୁଛି । ଏକ ସ୍ୱଚ୍ଛ ଓ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ଲାଣ୍ଟ ପରିସରରେ ଏକ ସ୍ୱତନ୍ତ୍ର 'ଇଭି ବସ୍ ଚାର୍ଜିଂ ବେ' ମଧ ନିର୍ମାଣ କରାଯାଇଛି ।

ପ୍ରକୃତ ଦୀର୍ଘସ୍ଥାୟୀତା, ସମ୍ପଦର ସଠିକ୍ ପରିଚାଳନା ମଧ୍ୟରେ ହିଁ ନିହିତ ଥାଏ । ସ୍ମାର୍ଟ ଅପ୍ଟିମାଇଜେସନ ପଦକ୍ଷେପ ମାଧ୍ୟମରେ ଟିଏସକେ ମଧୁର ଜଳ ବ୍ୟବହାରକୁ ପ୍ରାୟ ୪୦ ପ୍ରତିଶତ ହ୍ରାସ କରିବାରେ ବଡ଼ ସଫଳତା ହାସଲ କରିଛି, ଯାହା ସ୍ଥାନୀୟ ପ୍ରାକୃତିକ ସମ୍ପଦ ଉପରେ ପ୍ରଭାବ କୁ ଯଥେଷ୍ଟ କମାଇ ଦେଇଛି । ଏହା ବ୍ୟତୀତ, ଏହି ପ୍ରକଳ୍ପ 'ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ' ମଡେଲ ଅଧୀନରେ ପରିଚାଳିତ ହେଉଛି । ଏହାର ସହାୟତା ପାଇଁ ଏକ ବିଶାଳ ୧୦,୫୦୦ ବର୍ଗ ମିଟରର ବର୍ଷା ଜଳ ଅମଳ ଏବଂ ଭୂତଳ ଜଳ ଭରଣ ପୋଖରୀ (ପରକୋଲେସନ ପଣ୍ଡ) ନିର୍ମାଣ କରାଯାଇଛି । ୪୬,୦୦୦ କ୍ୟୁବିକ୍ ମିଟର କ୍ଷମତା ବିଶିଷ୍ଟ ଏହି ସଂରଚନା ଭୂତଳ ଜଳ ସ୍ତରକୁ ବୃଦ୍ଧି କରିବା ସହ ସ୍ଥାନୀୟ ଜୈବ ବିବିଧତା ପାଇଁ ଏକ ସମୃଦ୍ଧ ଆବାସସ୍ଥଳୀ ସୃଷ୍ଟି କରୁଛି ।

ଏହା ବ୍ୟତୀତ, ଟାଟା ଷ୍ଟିଲ୍ କଳିଙ୍ଗନଗରର କାର୍ଯ୍ୟକ୍ଷେତ୍ରରେ ବୈଷୟିକ ଅଗ୍ରଗତି ଏବଂ ଅଭିନବ ପ୍ରଣାଳୀକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି । ପ୍ରତ୍ୟେକ କ୍ଷେତ୍ରରେ ନିର୍ଗମନ ହ୍ରାସ କରିବା ଏବଂ ପରିବେଶଗତ ପ୍ରଭାବକୁ ସର୍ବନିମ୍ନ କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକୁ ସକ୍ରିୟ ଭାବେ ପ୍ରୟୋଗ କରାଯାଉଛି । ଏହି ଦୃଢ଼ ପରିବେଶ ସଚେତନ କାର୍ଯ୍ୟକଳାପର ପରିଣାମ ସ୍ୱରୂପ ଶତପ୍ରତିଶତ (୧୦୦%) କଠିନ ବର୍ଜ୍ୟବସ୍ତୁର ସଦୁପଯୋଗ କରାଯାଇପାରୁଛି, ଯାହା ପରିବେଶ ସୁରକ୍ଷା ପ୍ରତି କାରଖାନାର ଗଭୀର ନିଷ୍ଠାକୁ ଦର୍ଶାଉଛି । ବିଶ୍ୱ ସ୍ତରରେ ଏହି ପ୍ରୟାସର ଫଳ ସ୍ୱରୂପ, ଟିଏସକେ ୨୦୨୪ ମସିହାରେ ସମ୍ମାନଜନକ 'ରେସପନ୍ସିବଲ ଷ୍ଟିଲ' ସାର୍ଟିଫିକେସନ ହାସଲ କରିଥିଲା, ଯାହା ଏହାର ନୈତିକ ଉତ୍ସ ଏବଂ ଦାୟିତ୍ୱସମ୍ପନ୍ନ ଉତ୍ପାଦନ ପ୍ରଣାଳୀକୁ ପ୍ରମାଣିତ କରୁଛି ।

ଶିଳ୍ପ ବର୍ଜ୍ୟବସ୍ତୁକୁ ମଧ ଏକ ମୂଲ୍ୟବାନ ସମ୍ପଦ ଭାବେ ପୁନଃବ୍ୟାଖ୍ୟା କରାଯାଉଛି । ଟିଏସକେ ୧୦୦% ଏଲଡି ସ୍ଲାଗ୍ ର ସଦୁପଯୋଗ କରୁଛି; ଏହି ଇସ୍ପାତ ଉତ୍ପାଦନରୁ ବାହାରୁଥିବା ଉପଜାତ ଦ୍ରବ୍ୟକୁ ରାସ୍ତା ନିର୍ମାଣ ଏବଂ ସିମେଣ୍ଟ ତିଆରିରେ ବ୍ୟବହାର କରାଯାଉଛି । ସେହିପରି ଅଙ୍ଗାରକାମ୍ଳ ବର୍ଜ୍ୟବସ୍ତୁର ମୁକାବିଲା ପାଇଁ ନୈନିକ ୧୦ ଟନ୍ କ୍ଷମତା ବିଶିଷ୍ଟ 'ପଲିକ୍ରାକ୍' ୟୁନିଟ୍ ସ୍ଥାପନ କରାଯାଇଛି । ଏହି ଉନ୍ନତ 'ୱେଷ୍ଟ-ଟୁ-ଏନର୍ଜି' (ବର୍ଜ୍ୟରୁ ଶକ୍ତି) ପ୍ରଯୁକ୍ତିବିଦ୍ୟା ପୌରପାଳିକାର କଠିନ ବର୍ଜ୍ୟବସ୍ତୁ, ବାୟୋମାସ ଏବଂ ବର୍ଜିତ ରବରକୁ ମୂଲ୍ୟବାନ ହାଇଡ୍ରୋକାର୍ବନ ଓ ଶକ୍ତିରେ ରୂପାନ୍ତରିତ କରିଥାଏ । ଏଭଳି ଶୂନ୍ୟ-ନିଷ୍କାସନ ଏବଂ ସର୍କୁଲାର-ଇକୋନୋମି କୁ ଆପଣେଇବା ସହ ଭାରୀ ବର୍ଜ୍ୟବସ୍ତୁକୁ ଆବର୍ଜନା ସ୍ଥାନ କୁ ଯିବାରେ ରୋକ ଲଗାଇ ପାରିଛି । ଟାଟା ଷ୍ଟିଲ୍ କଳିଙ୍ଗନଗର ଆଗାମୀ ଦିନରେ ଶିଳ୍ପ ଜଗତ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ରେକର୍ଡ ସଂଖ୍ୟକ ୧୫.୬୩ କୋଟି ଟଙ୍କାର ଜରିମାନା ରାଜସ୍ୱ ଆଦାୟ

ଭୁବନେଶ୍ୱର, ୨।୭(ନି.ପ୍ର.); ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକ (ଅପ୍ରେଲ-୨୦୨୬ ରୁ ଜୁନ୍-୨୦୨୬) ମଧ୍ୟରେ ଟିକେଟ ଯାଞ୍ଚ ପ୍ରକ୍ରିୟାରୁ ସର୍ବକାଳୀନ ରେକର୍ଡ ସଂଖ୍ୟକ ୧୫.୬୩ କୋଟି ଟଙ୍କା ରାଜସ୍ୱ ଆଦାୟ କରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି ।

ଏହି ଅବଧିରେ ମଧ୍ୟରେ ବିନା ଟିକେଟ ଯାତ୍ରା, ଅନିୟମିତ ଯାତ୍ରା ଏବଂ ବିନା ବୁକିଂରେ ସାମଗ୍ରୀ ପରିବହନ କରୁଥିବା ପ୍ରାୟ ୨.୩୭ ଲକ୍ଷ ମାମଲା ଚିହ୍ନଟ କରାଯାଇ ଜରିମାନା କରାଯାଇଛି, ଯାହା ଗତ ବର୍ଷ ଏହି ସମୟ ମଧ୍ୟରେ ୧.୯ ଲକ୍ଷ ଥିଲା । ଏହି ସଫଳତା ବିନା ଟିକେଟ ଯାତ୍ରାକୁ ରୋକିବା ଏବଂ ରେଳବାଇର ରାଜସ୍ୱକୁ ସୁରକ୍ଷିତ ରଖିବା ଦିଗରେ ରେଳ ମଣ୍ଡଳର ନିରନ୍ତର ପ୍ରୟାସକୁ ଦର୍ଶାଉଛି ।

ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଶ୍ରୀ ଅନିଲ କୁମାର ଏସ୍. ଏହି ଉଲ୍ଲେଖନୀୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠାକୁ ଦେଇଛନ୍ତି । ପ୍ରମୁଖ ରେଳ ଷ୍ଟେସନ ଓ ଚଳନ୍ତା ଟ୍ରେନଗୁଡ଼ିକରେ ନିୟମିତ ଭାବେ ପରିଚାଳିତ ସଘନ ଫୋର୍ଟ୍ରେସ୍ ଚେକିଂ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ, ଆକସ୍ମିକ ଯାଞ୍ଚ ଏବଂ ମଧ୍ୟବର୍ତ୍ତୀ ସେକ୍ସନରେ କରାଯାଇଥିବା ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ଏହି ସଫଳତାର ମୂଳ ଆଧାର ବୋଲି ସେ କହିଛନ୍ତି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ସମସ୍ତ ଯାତ୍ରୀଙ୍କୁ ସର୍ବଦା ବୈଧ ଟିକେଟ କିମ୍ବା ଉପଯୁକ୍ତ ପ୍ରମାଣପତ୍ର ସହିତ ଯାତ୍ରା କରିବାକୁ ଅନୁରୋଧ କରିଛନ୍ତି ଏବଂ ପ୍ରକୃତ ଯାତ୍ରୀମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାରେ ରେଳବାଇକୁ ସହଯୋଗ କରିବାକୁ କହିଛନ୍ତି । ଏଥିସହିତ, ନୈନିକ ଯାତ୍ରୀମାନଙ୍କୁ ଗରଗଟ/ଲୋକାଲ୍ ଟ୍ରେନ୍‌ରେ ନିୟମିତ ଯାତ୍ରା ପାଇଁ ଗଞ୍ଜ/ଛଞ୍ଜ/ଶଞ୍ଜ ପରି ରିଆତି ସୁବିଧା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି

ଅନଧିକୃତ ଯାତ୍ରାକୁ ରୋକିବା, ଯାତ୍ରାରେ ଶୃଙ୍ଖଳା ବଜାୟ ରଖିବା ଏବଂ ପ୍ରକୃତ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ଶୃଙ୍ଖଳିତ ଓ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ଟିକେଟ୍ ଯାଞ୍ଚ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି

## ଓଡିଆ ଚଳଚ୍ଚିତ୍ର 'ଆଫା'କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୭(ନି.ପ୍ର): ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ । ମାନବିକତାକୁ ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ଚଳଚ୍ଚିତ୍ରରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି । ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି ।

**WALK-IN-INTERVIEW**

**Engagement for Guest Faculty during the Session 2026-27**

A walk-in-interview will be conducted in our **H.S. School premises** on dt. 13.07.2026 at 11.00 A.M. for Guest Faculty in the subject English and Education. Desirable eligible as per Govt. guideline candidates may attend the interview with their Bio-data and all Original Certificate with one set of self attested photo copies. No TA/DA is admissible for attending the interview.

## ରାଜ୍ୟର ସବୁ କଲେଜ ହେବ ନିଶାମୁକ୍ତ ଜୋନ୍

ଭୁବନେଶ୍ୱର, ୨।୭(ନି.ପ୍ର.): ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜ ପରିସରକୁ ନିଶାମୁକ୍ତ ଜୋନ୍ କରିବା ପାଇଁ କଡ଼ା ପଦକ୍ଷେପ ନେଇଛି ଉଚ୍ଚଶିକ୍ଷା ବିଭାଗ । ଏଣିକି କୌଣସି କଲେଜର ୫୦୦ ମିଟର ପରିସର ମଧ୍ୟରେ ମଦ, ତମାଖୁ, ମାଦକ ଦ୍ରବ୍ୟ କିମ୍ବା ଅନ୍ୟ କୌଣସି ନିଶାଦ୍ରବ୍ୟ ବିକ୍ରି ହେଉଥିଲେ ତାହାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ଜଣାଇବାକୁ ପଡ଼ିବ । ନ୍ୟାସନାଲ ନାରକୋଟିକ୍ସ କୋଅର୍ଡିନେସନର ନିର୍ଦ୍ଦେଶାବଳୀ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ, ସୁସ୍ଥ ଓ ନିଶାମୁକ୍ତ ଶିକ୍ଷା ପରିବେଶ ସୃଷ୍ଟି ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି ।

## ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ

ଭୁବନେଶ୍ୱର, ୨।୭(ନି.ପ୍ର): କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରସ୍ତାବିତ ଓଡ଼ିଶା ଗସ୍ତ ବାତିଲ ହୋଇଛି । ଜୁଲାଇ ୩ରୁ ୫ ତାରିଖ ମଧ୍ୟରେ ତାଙ୍କର ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିଲା । ତେବେ ବର୍ତ୍ତମାନ ଏହି ଗସ୍ତକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି । ଏନେଇ ବିଜେପିର ରାଜ୍ୟ ସଭାପତି ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁସାରେ, ଅମିତ ଶାହଙ୍କ ବରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାର ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି । ତେବେ ଏହି ଗସ୍ତ ପରବର୍ତ୍ତୀ ସମୟରେ ପୁଣି ଆୟୋଜନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଆସନ୍ତା ଜୁଲାଇ ୪ ତାରିଖରେ ଅମିତ ଶାହ ବରଗଡ଼ରେ ପହଞ୍ଚି ଏକ ବୃହତ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା । ସେହିପରି ସମ୍ବଲପୁରରେ ମଧ ଆଉ ଏକ ଜନସଭାରେ ଯୋଗଦେବା ସହ ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ସାମିଲ ହେବାର ଯୋଜନା ରହିଥିଲା । ଏହାଛଡ଼ା ବରଗଡ଼ରେ ଇଥାନଲ ପ୍ରକଳ୍ପ ସମେତ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ମଧ୍ୟ ଥିଲା । ଗସ୍ତକୁ ନେଇ ବିଜେପିକର୍ମୀମାନେ ବ୍ୟାପକ ପ୍ରସ୍ତୁତି କରିଥିବା ବେଳେ, ହଠାତ୍ ଗସ୍ତ ବାତିଲ ହେବାରୁ ସେହି କାର୍ଯ୍ୟକ୍ରମଗୁଡ଼ିକ ସ୍ଥଗିତ ହୋଇଛି ।

### ସଦାଇପାଲି ବିଧାୟକ ପାଣ୍ଠିରୁ ରାସ୍ତା ନିର୍ମାଣରେ ଚଞ୍ଚକତା ଘଟଣା

## ଦୁର୍ନିତିଖୋର ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ବଲାଙ୍ଗିର,, ୨।୭(ନି.ପ୍ର.): ୨୦୨୪ ମସିହା ପୂର୍ବରୁ ସଦାଇପାଲି - ପାଟଣାଗଡ ବାଇପାସ ରାସ୍ତା ରୁ ନରସିଂହ ନଗର ପର୍ଯ୍ୟନ୍ତ ମାଟିକାମ ରାସ୍ତା ନିର୍ମାଣ ପାଇଁ ୫ଲକ୍ଷ ଅନୁଦାନ, କେସ ରେଡର୍କ ସଂଖ୍ୟା ୯୨୯/୨୦୨୩-୨୪ ଫକିର ମୋହନ ଥାଟିଙ୍କ ନାଁ ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା କିନ୍ତୁ ଏହି ରାସ୍ତା କାମ ନ କରି ଅଭିଯୁକ୍ତମାନେ ଷଡଯନ୍ତ୍ର କରି ଅସାଧୁ ଉପାୟରେ ଅର୍ଥ ଆତ୍ମସାତ କରିଛନ୍ତି ବୋଲି ଅଭିଯୁକ୍ତ ଶ୍ରୀ ଥାଟି ବଲାଙ୍ଗିର ସଦରବ୍ଲକ ବିଡିଓ ହୃଷିକେଶ ଗଣ୍ଡ, ସହକାରୀ ଯନ୍ତ୍ରୀ ନେନସିରାଣୀ ପୁର୍ତ୍ତି , କନିଷ୍ଠ ଯନ୍ତ୍ରୀ ରଶ୍ମିତା ମହାନ୍ତି ଏବଂ ଉନ୍ନୟନ ଶାଖାର ବରିଷ୍ଠ କିରାଣୀ କିଶୋର ଚନ୍ଦ୍ର ବରିହା ଙ୍କ ନାମରେ ବଲାଙ୍ଗିର ସଦରଥାନା ରେ ରିପୋର୍ଟ ପ୍ରଦାନ କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀ ଥାଟି ସୂଚନା ଅଧିକାର ଆଇନ ବଳରେ ଏହି କାର୍ଯ୍ୟର ମାପ ଓ ଚେକ, ମାପ ବୁକ୍, ବିଲ, ଭାଉଚର, ୟୁଟିଲାଇଜେସନ ସାର୍ଟିଫିକେଟ ସହ ଅନ୍ୟାନ୍ୟ ସରକାରୀ ନକଲ ର ରେକର୍ଡ ମାଗିଥିଲେ କିନ୍ତୁ ସଂପୃକ୍ତ କର୍ତ୍ତୃପକ୍ଷ କୌଣସି ରେକର୍ଡ କାର୍ଯ୍ୟାଳୟରେ ନାହିଁ ବୋଲି ଉତ୍ତର ରଖିଥିଲେ । ଆଶ୍ଚର୍ଯ୍ୟ ଲାଗେ ସରକାରୀ ଉନ୍ନୟନ ରେକର୍ଡ ନ ଥିବା ଏ ଅସ୍ୱାଭାବିକ ଘଟଣା । ଏଥିରୁ ସ୍ପଷ୍ଟ ପ୍ରତିତ ହେଉଛି ଯେ ଅଭିଯୁକ୍ତମାନେ ଏହି କାର୍ଯ୍ୟ ସମ୍ବନ୍ଧିୟ ରେକର୍ଡ ଗୁଡିକୁ ଲୁଚାଇଛନ୍ତି, ଚୋରୀ କରିଛନ୍ତି, ନଷ୍ଟ କରିଛନ୍ତି କିମ୍ବା ଅପରାଧର ପ୍ରମାଣ ନଷ୍ଟ କରିବା ପାଇଁ କୃତ୍ରିମ ଭାବରେ ଅଦୃଶ୍ୟ କରିଦେଇଛନ୍ତି ବୋଲି ଶ୍ରୀ ଥାଟି ଜଣାଇଛନ୍ତି । ଆହୁରି ମଧ ଅଭିଯୁକ୍ତମାନେ ସରକାରୀ କର୍ମଚାରୀ ହୋଇ ଜନସାଧାରଣଙ୍କ ଅର୍ଥ ଓ ସମସ୍ତ ରେକର୍ଡ ରକ୍ଷଣାବେକ୍ଷଣ ଦାୟିତ୍ୱରେ ନିଜ ପଦବି ଅପବ୍ୟବହାର କରି ଅର୍ଥ ଆତ୍ମସାତ ଓ ଷଡଯନ୍ତ୍ର ଭଳି ଅପରାଧ କରିଛନ୍ତି । ଏହା ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ସଂପୃକ୍ତ ଧାରା ଅନୁଯାୟୀ ଦଣ୍ଡନିୟ ଏବଂ ସଂଜ୍ଞେୟ ଅପରାଧ ଅଟେ । ଏହି ମର୍ମରେ ଅଭିଯୋଗକାରୀ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୋଲିସର ଦ୍ୱାରସ୍ତ ହେବା ସହ କାର୍ଯ୍ୟାସ୍ଥଳ ପରିଦର୍ଶନ, ସରକାରୀ କାର୍ଯ୍ୟାଳୟରୁ ରେକର୍ଡ ଜବତ ସହ ଅଭିଯୁକ୍ତମାନଙ୍କୁ ପଚାରା ଉଚୁରା କରାଯାଉ ବୋଲି ଅନୁରୋଧ କରିଛନ୍ତି । ତା ସହ ଆତ୍ମସାତ ହୋଇଥିବା ସରକାରୀ ଅର୍ଥ ପାଇଁ ଆଇନଗତ ପଦକ୍ଷେପ ପାଇଁ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ତୁରନ୍ତ ଏଫ୍ଆଇଆର ରୁଜୁ ସହ କେସ ସମ୍ବନ୍ଧିୟ ସମସ୍ତ ରେକର୍ଡ, ଆର୍ଥିକ ଟ୍ରାଙ୍ଗଜେସନ ଏବଂ କାର୍ଯ୍ୟାଦେଶ ସମ୍ବନ୍ଧିୟ ସମସ୍ତ ଫାଇଲ ପୋଲିସ ତରଫରୁ ଜବତ କରାଯାଉ ବୋଲି ଶ୍ରୀ ଥାଟି ପ୍ରାର୍ଥନା କରିଛନ୍ତି ।

# ନିଶାମୁକ୍ତ ଭାରତ ଅଭିଯାନ

ରାଜଗାଙ୍ଗପୁର, ୨।୭(ନି.ପ୍ର): ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନା ର ସିସିଆର କନଫରେନ୍ସ ?ହଲ ପରିସରରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜ ଓ ଦେଶର ବିକାଶ ରେ ଯୁବ ବର୍ଗ ଙ୍କ ଭୁମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ସର୍ବାଧିକ ଯୁବକ ଯୁବତୀ ମାନେ ନିଶାମୁକ୍ତ ଭାରତ ଅଭିଯାନ ରେ ସାମିଲ ହେବା ଆବଶ୍ୟକତା କୁ ନେଇ ନିଶାମୁକ୍ତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ନିଶା ମୁକ୍ତ ସମାଜ ଦିଗରେ ବିଶେଷ କରି ଯୁବକ ଯୁବତୀ ଙ୍କୁ ଆହ୍ୱାନ ଦେଇଥିଲେ ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଙ୍କ ନିଶା ମୁକ୍ତ କାର୍ଯ୍ୟକ୍ରମ ଭିସି ମାଧ୍ୟମରେ ସିଧା ପ୍ରସାରଣ କରାଯାଇ ଓଡ଼ିଶା ପଲ୍ଲୁଶନ କଣ୍ଟ୍ରୋଲ ବୋର୍ଡ ଙ୍କ ନିର୍ଦ୍ଦେଶନାରେ ବିଭିନ୍ନ କାରଖାନା ର ବ୍ଲାଷ୍ଟ ଫରନିଷ ଠାରେ ପୋଲିସ ଅବକାରୀ ବିଭାଗ ପକ୍ଷରୁ ଚଢାଉ ଅଭିଯାନ ରେ ଜବତ କରାଯାଇଥିବା ନିଶାଦ୍ରବ୍ୟ ପ୍ରଦୁଷଣ ନିୟମ ଅନୁସାରେ ପୋଡ଼ା ଯାଇ ୨୦୨୯ ସୁଧା ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସାମୁହିକ ଶପଥ ପାଠ କରାଇଥିଲେ ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲ୍ଲା ଏସପି ଅମ୍ରିତପାଲ କୋର ଡାଲମିଆ ସିମେଣ୍ଟ କାରଖାନା ର କାର୍ଯ୍ୟ ନିର୍ଦ୍ଦେଶକ ଅଧିକାରୀ ଚେତନ ଶ୍ରୀବାସ୍ତବ ଜୀ କେଉଁଝରର ଏସପି ନିତୀଷ କୁଶାଳ କର ଝାରସୁଗୁଡ଼ା ଏସପି ଜିଆର ରଘୁବିନ୍ଦର ରାଉରକେଲା ଏସପି ନୀତେଶ ବଡବାନି ବିଭିନ୍ନ ଜିଲ୍ଲାର

ଅବକାରୀ ଅଧିକାରୀ ତହସିଲଦାର ଜଗବନ୍ଧୁ ମଲିକ୍ ଥାନା ଅଧିକାରୀ ବିଜୟ କିଶୋର ଦାଶ ଡିଏସପି ଶାନ୍ତା ନୂତନ ସାମଦ ବହୁ ପ୍ରଶାସନିକ ଅଧିକାରୀ ଡାଲମିଆ ସିମେଣ୍ଟ କାରଖାନା ପକ୍ଷରୁ ସତ୍ୟଜିତ ଆଚାର୍ଯ୍ୟ ଆଶିଷ ରଞ୍ଜନ ମହାନ୍ତି ବିଜୟ କେତନ ଦାସ ବିଭିନ୍ନ ସ୍କୁଲ କଲେଜ ଏନସିସି ଛାତ୍ର ଛାତ୍ରୀ ଏମଡି ଇରଫାନ ବରିଷ୍ଠ ନାଗରିକ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ଙ୍କ ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ନାଗରିକ ଉପସ୍ଥିତ ଥିଲେ ।

## ରାଜଗାଙ୍ଗପୁର ଜିଲ୍ଲା ଉପ ସଭାପତିଙ୍କୁ ସ୍ୱାଗତ

ରାଜଗାଙ୍ଗପୁର , ୨।୭(ନି.ପ୍ର.): ରାଜଗାଙ୍ଗପୁର ସହର ର ଅରବ ଭଦ୍ର ଖତକୁଳବାହାଲ ଅଞ୍ଚଳର ହେମନ୍ତ ନାଗ କାଂସବାହାଲ ର ଅଞ୍ଚଳର ଯୁବ ସକ୍ରିୟ ବିଜେପି ନେତା ସତ୍ୟନାରାୟଣ ସତପଥି ଙ୍କୁ ବିଜେପି ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ ଜିଲ୍ଲା ଯୁବା ମୋର୍ଚ୍ଚା ସଭାପତି ରଜତ କୁମାର ପଟେଲ ଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସୁନ୍ଦରଗଡ଼ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଉକ୍ତ ତିନି ନବ ନିଯୁକ୍ତି ନେତା ଆଶିର୍ବାଦ ଗ୍ରହଣ ପାଇଁ ଭାରତ ପ୍ରସିଦ୍ଧ ଘୋଗର ଧାମ ଶିବ ମନ୍ଦିର ରେ ପୂଜା ଅର୍ଚ୍ଚନା କରି ଜିଲ୍ଲା ରେ ତୃଣ ମୂଳ ସ୍ତରରେ ବିଜେପି ଦଳର ଆଦର୍ଶ ନୀତି ନିୟମ ରାଜ୍ୟ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରିତା ଉନ୍ନତି ବିକାଶ ସମ୍ବନ୍ଧୀୟ ଜନସାଧାରଣ ଙ୍କୁ ଘରେ ଘରେ ଅବଗତ କରାଇବେ ବୋଲି ନିଜର ମତାମତ ଉପସ୍ଥାପନ କରିଥିଲେ ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଉପବାଚସ୍ପତି ଭବାନି ଶଙ୍କର ଭୋଇ ଯୁବା ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ରଜତ ପଟେଲ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ ଙ୍କୁ ଅଶେଷ ଅଶେଷ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରେ ରାଜଗାଙ୍ଗପୁର ଟାଉନ ବିଜେପି ମଣ୍ଡଳ ସଭାପତି ରାଜନ୍ ସୋନି ବ୍ଲକ ସଭାପତି ଦୀପକ ଏକ୍କା ବରିଷ୍ଠ ନେତ୍ରୀ ଗାଂଗୀ କିଣ୍ଡୋ ଙ୍କ ସହ ଶତାଧିକ କର୍ମକର୍ତ୍ତା ତିନି ନବ ନିଯୁକ୍ତି ଜିଲ୍ଲା ଯୁବା ମୋର୍ଚ୍ଚା ଉପ ସଭାପତି ଙ୍କୁ ରାଜଗାଙ୍ଗପୁର ପାଛୋଟି ନେଇଥିଲେ ।

# ରାଜଗାଙ୍ଗପୁର ସହରରେ ବନମହୋତ୍ସବ ପାଳନ

ରାଜଗାଙ୍ଗପୁର , ୨।୭(ନି.ପ୍ର): ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ ଓ ରାଜ୍ୟ ପୋଲିସ୍ ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଡାଲମିଆ ସିମେଣ୍ଟ ସିସିଆର ବିଲଡିଂଗ ନିକଟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ କାରଖାନା ର କାର୍ଯ୍ୟ ନିର୍ଦ୍ଦେଶକ ଅଧିକାରୀ ଚେତନ ଶ୍ରୀବାସ୍ତବ ଜୀ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୋର କେଉଁଝରର ଏସପି ନିତୀଷ କୁଶାଳ କର ଝାରସୁଗୁଡ଼ା ଏସପି ଜିଆର ରଘୁବିନ୍ଦର ରାଉରକେଲା

ଏସପି ନୀତେଶ ବଡବାନି ଥାନା ଅଧିକାରୀ ବିଜୟ କିଶୋର ଦାଶ ଡିଏସପି ଶାନ୍ତା ନୂତନ ସାମଦ ତହସିଲଦାର ଜଗବନ୍ଧୁ ମଲିକ୍ ସ୍ଥାନୀୟ ତଥା ଜିଲ୍ଲା ର ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡାଲମିଆ ସିମେଣ୍ଟ କାରଖାନା ର କର୍ମଚାରୀ ଏନସିସି ଛାତ୍ର ଛାତ୍ରୀ ବରିଷ୍ଠ ନାଗରିକ ଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକାରର ବୃକ୍ଷ ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ସୁନ୍ଦର ସୁସ୍ଥ ସମାଜ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ମୃତ୍ତିକା ସଂରକ୍ଷଣ ଜଳ ବାୟୁମଣ୍ଡଳ ନିର୍ମଳ ନିମନ୍ତେ ସମସ୍ତ ଙ୍କୁ ଜୀବନ ରେ ଗୋଟିଏ ଗୋଟିଏ ଗଛ ରୋପଣ ପାଇଁ ଉତ୍ସାହିତ କରାଯାଇଥିଲା ।

# ପ୍ରତି ବୁଥରେ ମହିଳା କଂଗ୍ରେସର ବୁଥ କମିଟି

ଭୁବନେଶ୍ୱର, ୨।୭(ନି.ପ୍ର.): ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲା ମହିଳା କଂଗ୍ରେସର ସାଙ୍ଗଠନିକ ବୈଠକ ସାଲିଆ ସାହିର ବାଜପେୟ ନଗରସ୍ଥିତ କମ୍ୟୁନିଟ୍ ସେ ରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ମହିଳା କଂଗ୍ରେସର ସମ୍ପାଦିକା ଶ୍ରୀମତୀ ରୀତା ପଣ୍ଡା ଯୋଗ ଦେଇ କହିଲେ ଯେ, ଖୁବ୍‌ଶୀଘ୍ର ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର ଜିଲ୍ଲା କମିଟି, ବ୍ଲକ କମିଟି ଓ ବୁଥ୍ କମିଟି ଗଠନ ହେବ । ଭୁବନେଶ୍ୱରରେ ମହିଳା ମାନଙ୍କର ସୁରକ୍ଷା, ବସ୍ତି ବାସିନ୍ଦାଙ୍କ ଦୂରାବସ୍ଥା, ବିପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ଓ ଡ୍ରେନ ସମସ୍ୟା ଆରମ୍ଭ କରି ଉଠା ଦୋକାନୀଙ୍କ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ମହିଳା କଂଗ୍ରେସ ସାଧାରଣ ଜନତାର ଅଧିକାର ଓ ସୁରକ୍ଷା ପାଇଁ ଲଢ଼େଇ କରିବ । ବିଶେଷ କରି ଭୁବନେଶ୍ୱରରେ ମହିଳାମାନଙ୍କର ଅଧିକାର ଏବଂ ମହିଳାମାନଙ୍କର ଯେଉଁ ସମସ୍ୟା ରହିଛି ତାକୁ ସମାଧାନ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ ହେବ । ଦୁର୍ଦ୍ଦଶାଗ୍ରସ୍ତ ମହିଳାମାନଙ୍କ ପାଖକୁ ମହିଳା କଂଗ୍ରେସ ନେତ୍ରୀମାନେ ଯାଇ ତାଙ୍କୁ ସାହାଯ୍ୟ ଯୋଗାଇଦେବେ । ମହିଳାମାନଙ୍କର ଅଧିକାର ପାଇଁ ଭୁବନେଶ୍ୱରରେ ଗଣବିପ୍ଳବ କରିବା ପାଇଁ ଜିଲ୍ଲା ମହିଳା କଂଗ୍ରେସ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ । ଏହି କାର୍ଯ୍ୟକ୍ରମରେ ୩୩ପ୍ରତିଶତ ମହିଳା ସଂରକ୍ଷଣ ପାଇଁ ଦସ୍ତଖତ ଅଭିଯାନ ଏବଂ ମିସ୍‌ଡକଲ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

ଆଜି ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଅଖିଳ ଭାରତ ମହିଳା କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦିକ ଶ୍ରୀମତୀ ରୀତା ପଣ୍ଡା ଏବଂ ପ୍ରଦେଶ ମହିଳା କଂଗ୍ରେସ ଗଣମାଧ୍ୟମର ଅଧକ୍ଷା ଶ୍ରୀମତୀ ଜୟସ୍ମିତା ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାରେ ନାରୀମାନଙ୍କ ସମସ୍ୟା ଏବଂ ରାଜ୍ୟ ବିଜେପି ସରକାରର ଉଦାସୀନତା ସଂପର୍କରେ ଆଲୋକପାତ କରିଥିଲେ ।

ଶ୍ରୀମତୀ ପଣ୍ଡା କହିଥିଲେ ଯେ ବିଜେପି ଦଳ ମହିଳାଙ୍କୁ ସୁରକ୍ଷା ଏବଂ ସ୍ୱାବଲମ୍ବି କରିବେ ବୋଲି ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ

ମହିଳାମାନଙ୍କ ସ୍ୱାର୍ଥ ପ୍ରତି ସଂପୂର୍ଣ୍ଣ ଅଣଦେଖା କରିଛନ୍ତି । ଓଡ଼ିଶାରେ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମ ଶିକାର ହେଉଥିବାବେଳେ ପ୍ରଶାସନ ପୀଡିତାକୁ ନ୍ୟାୟ ଦେବାରେ ଉଦାସୀନତା ପ୍ରଦର୍ଶନ କରୁଛି । ଓଡ଼ିଶାରେ ୬୦ ହଜାର ମହିଳା ଓ ଶିଶୁ ନିଖୋଜ ଥିବାବେଳେ ସେମାନଙ୍କୁ ଖୋଜିବାକୁ ସରକାର ଚିନ୍ତିତ ନୁହଁନ୍ତି । ସରପଞ୍ଚ ଚାମେଲୀ ଓଝା ଘଟଣାରେ ସ୍ଥାନୀୟ ବିଧାୟକ, ବିଡିଓ, ଥାନା ଅଧିକାରୀଙ୍କ ଉପରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଜଣେ ମହିଳା ସରପଞ୍ଚ ନିଜ ପଞ୍ଚାୟତର କାର୍ଯ୍ୟ କରିବା ପାଇଁ ବିଡିଓଙ୍କ ପାଖରେ ଦାବୀ କରୁଥିବାବେଳେ ବିଜେପିର ଗୁଣ୍ଡାମାନେ ତାଙ୍କୁ ଆକ୍ରମଣ କରିଥିଲେ । ସେତେବେଳେ ସମଗ୍ର ମୋହନ ସରକାର ଚାମେଲୀ ଓଝାଙ୍କର ନିବେଦନ ଏବଂ ଗୁହାରିକୁ ଅଣଦେଖା କରିଥିଲେ । ସେହିପରି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏ.ବି.ଭି.ପିର ଛାତ୍ରମାନଙ୍କର ଚାପରେ ଉକ୍ତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିଥିଲା । ଏପରି ଅନେକ ଘଟଣା ମୋହନ ମାଝୀଙ୍କର ମହିଳା ବିରୋଧିନୀତିକୁ ପଦାରେ ପକାଇଛି ।

ଲୋକସଭାରେ ଏବଂ ବିଧାନସଭାରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ତୁରନ୍ତ ଲାଗୁ କରିବା ପାଇଁ ମହିଳା କଂଗ୍ରେସ କ୍ରମାଗତ ଦାବୀ କରିଆସୁଛି । ମାତ୍ର ବିଜେପି ସରକାର ବିଭିନ୍ନ ଆଳରେ ଏହାକୁ କରାଇ ଦେଉନାହିଁ । ତେଣୁ ମୟୂରଭଞ୍ଜ, ବାଲେଶ୍ୱର ଓ ନୟାଗଡ ଜିଲ୍ଲାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ୨ ଜୁଲାଇ ରୁ ୪ ଜୁଲାଇ ତାରିଖ ପର୍ଯ୍ୟନ୍ତ ଯେଉଁକାର୍ଯ୍ୟକ୍ରମ ରହିଛି ଏଥିରେ ମହିଳା ସଂରକ୍ଷଣ ମୁଖ୍ୟ ପ୍ରସଙ୍ଗ ବୋଲି ଶ୍ରୀମତୀ ପଣ୍ଡା କହିଛନ୍ତି । ଏହି ଅବସରରେ ମହିଳା କଂଗ୍ରେସ ମିଡ଼ିଆ ବିଭାଗର ଅଧକ୍ଷା ଶ୍ରୀମତୀ ମହାନ୍ତି କହିଲେ ଯେ, ପ୍ରଥମ ରୁ ଅଷ୍ଟମ ପର୍ଯ୍ୟନ୍ତ ସରକାରୀ ପାଠ୍ୟ ପୁସ୍ତକରେ ରାଜ୍ୟ ସରକାର ଯେଉଁ ସାଙ୍ଘାତିକ ତ୍ରୁଟିକରିଛନ୍ତି ସେଥିରେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଓଡ଼ିଆ ଜାତିର ସମ୍ମାନକୁ ଚରମ ଅପମାନଦିଆଯାଇଛି । ଆମେ ପିଲାବେଳେ "ତୁମ ପରି ଛୋଟ ପିଲାଟିଏ", "ନିଧିବୁଢ଼ା ବାଡିପଟେ ପଡିଛି ବିଚାର" ପ୍ରଭୃତି ଶିକ୍ଷଣୀୟ ଗୀତ ପାଠ୍ୟ ପୁସ୍ତକରେ ପଢୁଥିବାବେଳେ ଏବେହିନ୍ଦୀ ସିନେମା ଗୀତ "ନିମ୍ବୋଡା ନିମ୍ବୋଡା" ସ୍ଥାନିତ ହେବା ଦୁର୍ଭାଗ୍ୟଜନକ । ସେହିଭଳିସମଗ୍ର ପୁସ୍ତକରେ ୨୨ ହଜାର ଭୁଲ୍ ପରିଲେକ୍ଷିତ ହୋଇଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ